


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-232 BHUBANESWAR FRIDAY 16 FEBRUARY 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୨୩୨ ଭୁବନେଶ୍ୱର ଶୁକ୍ରବାର ୧୬ ଫେବୃଆରୀ ୨୦୨୪ ପୃଷ୍ଠା-୧୬ ଟ.୬.୦୦





ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-232 ♦BHUBANESWAR ♦FRIDAY ♦16 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୬ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

# ନିର୍ବାଚନ ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ମାଗଣା ଚିକିତ୍ସା

■ **ଭୁବନେଶ୍ୱର, ୧୫।୨ (ସମିସ):** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବଡ଼ ନିଷ୍ପତ୍ତି ନେଇଛି। ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମାଗଣା ତଥା ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁକ୍ତ ତଥା ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସକେୱାଇ'ରେ ଅନୁବନ୍ଧିତ ହୋଇଥିବା ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଫଳରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅବଜରଭରଙ୍କଠାରୁ ଆରମ୍ଭ କରି ପୋଲିଂ ଓ ପୁଲିସ କର୍ମଚାରୀ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ ମାଗଣା ଚିକିତ୍ସା ସେବା। ଏଥିପାଇଁ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗ ନିକଟରେ ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ ନିଜ ନିଜର ବିଲ୍ ପାଇଁ ଆବେଦନ କରିପାରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-232 ♦BHUBANESWAR ♦FRIDAY ♦16 FEBRUARY 2024 ♦PAGE-16 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୬ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ୨ କଲରାପତରିଆ ବାଘଛାଲ ଜବତ; ଶିକାରୀ ଗିରଫ

■ **ଭୁବନେଶ୍ୱର, ୧୫।୨ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳରୁ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଦୁଇଟି କଲରାପତରିଆ ବାଘଛାଲ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ଜଣେ ଶିକାରୀକୁ ଗିରଫ କରିଛି। ସେ ହେଲା, ଦେବଗଡ଼ ଜିଲା ଲାଇମୁରା ଥାନା ପାହାଡ଼ମରା ଗାଁର ସଂକୀର୍ତ୍ତନ ମୁଣ୍ଡ। ସୂଚନାଯୋଗ୍ୟ, ସଂକୀର୍ତ୍ତନ ଏହି ବାଘଛାଲ ଦୁଇଟିକୁ ବିକ୍ରି କରିବା ପାଇଁ ଯୋଜନା କରୁଥିବା ନେଇ ଏସ୍‌ଟିଏଫ୍ ଏକ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ଏହାକୁ ଆଧାର କରି ଏସ୍‌ଟିଏଫ୍‌ର ଏକ ଟିମ୍ ସେଠାରେ ଡେରା ପକାଇଥିଲା। ତେବେ ଡିଲ୍ ସମୟରେ ସ୍ଥାନୀୟ ବାମରା ଜଙ୍ଗଲ ଉପଖଣ୍ଡ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତ ସଂକୀର୍ତ୍ତନକୁ କାବୁ କରାଯାଇଥିଲା। ପରେ ଏସ୍‌ଟିଏଫ ତାକୁ ହେପାଜତକୁ ନେଇ ଜେରା କରିଥିଲା। ତା' ବୟାନକୁ ଆଧାର କରି ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଏସ୍‌ଟିଏଫ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତ ସଂକୀର୍ତ୍ତନ ଜଣେ ପେସାଦାର ଶିକାରୀ। ସେ ଜଙ୍ଗଲରେ ଫାଶ ବସାଇ ଜନ୍ତୁ ଶିକାର କରିଥାଏ। ପରେ ତା'ର ଚମଡ଼ା, ଦାନ୍ତ ଏବଂ ନଖକୁ ରାଜ୍ୟ ବାହାରକୁ ଚାଲାଣ କରି ଲକ୍ଷାଧିକ ଟଙ୍କା ରୋଜଗାର କରିଥାଏ।

# ନିର୍ବାଚନୀ ବଣ୍ଡ ଅସିଦ୍ଧ

### ବଣ୍ଡ ମାଧ୍ୟମରେ ଚାନ୍ଦା ଗ୍ରହଣକୁ ଅସାମ୍ବିଧାନିକ କହିଲେ ସର୍ବୋଚ୍ଚ ନ୍ୟାୟାଳୟ

### ସୂଚନା ଅଧିକାର ଆଇନ, ଅଭିବ୍ୟକ୍ତି ସ୍ୱାଧୀନତା ଓ ବ୍ୟକ୍ତିଗତ ପରିପ୍ରକାଶର ଉଲ୍ଲଂଘନ

### ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



■ **ନୂଆଦିଲ୍ଲୀ, ୧୫।୨ (ଏଜେନ୍ସି):** ରାଜନୈତିକ ସ୍ତରରେ ଚାନ୍ଦା ସଂଗ୍ରହ ପାଇଁ ରହିଥିବା ନିର୍ବାଚନୀ ବଣ୍ଡ (ଇଲେକ୍‌ଟୋରାଲ ବଣ୍ଡ) ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ନିର୍ବାଚନୀ ବଣ୍ଡକୁ ସର୍ବୋଚ୍ଚ ନ୍ୟାୟାଳୟ ଅସାମ୍ବିଧାନିକ ବୋଲି କହିବା ସହ ଏହା ସୂଚନା ଅଧିକାର ଆଇନର ବିରୋଧ ବୋଲି କହିଛନ୍ତି। ସେହିପରି ଏହି ବ୍ୟବସ୍ଥା ସମ୍ବିଧାନ ଧାରା ୧୯(୧)(କ) ବ୍ୟକ୍ତିଗତ ଅଭିବ୍ୟକ୍ତିର ମଧ୍ୟ ପରିପନ୍ଥୀ ବୋଲି ଗୁରୁବାର ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।

ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକ କର୍ପୋରେଟ୍ ହାଉସଗୁଡ଼ିକରୁ ନିର୍ବାଚନୀ ବଣ୍ଡ ସ୍କିମ ଜରିଆରେ ଚାନ୍ଦା ବା ଦାନ ଗ୍ରହଣ କରୁଛନ୍ତି, ଯେଉଁଥିରେ ଦାତାଙ୍କ ପରିଚୟ ଗୋପନ ରଖାଯିବା ନିମନ୍ତେ ବ୍ୟବସ୍ଥା ରହିଛି। କିନ୍ତୁ ଏହା ସୂଚନା ଅଧିକାର ଆଇନ ଏବଂ ଅଭିବ୍ୟକ୍ତି ତଥା ବ୍ୟକ୍ତିଗତ ପରିପ୍ରକାଶକୁ ଉଲ୍ଲଂଘନ କରୁଛି। ଏଭଳି ଗୋପନ ଚାନ୍ଦା ଗ୍ରହଣ ବେଆଇନ। କେବଳ ନିର୍ବାଚନୀ ବଣ୍ଡ ନୁହେଁ, ୨୦୧୮ରେ ନିର୍ବାଚନୀ ବଣ୍ଡ ଯୋଜନା ଆରମ୍ଭ ହେବା ପୂର୍ବରୁ ବିତ୍ତୀୟ ଆଇନ, ୨୦୧୬ ଏବଂ ୨୦୧୭ରେ ସଂଶୋଧନ ଆଣି ରାଜନୈତିକ ଦଳଗୁଡିକ କର୍ପୋରେଟ୍ କ୍ଷେତ୍ରରୁ ଯେଭଳି ଚାନ୍ଦା ସଂଗ୍ରହ କରୁଥିଲେ ତାହାକୁ ମଧ୍ୟ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ବିତ୍ତୀୟ ଆଇନ ୨୦୧୬ ଏବଂ ୨୦୧୭ରେ ସଂଶୋଧନ ପୂର୍ବରୁ ପ୍ରତ୍ୟେକ ରାଜନୈତିକ ଦଳ ପାଉଥିବା ଚାନ୍ଦା କିମ୍ବା ଦାନ ସମ୍ପର୍କରେ ଘୋଷଣା କରିବାର ପ୍ରକ୍ରିୟା ପୃଥକ ରହିଥିଲା। କୌଣସି ଦଳ ୨୦ ହଜାର ଟଙ୍କାରୁ ଅଧିକ ଚାନ୍ଦା ସଂଗ୍ରହ କରିଥିଲେ ଏ ସମ୍ପର୍କରେ ସାର୍ବଜନୀକ ସ୍ତରରେ ଘୋଷଣା କରିବାର ପ୍ରାବଧାନ ରହିଥିଲା। ୨୦ ହଜାର ଟଙ୍କାରୁ ଅଧିକ ଚାନ୍ଦା ପାଉଥିବା ଦଳ ପ୍ରତ୍ୟେକ ଦାନ ରାଶିର ଟିକିନଖି ହିସାବ ରଖିବା ସହିତ ଟିକସ ଭରଣା ପାଇଁ ମଧ୍ୟ ବ୍ୟବସ୍ଥା ରହିଥିଲା। ସେହିପରି ଗୋଟିଏ ଆର୍ଥିକ ବର୍ଷରେ ଏକ କମ୍ପାନୀ କେତେ ପରିମାଣର ରାଜନୈତିକ ଚାନ୍ଦା ଦେଇପାରିବ ତାହା ମଧ୍ୟ ନିର୍ଦ୍ଧାରିତ ଥିଲା। ବିତ୍ତୀୟ ଆଇନ ସଂଶୋଧନ ପୂର୍ବରୁ ଗୋଟିଏ କମ୍ପାନୀ ନିଜ ଲାଭ ପରିମାଣର ▶ପୃଷ୍ଠା-୯

# ଯୋଗାଯୋଗ ହିଁ ବିକାଶ ଓ ଅର୍ଥନୀତିର ମୁଖ୍ୟ ଆଧାର

## ୧୩ ଜିଲ୍ଲାରେ ୨୦ 'ଆମ ବସ୍ ଷ୍ଟାଣ୍ଡ' ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୨ (ସମିସ):** ଯୋଗାଯୋଗ ହେଉଛି ବିକାଶର ଆଧାର। ଏହା ଆମ ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁଠୁ ସହର ସବୁଆଡ଼େ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। '୫-ଟି' ଉପକ୍ରମରେ ଆମର ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନର ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡ଼ାଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି। ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢ଼ିବା ସହ ଚାଷୀ ଭାଇ ଭଉଣୀମାନେ ଲାଭବାନ ହେବେ ଓ ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ଗୁରୁବାର 'ଆମ ବସ୍ ଷ୍ଟାଣ୍ଡ' ଯୋଜନାରେ ୧୩ଟି ଜିଲ୍ଲାରେ ୨୦ଟି ନବନିର୍ମିତ ବସ୍ ଷ୍ଟାଣ୍ଡ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

'ଆମ ବସ୍ ଷ୍ଟାଣ୍ଡ' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ଧିରେଧିରେ ବିକଶିତ ହେବ ଏବଂ ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବା ସହ ସାଧାରଣ ପରିବହନ ଭିତ୍ତିଭୂମିକୁ ମଜବୁତ୍ କରିବ। ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର ପାଇଁ ଜନସାଧାରଣଙ୍କୁ ସଚେତନତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଥମ ପର୍ଯ୍ୟାୟରେ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଆଦି ଜିଲ୍ଲା ସାମିଲ ହୋଇଛି।




ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ବସ୍‌ଷ୍ଟାଣ୍ଡ ଗୁଡ଼ିକ ଆପଣମାନଙ୍କର ସମ୍ପତ୍ତି, ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଆପଣଙ୍କ ଦାୟିତ୍ୱ: ପାଣ୍ଡିଆନ

ଏହି ଅବସରରେ ଆଭାସୀ ମାଧ୍ୟମରେ ଭାଗନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ନୂଆପଡାଠାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ମୁନିଗୁଡାଠାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ହରଭଙ୍ଗାଠାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ନୂଆ ବସ୍ ଷ୍ଟାଣ୍ଡ ମାଧ୍ୟମରେ ଜନସାଧାରଣଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରାଯାଇଛି ଏବଂ ଏହି ବସ୍ ଷ୍ଟାଣ୍ଡଗୁଡିକ ରାଜ୍ୟର ପରିବହନ ସେବା କ୍ଷେତ୍ରରେ ମାଇଲଖୁଣ୍ଟ ବୋଲି ସେମାନେ କହିଥିଲେ।

କାର୍ଯ୍ୟକ୍ରମକୁ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରି କହିଥିଲେ ଯେ ଗୋଟିଏ ସହରର ପରିଚୟ ସୃଷ୍ଟି ପାଇଁ ବସ୍ ଷ୍ଟାଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହି ବସ୍ ଷ୍ଟାଣ୍ଡ ଗୁଡ଼ିକ ଆପଣମାନଙ୍କର ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବେ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥି ସହିତ ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ '୫-ଟି' ଉପକ୍ରମରେ ନିଆଯାଇଥିବା ବିଭିନ୍ନ ▶ପୃଷ୍ଠା-୯

### ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି

## ଅଙ୍ଗଦାତାଙ୍କୁ 'ରାଷ୍ଟ୍ରୀୟ ସମ୍ମାନ'

■ **ଭୁବନେଶ୍ୱର, ୧୫।୨ (ସମିସ):** ରାଜ୍ୟରେ ଅଙ୍ଗଦାନ ପ୍ରକ୍ରିୟାକୁ ବ୍ୟାପକ କରିବା ପାଇଁ ଜନ ସଚେତନତା ଓ ସହଭାଗିତାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଅନ୍ୟର ଜୀବନ ବଞ୍ଚାଇବାର ମହତ ପ୍ରୟାସକୁ ମାନ୍ୟତା ଦିଆଯାଇଛି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି। ସମାଜକୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ ରାଜ୍ୟ ଅଙ୍ଗ ଓ ଟିସ୍ୟୁ ପ୍ରତ୍ୟାରୋପଣ ସଂଗଠନ (ସୋଟ୍ଟୋ) ପ୍ରତିଷ୍ଠା କରିଛନ୍ତି।

ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା।




ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥି ସହିତ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କ ନିକଟତମ ଆତ୍ମୀୟଙ୍କୁ ସମ୍ମାନିତ ମଧ୍ୟ କରୁଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ

ଅଙ୍ଗଦାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶରୀର ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡଃ ପ୍ରଭାସ ଆଚାର୍ଯ୍ୟ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଅଙ୍ଗଦାନ ସଚେତନତା ▶ପୃଷ୍ଠା-୯

### ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ଚାଳକ ଓ ଇଏମ୍‌ଟିଙ୍କୁ ୫୦୦୦ ସ୍ୱତନ୍ତ୍ର ଭତ୍ତା

■ **ଭୁବନେଶ୍ୱର, ୧୫।୨ (ସମିସ):** ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ସ୍ୱତନ୍ତ୍ର ଭତ୍ତା। ଜୀବନ ରକ୍ଷାକାରୀ ସେବାରେ ନିୟୋଜିତ ରହୁଥିବା ଚାଳକ, ଜରୁରୀକାଳୀନ ମେଡିକାଲ ଟେକ୍ନିସିଆନ୍ (ଇଏମ୍‌ଟି) ଓ ହେଲପର୍‌ମାନଙ୍କୁ ସେମାନଙ୍କର ଦରମା ସହ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯିବ। ନୂଆ ନିଷ୍ପତ୍ତି ଅନୁସାରେ ଫେବୃଆରୀ ମାସରୁ ଆମ୍ବୁଲାନ୍ସ ଚାଳକ ଓ ଜରୁରୀକାଳିନ ମେଡିକାଲ ଟେକ୍ନିସିଆନ୍‌ମାନଙ୍କୁ ଦରମା ସହିତ ସ୍ୱତନ୍ତ୍ର ଭତ୍ତା ବାବଦକୁ ୫୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ସହିତ ହେଲ୍‌ପରମାନଙ୍କୁ ୩୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅର୍ଥ ରାଜ୍ୟ ସରକାରଙ୍କ ପାଣ୍ଠିରୁ ବହନ କରାଯିବ ବୋଲି ଜଣାପଡ଼ିଛି।




ହେଲ୍‌ପରଙ୍କୁ ମିଳିବ ୩୦୦୦ ଟଙ୍କା

ମାର୍ଚ୍ଚ ୨୦୧୩ ଠାରୁ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଓଡିଶାବାସୀଙ୍କ ପାଇଁ ଜୀବନରେଖା ଭଳି କାର୍ଯ୍ୟ କରୁଛି। ବର୍ତ୍ତମାନ ରାଜ୍ୟରେ ୪୧୧ ଏଏଲ୍‌ଏସ୍ (ଆଡଭାନ୍ସ ଲାଇଫ ସପୋର୍ଟ) ଆମ୍ବୁଲାନ୍ସ ଏବଂ ୬ ଟି ବୋଟ୍ ଆମ୍ବୁଲାନ୍ସ ସହିତ ମୋଟ୍ ୧୩୬୬ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କ ସେବା ପାଇଁ ନିୟୋଜିତ ରହିଛି। ଏହି ▶ପୃଷ୍ଠା-୯

### 'ସ୍ୱୟମ୍' ମାର୍ଗଦର୍ଶିକା ଜାରୀ

## ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ ୫୦ ହଜାର ସହରୀ ଯୁବକ

■ **ଭୁବନେଶ୍ୱର, ୧୫।୨ (ସମିସ):** ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବସବାସ କରୁଥିବା ବେରୋଜୋଗାରୀ ଯୁବକ/ଯୁବତୀଙ୍କ ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସ୍ୱୟମ୍ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ବ୍ୟାଙ୍କ ଋଣ ପ୍ରଦାନ କରାଯିବ। ଅତଏବ ସହରାଞ୍ଚଳରେ ଏହି ଯୋଜନାର କିପରି ସଠିକ୍ ଭାବେ କାର୍ଯ୍ୟନ୍ୱୟନ ହେବ ସେନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ▶ପୃଷ୍ଠା-୯

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କମିଟି

### ନବୀନ କହିଲେ ଲୋକପ୍ରିୟତା ଓ ୨୪ବର୍ଷ ଧରି ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ହେବାର ରହସ୍ୟ

## ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ

■ **ଭୁବନେଶ୍ୱର,୧୫।୨(ସମିସ):** କ୍ରମାଗତ ୫ ପାଳି ସରକାର। ଅଢ଼େଇ ଦଶନ୍ଧି ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏହି ବିଶାଳ କାଳଖଣ୍ଡରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି। ବିଭିନ୍ନ ସର୍ବେକ୍ଷଣରେ ନିଜ ରାଜ୍ୟରେ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକଙ୍କ ସ୍ଥିତି ବଜାୟ ରହିଛି। ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କ ଉପରେ କେବଳ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିନାହାନ୍ତି; ତାଙ୍କୁ ରାଜ୍ୟ ତଥା ଦେଶର ସବୁଠୁ ଲୋକପ୍ରିୟ ନେତାର ମାନ୍ୟତା ଦେଇଛନ୍ତି। ନିକଟରେ ଅନୁଷ୍ଠିତ ସର୍ବେକ୍ଷଣରେ ମଧ୍ୟ ନବୀନ ଏକ ନମ୍ବର ସ୍ଥାନରେ ରହିଛନ୍ତି । ଆତ୍ମପ୍ରଚାରରୁ ଦୂରରେ ରହି କେବଳ ସାଧାରଣ ଲୋକଙ୍କ ପାଇଁ ସମର୍ପିତ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଖୋଲିଛନ୍ତି ତାଙ୍କ ସଫଳତାର ରହସ୍ୟ। ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଅନୌପଚାରିକ ଆଲୋଚନା ସମୟରେ ଏହା ପ୍ରକାଶ କରିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ।



ନିକଟରେ ଜାତୀୟ ଗଣମାଧ୍ୟମ 'ଇଣ୍ଡିଆ ଟୁଡ଼େ'ର ସର୍ବେକ୍ଷଣରେ ଦେଶର ଶ୍ରେଷ୍ଠ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ସ୍ଥାନ ପାଇଛନ୍ତି ନବୀନ ପଟ୍ଟନାୟକ। ଏହି ଲୋକପ୍ରିୟତାର ରହସ୍ୟକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ପିଲାଟିଏ ▶ପୃଷ୍ଠା-୯

### ଲୋକକଥା



ବିଜେପିରେ ଫାଟ ନିଇତି ବଢୁଛି
ଆଗକୁ ଆହୁରି ଅଛି,
ଦଳ ସ୍ଥିତି ଯାହା ରାଇଜରେ ଏବେ
କାଟନ୍ତି ଆପଣା ଗୋଛି !
ଭୋଅଟ ତ ଆସୁଅଛି,
ଯେଭଳି ଚାଲିଛି ଗତିରୀତି ତାଙ୍କ
ହୋଇଯିବେ କି ସେ ପୋଛି !!

### ବ୍ୟାପକ ହେବ ଅକ୍ଷୟ ଶକ୍ତିର ବ୍ୟବହାର

## ସୌରଶକ୍ତିସମ୍ପନ୍ନ ହେବ ସରକାରୀ କାର୍ଯ୍ୟାଳୟ

■ **ଭୁବନେଶ୍ୱର, ୧୫।୨ (ସମିସ):** ରାଜ୍ୟରେ ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଉତ୍ପାଦନ ଓ ବ୍ୟବହାରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧିନରେ ୨୦୩୦ ସୁଦ୍ଧା ରାଜ୍ୟରେ ପ୍ରାୟ ୧୧୦୦୦ ମେଗାୱାଟ ସବୁଜ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହିକ୍ରମରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସୌରଶକ୍ତି ସମ୍ପନ୍ନ କରାଯିବ। ଭିତ୍ତିଭୂମି ନିର୍ମାଣକୁ ଗୁରୁତ୍ୱ ଦିଆଯିବା ସହ ଖୁବ୍‌ଶୀଘ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଆସନ୍ତା ମାର୍ଚ୍ଚ ମାସରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇ ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।



ମାର୍ଚ୍ଚରେ ଆରମ୍ଭ; ଡିସେମ୍ବରରେ ସରିବ ପ୍ରକ୍ରିୟା

ଭିତ୍ତିଭୂମି ନିର୍ମାଣକୁ ଗୁରୁତ୍ୱ; ଖୁବ୍‌ଶୀଘ୍ର ଖସଡ଼ା ପ୍ରସ୍ତୁତି

ଉତ୍ପାଦନ ଓ ପରିବହନ ପାଇଁ ୧୩୪୫ କୋଟି ଖର୍ଚ୍ଚ

ସୂଚନା ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ରାଜ୍ୟ ଶକ୍ତି ବିଭାଗ ନିଷ୍ପତ୍ତି ନେଇଛି। ପାୱାର ଗ୍ରୀଡ କର୍ପୋରେସନ ଲିମିଟେଡ ଏହି ପ୍ରକଳ୍ପ କାର୍ଯ୍ୟରେ ସହଯୋଗ କରିବ। କାର୍ଯ୍ୟାଳୟ ଚିହ୍ନଟ ସହ କେତେ ଅଞ୍ଚଳରେ ସୌର ପ୍ୟାନେଲ ଲାଗିବ ତା'ର ଆକଳନ କରାଯିବ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରୀଡ୍‌କୋ, ଓରେଡା ଏବଂ ରାଜ୍ୟର ବିତରକ କମ୍ପାନୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ପ୍ରାଥମିକ ଆଲୋଚନା ସରିଛି। କେବଳ ସୌରଶକ୍ତି ନୁହେଁ, ବିଭିନ୍ନ ଅକ୍ଷୟ ଶକ୍ତି ସ୍ରୋତର କିପରି ସଠିକ୍ ବିନିଯୋଗ ହୋଇପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ବିଶେଷକରି ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ▶ପୃଷ୍ଠା-୯

### ଭିଜିଲାନ୍ସ ଜାଲରେ କୋଟିପତି ଅଧିକାରୀ

## ବୌଦ୍ଧ ଆରଟିଓଙ୍କ ୧୯ କୋଟିର ସମ୍ପତ୍ତି ଠାବ

■ **ଭୁବନେଶ୍ୱର, ୧୫।୨ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୌଦ୍ଧ ଆର୍‌ଟିଓ ବସନ୍ତ ମହାପାତ୍ର। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଆଜି ଭୋର୍‌ରେ ବସନ୍ତଙ୍କ ଭୁବନେଶ୍ୱର ପାହାଳ ନିକଟ ଉତ୍କଳ ସିଗ୍‌ନେଚର୍ ଆପାର୍ଟମେଣ୍ଟ ଘର ସମେତ ୧୦ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ତାଙ୍କର କୋଟି କୋଟି ଟଙ୍କା ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଜୁବ ହୋଇଯାଇଛନ୍ତି। ସଂପତ୍ତିର ମୂଲ୍ୟ ଆକଳନ କରିବାକୁ ଭିଜିଲାନ୍ସର ଏକ୍ସପର୍ଟ ଟିମ୍ ନାକେଦମ୍ ହୋଇପଡ଼ିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଜିଲାନ୍ସ ତାଙ୍କ ସମ୍ପତ୍ତିର ଆକଳନ କରୁଛି। ଭୁବନେଶ୍ୱରଠାରୁ ବେଙ୍ଗାଲୁରୁ; ସବୁଠି ଦାମୀ ଆପାର୍ଟମେଣ୍ଟରେ ରହିଛି ବସନ୍ତଙ୍କର ଫ୍ଲାଟ୍। କେବଳ ଫ୍ଲାଟ୍ ନୁହେଁ, ତାଙ୍କ ନାଁରେ ନାମୀଦାମୀ ବ୍ୟବସାୟିକ ଆଉଟଲେଟ୍ ବି ରହିଛି। ଚଢ଼ଉ ବେଳେ ଭିଜିଲାନ୍ସ ଏକ୍ସପର୍ଟ ଟିମ୍ ତାଙ୍କର ସମୁଦାୟ ୧୯ କୋଟିର ସମ୍ପତ୍ତି ଠାବ କରିଛି।



୧୪.୫ କୋଟିର ୨ଟି ଫ୍ଲାଟ୍, ୨ଟି ଶପିଂ ଆଉଟଲେଟ୍

ବ୍ୟାଙ୍କ୍ ଆକାଉଣ୍ଟ, ବୀମାରେ ୩.୯ କୋଟି ଟଙ୍କା

୫୯୦ ଗ୍ରାମ ସୁନା, ୩୧୮ ଗ୍ରାମ ରୁପା ଜବତ

ଚଢ଼ଉ ବେଳେ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ରାଜଧାନୀ ▶ପୃଷ୍ଠା-୯

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-232 ♦BHUBANESWAR ♦FRIDAY ♦16 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୬ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ତପ୍ତପାଣି ଘାଟିରେ ବସ୍ ଓଲଟି ୧୫ ଆହତ

**ସାନଖେମୁଣ୍ଡି, ୧୫ ।୨(ସମିସ):** ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ପାଲୁଖୋଳା ଗ୍ରାମ ନିକଟରେ ଗୁରୁବାର ଏକ ଘରୋଇ ବସ୍ ଦୁର୍ଘଟଣା ହୋଇଛି । ଏଥିରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ବସରେ କୋରାପୁଟ ଜିଲ୍ଲା ମନଭାର ଓ ମସ୍ତିପୁଟ ପଞ୍ଚାୟତ ୪୫ରୁ ଉର୍ଦ୍ଧ ଲୋକ ମା'ସଙ୍ଗୀତା ନାମକ ଗାଡ଼ି ନ ଓଡି୧୬ କଡ ୯୩୪୭ରେ ପୁରୀ ଅଭିମୁଖେ ଯାଉଥିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡ଼ିଥିଲା । ଖବର ପାଇ ପୋଡ଼ାମାରି ଫାଣ୍ଡି ଅଧିକାରୀ, ମୋହନା ଅଗ୍ନିଶମ ବାହିନୀ, ସାନଖେମୁଣ୍ଡି ଅଗ୍ନିଶମ ବାହିନୀ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ, ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବର ଲେଖା ହେବା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି । ଦିଗପହଣ୍ଡି ଡାକ୍ତରଖାନାରେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା ପହଞ୍ଚି ଆହତ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି ।



ମୋଦୀ ସରକାରଙ୍କ
ଗ୍ୟାରେଣ୍ଟି
ଆମ ସଂକଳ୍ପ ବିକଶିତ ଭାରତ
ଅନ୍ନଦାତାଙ୍କ ଉନ୍ନତି,
ଦେଶର ପ୍ରଗତି
ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ
ଗତ 10 ବର୍ଷରେ କୃଷି ବଜେଟରେ 5 ଗୁଣା ବୃଦ୍ଧି
କୃଷି ଭିତ୍ତିଭୂମି ପାଣ୍ଠି ଅନ୍ତର୍ଗତ ଟ.1 ଲକ୍ଷ କୋଟିର ଋଣ ସୁବିଧା

Government of India
cbc 22201/13/0271/2324


# ବାଗ୍‌ଚୀ ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ

## ବିଏସ୍‌କେୱାଇ ସମଗ୍ର ଦେଶରେ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ବେଞ୍ଚମାର୍କ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ବଡ଼ରଘୁନାଥପୁର,୧୫।୨(ସମିସ):** ରାଜ୍ୟରେ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଅଧ୍ୟାୟ । ଏଣିକି ଆଉ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟର କର୍କଟ ରୋଗୀଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଦେଶର ଅନ୍ୟତମ ଅଗ୍ରଣୀ କ୍ୟାନସର ଚିକିତ୍ସା ପ୍ରତିଷ୍ଠାନ ବାଙ୍ଗାଲୋରର ଶ୍ରୀ ଶଙ୍କରା କର୍କଟ ଓ ଗବେଷଣା ପ୍ରତିଷ୍ଠାନର ସହଯୋଗରେ ଖୋର୍ଦ୍ଧା ବଡ଼ ରଘୁନାଥପୁରସ୍ଥିତ ଇନ୍‌ଫୋଭ୍ୟାଲିଠାରେ ବାଗ୍‌ଚୀ ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରଠାରେ ଏହି ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରିଛନ୍ତି। ୭୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ଦୈନିକ ୩୦୦



ରୋଗୀଙ୍କୁ ଅତ୍ୟାଧୁନିକ ରେଡିଓଥେରାପି ସହିତ ୧୫୦ରୁ ଉର୍ଦ୍ଧ ରୋଗୀଙ୍କ ପାଇଁ କେମୋଥେରାପି ନେବାର ସୁବିଧା ରହିଛି । ଏହି ହସ୍ପିଟାଲ ହେଉଛି ସୁବ୍ରତ ବାଗ୍‌ଚୀ ଓ ସୁସ୍ମିତା ବାଗ୍‌ଚୀଙ୍କର ଓଡିଶା ପାଇଁ ମହତ୍ତ୍ୱପୂର୍ଣ୍ଣ ଅବଦାନ । ୪୧୦ କୋଟି ଟଙ୍କା ବ୍ୟୟରେ ଏହି ହସ୍ପିଟାଲର ନିର୍ମାଣ କରାଯାଇଛି ।

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏହି ହସ୍ପିଟାଲ ଓଡ଼ିଶା ତଥା ପୂର୍ବ ଭାରତର କ୍ୟାନସର ରୋଗୀଙ୍କୁ ଗୁଣାତ୍ମକ ମାନର ଓ ସୁଲଭ ଖର୍ଚ୍ଚରେ ଚିକିତ୍ସା

▶ପୃଷ୍ଠା-୯

- ■ ଦୈନିକ ୩୦୦ ରୋଗୀଙ୍କୁ ଅତ୍ୟାଧୁନିକ ରେଡିଓଥେରାପି ଚିକିତ୍ସା
- ■ ୭୫୦ ଶଯ୍ୟା; ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମିଳିବ କେମୋଥେରାପି ସୁବିଧା
- ■ ଏକ ତୃତୀୟାଂଶ ରୋଗୀ କମ୍ ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇବେ
- ■ ମାନବସେବାର ଏକ ଅଦ୍ୱିତୀୟ କେନ୍ଦ୍ର ହେବ: ସୁବ୍ରତ ବାଗ୍‌ଚୀ

# ପୁରୀରୁ ଅଯୋଧ୍ୟା ଚାଲିବ ଟ୍ରେନ

**ପୁରୀ, ୧୫ ।୨ (ସମିସ):** ପୁରୀରୁ ଅଯୋଧ୍ୟା ଚାଲିବ ଟ୍ରେନ୍। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୀଠ ଅଯୋଧ୍ୟାକୁ ଟ୍ରେନ୍ ଚଳାଚଳ କରିବ। ଫଳରେ ଏହି ଦୁଇ ଧର୍ମୀୟସ୍ଥଳୀରୁ ଯାତ୍ରୀମାନେ ସହଜରେ ଯାତାୟାତ କରିପାରିବେ। ସେହିପରି ଖୁବ୍‌ଶୀଘ୍ର ପୁରୀ-କୋଣାର୍କ ନୂଆ ରେଳ ପ୍ରକଳ୍ପ ହେବ ବୋଲି କହିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଗୁରୁବାର ଶରଧାବାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ ୨୦୧୪ ମସିହାରେ ଓଡ଼ିଶାକୁ ରେଲ୍‌ୱେ କ୍ଷେତ୍ରରେ ବର୍ଷକୁ ପ୍ରାୟ ୮୦୦ କୋଟି ଟଙ୍କା ମିଳୁଥିଲା। ଏବେ କେନ୍ଦ୍ର ସରକାର ଦେଉଛନ୍ତି ୧୦ ହଜାର କୋଟି ଟଙ୍କା। ପୂର୍ବେ ବର୍ଷକୁ ଓଡ଼ିଶାରେ ମାତ୍ର ୪୦ରୁ ୪୫ କିମି ରେଳ ଲାଇନ କାମ ହେଉଥିଲା ବେଳେ ଏବେ ୪୫୦ କିମି ହେଉଛି। ଓଡ଼ିଶାର ବିକାଶ ପାଇଁ ୧୦ ଗୁଣା ଅଧିକ କାମ କରାଯାଉଛି। ପୁରୀ ରେଳ ଷ୍ଟେସନ୍‌କୁ ବିଶ୍ୱସ୍ତରୀୟ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। କାମ ଯଥାଶୀଘ୍ର ସାରି ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ। ଓଡ଼ିଶାରେ ପ୍ରଥମ ବନ୍ଦେ ଭାରତ ମହାପ୍ରଭୁଙ୍କର ଏହି ପବିତ୍ର ଭୂମିରୁ ଆରମ୍ଭ ହୋଇଥିଲା। ସେହିପରି ଶ୍ରୀକ୍ଷେତ୍ର ପୁରୀରୁ ଅଯୋଧ୍ୟା ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ଦାବି କରାଯାଇଥିଲା। ଖୁବ୍‌ଶୀଘ୍ର ଏହି ଦୁଇ ଧର୍ମୀୟ ସହର ମଧ୍ୟରେ ଟ୍ରେନ୍ ଚଳାଚଳ କରିବ। ଆସନ୍ତା ଜୁଲାଇ/ଅଗଷ୍ଟରୁ ପୁରୀରୁ ଅଯୋଧ୍ୟା ଟ୍ରେନ୍ ଚାଲିବ ବୋଲି ସେ କହିଛନ୍ତି। ସେହିପରି ପୁରୀ ଏବଂ କୋଣାର୍କ ମଧ୍ୟରେ ନୂଆ ରେଳ ଲାଇନ ପାଇଁ ପୁରୀବାସୀଙ୍କ ପକ୍ଷରୁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିବା ବେଳେ ଏ ନେଇ ଶ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି। ପୁରୀ-କୋଣାର୍କ ମଧ୍ୟରେ ନୂଆ ରେଳ ପ୍ରକଳ୍ପ ଆରମ୍ଭ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ସୂଚନାଥାଉ କି, ପୁରୀ ଏବଂ କୋଣାର୍କ ଭାରତ ବର୍ଷର ଦୁଇଟି ପ୍ରମୁଖ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ କେନ୍ଦ୍ର। ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ଦେଖିବାକୁ ଆସୁଛନ୍ତି। ପୁରୀ-କୋଣାର୍କ ମଧ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ଦୁଇ ସହର ମଧ୍ୟରେ ରେଳପଥ ସଂଯୋଗ ପାଇଁ କେନ୍ଦ୍ର ସରକାର ପୂର୍ବରୁ ଘୋଷଣା କରିଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ଏଥିଲାଗି ସର୍ଭେ କାର୍ଯ୍ୟ ଶେଷ ହୋଇଛି। ପୁରୀରୁ କୋଣାର୍କ ମଧ୍ୟରେ ରେଳପଥ ନିର୍ମାଣ କରାଗଲେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହେବ ଏବଂ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଅତ୍ୟନ୍ତ ଉପଯୋଗୀ ଏବଂ ଲାଭଦାୟକ ହେବ। ସ୍ଥାନୀୟଅଧିବାସୀଙ୍କ ସମେତ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ଯାତାୟାତ ନିମନ୍ତେ ପୁରୀରୁ କୋଣାର୍କ ମଧ୍ୟରେ ଟ୍ରେନ ଚଳାଚଳ ଜରୁରୀ ଥିବା ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି।

# ନାମାଙ୍କନ ଦାଖଲକଲେ ଅଶ୍ୱିନୀ ବୈଷ୍ଣବ



**ଭୁବନେଶ୍ୱର,୧୫ ।୨(ସମିସ):** ରାଜ୍ୟସଭା ଆସନ ପାଇଁ ଆଜି ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଶ୍ରୀ ବୈଷ୍ଣବ ବିଜେପି ବିଧାୟକଗଣ ଏବଂ ନେତୃବୃନ୍ଦଙ୍କ ସହ ବିଧାନସଭାରେ ପହଞ୍ଚି ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର ଭୂମିରେ ନିଃସ୍ୱାର୍ଥପର ଭାବେ କାମ କରିବି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାର ସ୍ୱାର୍ଥ ଏବଂ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ଶ୍ରୀ ବୈଷ୍ଣବଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଦଳୀୟ ବିଧାୟକ ଏବଂ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ନାମାଙ୍କନପତ୍ର ଦାଖଲ କରିବା ପରେ ଶ୍ରୀ ବୈଷ୍ଣବ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି।

■ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ଦନ୍ତା ମୃତ

# ୬ ଫୁଟ୍ ଲମ୍ବର ୨ଦାନ୍ତ ଜବତ

**ନୟାଗଡ଼/ଗଣିଆ, ୧୫ ।୨ (ସମିସ):** ନୟାଗଡ଼ ବନଖଣ୍ଡ ପରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି । ଛାମୁଣ୍ଡିଆ ବନାଞ୍ଚଳରେ ଡିପିସାହି ବିଟ୍ ଅଞ୍ଚଳର ଶୁଖିଲାବନ୍ଧ ନିକଟରୁ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଛି । ମୃତ ଦନ୍ତାର ବୟସ ୫୫ରୁ ୬୦ବର୍ଷ ହେବ ବୋଲି ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥୀ ମଲ୍ଲିକ ସୂଚନା ଦେଇଛନ୍ତି। ଗତ ବୁଧବାର ଅପରାହ୍ଣରେ ବନ ବିଭାଗ କର୍ମଚାରୀମାନେ ହାତୀ ମୃତ୍ୟୁ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ ଶ୍ରୀ ମଲ୍ଲିକଙ୍କ ସମେତ ଅନୁଗୁଳ ଆରସିସିଏଫ, ଏସିଏଫ୍, ବନାଞ୍ଚଳ ଅଧିକାରୀ ଏବଂ ଅନୁଗୁଳ ବନ୍ୟପ୍ରାଣୀ ବିଭାଗର ସ୍ୱତନ୍ତ୍ର ହାତୀ ବିଶେଷଜ୍ଞମାନେ ପହଞ୍ଚିଥିଲେ। ବିଭାଗୀୟ ଅଧିକାରୀମାନେ ହାତୀର ଦାନ୍ତ ୨ଟି ଜବତ କରିଥିଲେ। ୬ ଫୁଟ୍ ଲମ୍ବର ୨ଟି ଓଜନପୂର୍ଣ୍ଣ ଦାନ୍ତ ଜବତ କରାଯାଇଛି । ହାତୀଟିକୁ ବ୍ୟବଚ୍ଛେଦ କରି ସେହି ସ୍ଥାନରେ ପୋତି ଦିଆଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ବୟସାଧିକ କାରଣରୁ ୩/୪ ଦିନ ତଳେ ହାତୀଟିର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଉକ୍ତ ସ୍ଥାନରେ ସର୍ବଦା ହାତୀପଲଙ୍କ ଚଳପ୍ରଚଳ ଲାଗି ରହୁଥିବାରୁ ଶବ ଠାବ କରିବାରେ ବିଳମ୍ବ ହୋଇଥିଲା। ବୁଧବାର ହାତୀପଲ ଉକ୍ତ ସ୍ଥାନରୁ ଯିବା ପରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯାଇଥିବା ଡିଏଫ୍‌ଓ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି।

## ଶିଳ୍ପ ନିବେଶ ଓ ସ୍ଥାପନ କ୍ଷେତ୍ରରେ ଅନ୍ୟ ରାଜ୍ୟଠୁ ଢେର୍ ଆଗରେ ଓଡ଼ିଶା

# ୫ ବର୍ଷରେ ୧୧.୬୩ ଲକ୍ଷ କୋଟି ନିବେଶ

**ଭୁବନେଶ୍ୱର,୧୫ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସୁଶାସନ ଲାଗି ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ନିବେଶକମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆକୃଷ୍ଟ ହୋଇଛନ୍ତି। ବିଶେଷକରି ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ, ସୁଶାସନ, ସ୍ୱତନ୍ତ୍ର ନୀତି ଏ କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିଛି। ଫଳସ୍ୱରୂପ ଓଡ଼ିଶାରେ ଗତ ୫ ବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ପ୍ଲାଷ୍ଟିକ ଓ କେମିକାଲ, ପର୍ଯ୍ୟଟନ ତଥା ମେଟାଲ ଡାଉନଷ୍ଟ୍ରିମ ଶିଳ୍ପ କ୍ଷେତ୍ରରେ ୧୧.୬୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇପାରିଛି। ଏହାଦ୍ୱାରା ରାଜ୍ୟରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି



- ■ ବନ୍ଦର ପରିଚାଳନା କ୍ଷମତା ବାର୍ଷିକ ୨୦ ନିୟୁତ ଟନ୍‌ରୁ ୧୭୬ ଟନ୍‌କୁ ବୃଦ୍ଧି
- ■ ଦୁଇ ଦଶନ୍ଧି ମଧ୍ୟରେ ସିମେଣ୍ଟ ଉତ୍ପାଦନ ୨୨ ଗୁଣା, ଷ୍ଟିଲ୍ ଉତ୍ପାଦନ ୧୫ ଗୁଣ

ବିଜେଡି ଜାତୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର।

ଶ୍ରୀ ମିଶ୍ର କହିଛନ୍ତି ଯେ ଆରବିଆଇ ରିପୋର୍ଟ ଅନୁଯାୟୀ ପୁଞ୍ଜି ନିବେଶ କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିବା ବେଳେ ସିଏମ୍‌ଆଇ ଓ ସିଆଇଆଇ ରିପୋର୍ଟରେ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୭ ବର୍ଷ ଭିତରେ ରପ୍ତାନୀ ପରିମାଣ ପାଖାପାଖି ଦୁଇ ଗୁଣ ହୋଇପାରିଛି। ଗଲା ଦୁଇ ଦଶନ୍ଧି ମଧ୍ୟରେ ସିମେଣ୍ଟ ଉତ୍ପାଦନ ୨୨ ଗୁଣ ଓ ଇସ୍ପାତ ଉତ୍ପାଦନରେ ପ୍ରାୟ ୧୫ ଗୁଣ ବୃଦ୍ଧି ହୋଇପାରିଛି। ଟେକ୍ସଟାଇଲ, କେମିକାଲ, ପ୍ଲାଷ୍ଟିକ, ଗ୍ରୀନ ହାଇଡ୍ରୋଜେନ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବହୁ ବଡ଼ ବଡ଼ ପୁଞ୍ଜିନିବେଶକାରୀ ଆଜି ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ବନ୍ଦର ପରିଚାଳନା କ୍ଷମତା ୨୦ ମେଟ୍ରିକ ଟନରୁ ବୃଦ୍ଧି ପାଇ ଆଜି ୧୭୬ ମେଟ୍ରିକ ଟନ୍‌ରେ ପହଞ୍ଚିପାରିଛି। ରାଜ୍ୟର

▶ପୃଷ୍ଠା-୯


DSPL-661
ଆମ ଓଡ଼ିଶା ନବୀନ ଓଡ଼ିଶା

ନିଜ ଗାଡ଼ିର ମୋଟର ଯାନ ଟିକସ ୩୧.୦୩.୨୦୨୨ ପର୍ଯ୍ୟନ୍ତ ପଇଠ କରିନାହାନ୍ତି କି ?

ରାଜ୍ୟ ସରକାର ଆରମ୍ଭ କରିଛନ୍ତି
ଏକକାଳୀନ ଟିକସ ପଇଠ ଓ ରିହାତି ଯୋଜନା

- ନିଜ ଗାଡ଼ିର ବକେୟା ଟିକସ ପଇଠ କରି ଗାଡ଼ିକୁ ପୁନଃ ଚଳାଇବାକୁ ଚାହୁଁଛନ୍ତି ? ତେବେ ଜରିମାନା ଛାଡ଼ ବ୍ୟବସ୍ଥା ରହିଛି ।
- ନିଜ ଗାଡ଼ିକୁ ସ୍କ୍ରାପ କରିବାକୁ ଚାହୁଁଛନ୍ତି କିମ୍ବା ଆରଟିଓଙ୍କ ଅନୁମତି ନ ନେଇ ପୂର୍ବରୁ ଗାଡ଼ିକୁ ସ୍କ୍ରାପ କରିଦେଇଛନ୍ତି, ତେବେ ମଧ୍ୟ ଉଭୟ ଟିକସ ଓ ଜରିମାନା ଛାଡ଼ ବ୍ୟବସ୍ଥା ଅଛି ।
- ଯୋଜନାର ଲାଭ ଉଠାଇବା ପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଆବେଦନ କରିବାକୁ ପଡ଼ିବ ।
- ଏହି ଯୋଜନା ସମସ୍ତ ଯାନ ନିମନ୍ତେ ସୀମିତ ସମୟ ପାଇଁ ଉଦ୍ଦିଷ୍ଟ ।


ବାଣିଜ୍ୟ ଓ ପରିବହନ ବିଭାଗ
ଓଡ଼ିଶା ସରକାର

ସଡ଼କ ସୁରକ୍ଷା ପରିବାର ରକ୍ଷା

OIPR-38003/13/0044/2324


# ଆଜିଠାରୁ ଖଣ୍ଡଗିରି କୁମ୍ଭମେଳା

**ଭୁବନେଶ୍ୱର, ୧୫।୨ (ସମିସ):** ମାଘ ସପ୍ତମୀ ତଥା ଶୁକ୍ରବାରଠାରୁ ଆରମ୍ଭ ହେବ ଖଣ୍ଡଗିରି କୁମ୍ଭମେଳା। ଏଥିଲାଗି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ସାଧୁସନ୍ଥଙ୍କ ସୁଅ ଛୁଟିଛି। ଶୁକ୍ରବାର ସକାଳେ ସାଧୁସନ୍ଥମାନେ ଚନ୍ଦ୍ରଭାଗାରେ ବୁଡ଼ ପକାଇ କଳସରେ ଜଳ ଆଣିବେ। ଏଠାରେ 'ଖଣ୍ଡଖିରି' ଖାଇ ସାରିବା ପରେ ଧୂନି ସ୍ଥାପନ କରି ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହେବ। ଆଜି ଖଣ୍ଡଗିରି ପାଦଦେଶରେ ସାଧୁସନ୍ଥଙ୍କ ଭିଡ଼ ପରିଲକ୍ଷିତ ହୋଇଛି। କାଶୀ, ବାରଣାସୀ, ମଥୁରା ଓ ହରିଦ୍ୱାରରୁ ସାଧୁସନ୍ଥମାନେ ଖଣ୍ଡଗିରିକୁ ଆସିଛନ୍ତି। ୯ ଦିନ ଧରି ଚାଲିବାକୁ ଥିବା ଏହି କୁମ୍ଭମେଳା ଆସନ୍ତା ୨୪ତାରିଖରେ ଉଦ୍‌ଯାପିତ ହେବ। ଶାନ୍ତିଶୃଙ୍ଖଳାର ସହ ମେଳା ପରିଚାଳନା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରପକ୍ଷେ, ଆସନ୍ତା ରବିବାରଠାରୁ ବିଭିନ୍ନ ପାର୍ଟି ପକ୍ଷରୁ ଯାତ୍ରା ଆରମ୍ଭ ହେବ। ଚଳିତ ବର୍ଷ ୬ଟି ପେଣ୍ଡାଲରେ ୧୨ଟି ଅପେରା ପାର୍ଟି ଯାତ୍ରା ପରିବେଷଣ କରିବାକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଏଥିରେ ଓଡ଼ିଶାର ବଛାବଛା ଅପେରା ପାର୍ଟି ଯାତ୍ରା ପରିବେଷଣ କରିବେ। ମେଳା ଓ ଯାତ୍ରା ଲାଗି ୬ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପୂରା ମେଳା ଉପରେ ନଜର ରଖିବା ଲାଗି ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବା ସହ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-232 ◆BHUBANESWAR ◆FRIDAY ◆16 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ୨ ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୧୫ ।୨ (ସମିସ):** ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଆଶଙ୍କା ରହିଛି । କୁହୁଡ଼ି ପ୍ରଭାବରେ କିଛି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ହ୍ରାସ ହେବା ସହ ୧୦୦ ମିଟର ତଳେ ରହିବ ବୋଲି ଆଶଙ୍କା କରାଯାଇଛି । ଶୁକ୍ରବାର ସକାଳ ସୁଦ୍ଧା ପ୍ରାୟ ୧୩ ଜିଲ୍ଲାରେ ଘନ କୁହୁଡ଼ି ହେବାକୁ ଥିବା ବେଳେ ଗୁରୁବାର ବିଳମ୍ବିତ ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଆଦି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ଏସଆରସିଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ କରାଯାଇଛି । ବିଶେଷ କରି ଯେଉଁ ଜିଲ୍ଲାଗୁଡ଼ିକରେ ଘନ କୁହୁଡ଼ି ଆଶଙ୍କା ରହିଛି, ସେଠାରେ କିପରି ରାଜପଥରେ ସୁରକ୍ଷିତ ଯାନବାହନ ଚଳାଚଳ ହେବ ତାହା ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ଖରାଟିଆ ରହିଥିବା ବେଳେ ନୟାଗଡ଼ରେ ତାପମାତ୍ରା ୩୫.୬ ଡିଗ୍ରୀ ରେକର୍ଡ କରାଯାଇଛି ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-232 ◆BHUBANESWAR ◆FRIDAY ◆16 FEBRUARY 2024 ◆PAGE-16 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୨୩୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୬ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦










ଗୁରୁବାର ଭୁବନେଶ୍ୱରରେ ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର୍ ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ବିକ୍ରିଠାରୁ ତୋଳାମୂଲ୍ୟ ଅଧିକ**

# ଗଛରେ ସଢୁଛି ଟମାଟୋ

**ଅନୁଗୋଳ, ୧୫।୨ (ସମିସ):** ଅନୁଗୋଳ ଜିଲ୍ଲାରେ ଟମାଟୋର ଅଭାବୀ ବିକ୍ରି ଯୋଗୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଉଚିତ ଦର ମିଳୁ ନଥିବାରୁ ଚାଷୀମାନେ ଆଉ କ୍ଷେତରୁ ଟମାଟୋ ତୋଳୁ ନଥିବା ଦେଖାଯାଉଛି। ଫଳରେ ଏକର ଏକର ଜମିରେ ଟମାଟୋ ଗଛରେ ସଢୁଛି। ବାହାର ବେପାରୀ ଆସି କେଜି ପ୍ରତି ୩ ରୁ ୪ ଟଙ୍କାରେ କିଣି ନେଉଛନ୍ତି। ଟମାଟୋ ତୋଳିବା

- **ଅନୁଗୋଳରେ ଅଭାବୀ ବିକ୍ରି, କେଜି ପିଛା ୩ ଟଙ୍କା**
- **ଜିଲ୍ଲାରେ ଟମାଟୋ ସଂରକ୍ଷଣ କେନ୍ଦ୍ର ପାଇଁ ଦାବି**

ପାଇଁ ଯେତିକି ମଜୁରି ଦେବାକୁ ପଡୁଛି ସେତିକି ମୂଲ୍ୟର ଟମାଟୋ ବିକ୍ରି ହେଉନାହିଁ।

ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ, କିଶୋରନଗର, ପାଲଲହଡ଼ା, ଛେଣ୍ଡିପଦା ଏବଂ ଅନୁଗୋଳ ବ୍ଲକର ପ୍ରାୟ ୧୦୦ରୁ ଅଧିକ ଗାଁରେ ବ୍ୟାପକ ଟମାଟୋ ଚାଷ କରାଯାଏ। ଉଦ୍ୟାନ ବିଭାଗ ରେକର୍ଡ ଅନୁସାରେ ଜିଲ୍ଲାରେ ପ୍ରାୟ ୪ ହଜାର ଏକର ଜମିରେ ଟମାଟୋ ଫସଲ ହେଉଛି। ପ୍ରତିବର୍ଷ ଜିଲ୍ଲାରେ ୨୫ ରୁ ୩୦ ହଜାର ମେଟ୍ରିକ ଟନ ଟମାଟୋ ଉତ୍ପାଦନ ହୁଏ। ଜିଲ୍ଲାରେ ଆବଶ୍ୟକ ଟମାଟୋ ବିକ୍ରି ହୁଏ ଏବଂ ବଳକା ବାହାରକୁ ବିକ୍ରି ପାଇଁ ଯାଏ। ଚଳିତ ବର୍ଷ ବର୍ତ୍ତମାନ ସମୟରେ ଟମାଟୋ ଅମଳ ଚାଲିଛି। କିନ୍ତୁ ଗତ କିଛିଦିନ ହେଲା ଦର ଆଶାତୀତ ଭାବେ କମିଯାଇଛି। ବଜାରରେ ଖୁଚୁରା ବେପାରୀମାନେ କେଜି ପ୍ରତି ୧୦ଟଙ୍କାରୁ କମ ଦାମରେ ବିକ୍ରି କରୁଛନ୍ତି। ବଡ଼ବଡ଼ ବ୍ୟବସାୟୀମାନେ ଚାଷୀଙ୍କ ପାଖରୁ କେଜି ପ୍ରତି ମାତ୍ର ୩ ରୁ ୪ ଟଙ୍କାରେ କିଣି ଆଣୁଛନ୍ତି।



ଫଳରେ ସିଧାସଳଖ ଚାଷୀଙ୍କ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଯେଉଁ ଚାଷୀମାନେ ହାଡ଼ଭଙ୍ଗା ପରିଶ୍ରମ କରିବା ସହ ବିହନ, ସାର, ଔଷଧ କିଣି ଚାଷ କରିଥିଲେ, ସେମାନଙ୍କ ଖର୍ଚ୍ଚ ମଧ୍ୟ ଉଠୁନାହିଁ। ଟମାଟୋ ତୋଳିବା ପାଇଁ ଜଣେ ଶ୍ରମିକଙ୍କୁ ଦୈନିକ ପ୍ରାୟ ୩୦୦ ଟଙ୍କା ମଜୁରି ଦେବାକୁ ପଡୁଛି। କିନ୍ତୁ ସେତିକି ମୂଲ୍ୟର ଟମାଟୋ ବିକ୍ରି ହେଉନାହିଁ। ଫଳରେ ଅନେକ ଚାଷୀ ଆଉ ଟମାଟୋ ତୋଳୁ ନାହାନ୍ତି। ଏକର ଏକର ଜମିରେ ଟମାଟୋ ଗଛରେ ସଢ଼ି ମାଟିରେ ପଡୁଛି। କ୍ଷେତରେ ଗାଈଗୋରୁ ଓ ଛେଳି ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି ବହୁ ଚାଷୀ।

ଅନୁଗୋଳ ଜିଲ୍ଲାରେ ବିଶେଷ କରି ଜାନୁଆରୀ ଓ ଫେବ୍ରୁଆରୀ ମାସରେ ପର୍ଯ୍ୟାପ୍ତ ଟମାଟୋ ଅମଳ ହୁଏ। ଏକା ସମୟରେ ସବୁ ଜାଗାରୁ ଅମଳ ହେଉଥିବାରୁ ଅମଳ ପରିମାଣ ଆବଶ୍ୟକଠାରୁ ଅଧିକ ହୋଇଥାଏ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୁଏ। ଜିଲ୍ଲାରେ ବଳକା ଟମାଟୋ ସଂରକ୍ଷଣ କରି ରଖିବାକୁ କୌଣସି ସୁବିଧା ନାହିଁ। ଟମାଟୋରୁ ସସ୍ ଓ ଅନ୍ୟାନ୍ୟ ଖାଇବା ଉପଯୋଗୀ ଜିନିଷ ପ୍ରସ୍ତୁତ କରି ରଖିବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ତେଣୁ ପ୍ରତିବର୍ଷ ହଜାର ହଜାର କୁଇଣ୍ଟାଲ ଟମାଟୋ ନଷ୍ଟ ହୁଏ। ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ।

ତେବେ ଏ ସଂପର୍କରେ ଉଦ୍ୟାନ ବିଭାଗର କହିବା କଥା ଜିଲ୍ଲାର ସର୍ବାଧିକ ଟମାଟୋ ଉତ୍ପାଦନ ହେଉଥିବା ୬୩ଟି ପଞ୍ଚାୟତରେ ୧୦ ମେଟ୍ରିକ୍ ଟନ ସଂରକ୍ଷଣ କ୍ଷମତା ବିଶିଷ୍ଟ ସଂରକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାଛଡ଼ା ଅନୁଗୋଳରେ ହେଉଥିବା ସବୁଠାରୁ ବଡ଼ ସାପ୍ତାହିକ ହାଟରେ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଦୁଇଟି ସଂରକ୍ଷଣ କେନ୍ଦ୍ର ନିର୍ମାଣ କରାଯିବାର ଯୋଜନା ରହିଛି। କେତେକ ସ୍ଥାନରେ ଚାଷୀଙ୍କୁ ଅର୍କା ସମ୍ରାଟ ଜାତୀୟ ଟମାଟୋ କରିବାକୁ ପ୍ରୋତ୍ସାହନ ଦିଆଯାଉଛି। ଏହି ପ୍ରଜାତିର ଟମାଟୋ ବହୁଦିନ ପର୍ଯ୍ୟନ୍ତ ରହିପାରିବ। ଅନୁଗୋଳ ଜିଲ୍ଲାରେ ଟମାଟୋ ଚାଷ ପାଇଁ ଅନୁକୂଳ ଜଳବାୟୁ ରହିଛି। ତେଣୁ ଚାଷୀମାନଙ୍କ ସୁବିଧା ପାଇ ଉପଯୁକ୍ତ ପଦକ୍ଷେପ ନିଆଗଲେ ଆହୁରି ଅଧିକ ଟମାଟୋ ଅମଳ ହୋଇପାରିବ। ଏନେଇ ଜିଲ୍ଲାର ଟମାଟୋ ଚାଷୀ ବିଜୟ କୁମାର ସ୍ୱାଇଁ, ଭାବ ସାହୁ, ଶରତ ଦେହୁରୀଙ୍କ ସମେତ ଅନେକ କୁହନ୍ତି, ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଆମେ ଏକ କେଜି ଟମାଟୋ ଉତ୍ପନ୍ନ କରିବାକୁ ପ୍ରାୟ ୫ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ହେଲେ ବିକ୍ରି କରୁଛୁ ୩ରୁ ୪ଟଙ୍କା ଦରରେ। ଯଦି ଏ ଅଞ୍ଚଳରେ ଶୀତଳ ଭଣ୍ଡାରଟିଏ ଥାଆନ୍ତା, ତେବେ ଆମେ ଅଧିକ ଉତ୍ପାଦନ ହେଉଥିବା ଟମାଟୋକୁ ସଂରକ୍ଷଣ କରି ରଖିପାରନ୍ତୁ। ଆବଶ୍ୟକ ବେଳେ ସଠିକ ଦାମରେ ବିକ୍ରିକରି ଦୁଇ ପଇସା ଲାଭ ପାଇପାରନ୍ତୁ।

**■ ହାଇକୋର୍ଟରେ ଡେପୁଟି କମାଣ୍ଡାଣ୍ଟଙ୍କ ପଦୋନ୍ନତି ପ୍ରସଂଗ**

# ଡିପିସି ଉପରେ ଅନ୍ତରୀଣ ରୋକ୍

**କଟକ, ୧୫।୨(ସମିସ):** ବିଭିନ୍ନ ପୁଲିସ ବାଟାଲିୟନରେ କାର୍ଯ୍ୟରତ କେତେକ ଡେପୁଟି କମାଣ୍ଡାଣ୍ଟଙ୍କ ଗ୍ରେଡେସନ୍ ତାଲିକାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାୟର ମାମଲାର ଆଜି ଶୁଣାଣି ହୋଇଛି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଗ୍ରେଡେସନଭୁକ୍ତ ଡେପୁଟି କମାଣ୍ଡାଣ୍ଟଙ୍କ ଚୂଡ଼ାନ୍ତ ଡିପିସି(ଡିପାର୍ଟମେଣ୍ଟ ପ୍ରମୋସନ କମିଟି)ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଅଦାଲତଙ୍କ ଅନୁମତି ବିନା ଡିପିସି ବସିପାରିବ ନାହିଁ ବୋଲି ରାୟରେ ଉଲ୍ଲେଖ ରହିଛି। ବିଭୂତି ଭୂଷଣ ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୫ଜଣ ଡେପୁଟି କମାଣ୍ଡାଣ୍ଟ ଭାବେ ବିଭିନ୍ନ ବଟାଲିୟନରେ କାର୍ଯ୍ୟରତ ଅଛନ୍ତି। କିନ୍ତୁ ସେମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇ କିଛି କନିଷ୍ଠଙ୍କୁ ଗ୍ରେଡେସନ ତାଲିକାଭୁକ୍ତ କରାଯାଇଥିଲା। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ଗତ ୨୦୨୨ ଡିସେମ୍ବର ୩୦ରେ ଚୂଡାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇବା ସହ ଡିପିସି ପାଇଁ ସୁପାରିସ କରାଯାଇଥିଲା। କିନ୍ତୁ ଏହା ଓଡ଼ିଶା ଆର୍ମଡ ପୁଲିସ (ମେଥଡ ଅଫ ରିକ୍ରୁଟମେଣ୍ଟ ଆଣ୍ଡ କଣ୍ଡିସନ ଅଫ ସର୍ଭିସ ରୁଲ)୨୦୧୩କୁ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏପରିକି ଆବେଦନକାରୀମାନେ ଗୃହ ବିଭାଗର ୨୦୨୦ଜୁନ୍୧୨ର ବିଜ୍ଞପ୍ତି ଅନୁସାରେ ଓଏପିଏସ ଗ୍ରୁପ ଏ(ସିନିଅର) ବ୍ରାଞ୍ଚକୁ ପଦୋନ୍ନତି ପାଇଥିଲେ। କିନ୍ତୁ ଗତ ୨୦୨୨ଡିସେମ୍ବର ୩୦ରେ ଯେଉଁ ଗ୍ରେଡେସନ ତାଲିକା ପଦୋନ୍ନତି ନିମନ୍ତେ ପ୍ରକାଶ ପାଇଥିଲା, ତାହା ରାଜ୍ୟ ସରକାରଙ୍କ ୨୦୨୧ସେପ୍ଟେମ୍ବର ୯ର ରିଜୋଲ୍ୟୁସନକୁ ଉଲ୍ଲଙ୍ଘନ କରୁଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ସରକାରଙ୍କ ଉପରୋକ୍ତ ରିଜୋଲ୍ୟୁସନ ଆଧାରରେ ସେମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ରାଜ୍ୟ ସରକାର, ଗୃହ ବିଭାଗର ଅତିରିକ୍ତ ସଚିବ, ପୁଲିସ ଡିଜି ଓ ଅନ୍ୟ ୧୯ଜଣ ଡେପୁଟି କମାଣ୍ଡାଣ୍ଟଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୨୦କୁ ଧାର୍ଯ୍ୟ ହୋଇଛି। ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନ୍ମୟ ଦାସ ପରିଚାଳନା କରୁଛନ୍ତି।

# ଆରମ୍ଭ ହେଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୫।୨(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ପରୀକ୍ଷା ପ୍ରଥମ ଦିନରେ ଦ୍ୱାଦଶ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ଉଦ୍ୟୋଗୀ ବିଷୟବସ୍ତୁ, କୋକବରୋକ୍, କ୍ୟାପିଟାଲ୍ ମାର୍କେଟ୍ ଅପରେସନ୍ ଏବଂ ଫିଜିକାଲ୍ ଆକ୍ଟିଭିଟି ଇନ୍‌ଷ୍ଟ୍ରକ୍ଟର ପରୀକ୍ଷା ହୋଇଛି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଚିତ୍ରକଳାରେ ଗୁରୁଙ୍ଗ, ରାୟ, ତମାଙ୍ଗ ଓ ଶେର୍ପା ବିଷୟରେ ପରୀକ୍ଷା ହୋଇଛି। ସକାଳ ୧୦.୩୦ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହୋଇଛି। ଦେଶ ଓ ବିଦେଶରେ ସମୁଦାୟ ୩୯ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ତନ୍ମଧ୍ୟରେ ଓଡ଼ିଶାର ପ୍ରାୟ ୬୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

# ୩ ଦିନିଆ ଓଡ଼ିଶା ଗସ୍ତରେ ମୁଖ୍ୟ ନିର୍ବାଚନ କମିସନ



**ଭୁବନେଶ୍ୱର, ୧୫।୨(ସମିସ):** ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଜାତୀୟ ମୁଖ୍ୟ ନିର୍ବାଚନ କମିସନ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କ ସମେତ ନିର୍ବାଚନ କମିସନଙ୍କ ମୋଟ ୮ଜଣ ସଦସ୍ୟ ଓଡ଼ିଶା ଆସିଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ୍ ଥିରୁମାଲା ନାୟକ, ରାଜ୍ୟ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ଓ ପୁଲିସ କମିସନର ସଞ୍ଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ କମିସନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ନିର୍ବାଚନ କମିସନ ଏହି ଗସ୍ତରେ ଆଗାମୀ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଜାତୀୟ ଓ ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ, ଡିଇଓ, ଏସପି, ସିପି, ଡିଭିଜନାଲ କମିସନର ଆଇଜିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୧୭ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ପୁଲିସ ନୋଡାଲ ଅଫିସର, ସିପିଏଫ ନୋଡାଲ ଅଫିସର, ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଜ୍ୱାଇଁକୁ ମାରି ଘରେ ପୋତିଥିଲେ

**ପତ୍ନୀ, ଶାଶୂଙ୍କ ସମେତ ୩ ଅଟକ**

**ଓଡ଼ଗାଁ, ୧୫।୨ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ କୋମଣ୍ଡ ଛାମୁସାହିରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଶଶୁର ଘର ଲୋକେ ଜ୍ୱାଇଁଙ୍କୁ ମାରି ଘର ଭିତରେ ପୋତି ଦେଇଛନ୍ତି। ଗୁରୁବାର ପୁଲିସ ଘର ଭିତରୁ ଜ୍ୱାଇଁଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ପତ୍ନୀ, ଶାଶୂ ସମେତ ମୋଟ ୩ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଓଡ଼ଗାଁ ବ୍ଲକ ରୋହିବାଙ୍କ ଗ୍ରାମ ମନ୍ଦିର ସାହିର ଗୋକୁଳ ଚନ୍ଦ୍ର ନାୟକଙ୍କ ପୁଅ ପ୍ରକାଶ ନାୟକ, କୋମଣ୍ଡ ଛାମୁସାହି ନଟବର ପ୍ରଧାନଙ୍କ ଝିଅ ଜ୍ୟୋତ୍ସ୍ନାଙ୍କୁ ପ୍ରାୟ ୧୧ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ଜ୍ୟୋତ୍ସ୍ନା ଏବଂ ପ୍ରକାଶ କୋମଣ୍ଡ ଛାମୁସାହିରେ ରହୁଥିଲେ। ସେମାନଙ୍କର ୭ ବର୍ଷର ଝିଅ ଏବଂ ୪ ବର୍ଷର ପୁଅ ରହିଛନ୍ତି। କୌଣସି କାରଣକୁ ନେଇ ଉଭୟ ପତି ଓ ପତ୍ନୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କିଛିଦିନ ହେବ ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ବାପା ଖବର ପାଇଥିଲେ। ଏନେଇ ସନ୍ଦେହ ହେବା ପରେ ସେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ଘଟଣାର ଖୋଳତାଡ଼ କରିବା ପରେ ପ୍ରକାଶଙ୍କୁ ହତ୍ୟା କରାଯାଇ ଶଶୁର ଘରେ ପୋତି ଦିଆଯାଇଥିବା ଜଣାପଡ଼ିଥିଲା। ଗୁରବାର ରାତି ପ୍ରାୟ ୮ଟାରେ ପୁଲିସ କୋମଣ୍ଡ ଗ୍ରାମରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘର ଭିତର ଛାନ୍‌ଭିନ କରିଥିଲା। ଘରର ପ୍ରଥମ ବଖରା ଚଟାଣ ଖୋଳାଯାଇ ମାଟି ପୋତା ଯାଇଥିବା ଦେଖି ପୁଲିସର ସନ୍ଦେହ ଘନୀଭୂତ ହୋଇଥିଲା। ଏହି ସ୍ଥାନକୁ ଖୋଳିବା ପରେ ପ୍ରକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ପ୍ରକାଶଙ୍କ ପତ୍ନୀ ଓ ଶାଶୂଙ୍କ ସହିତ ଅନ୍ୟ ଜଣକୁ ଅଟକ ରଖି ପୁଲିସ ପଚରାଉଚରା କରୁଛି।

**ସାଧାରଣ ନିର୍ବାଚନ ପାଇଁ ପୁଲିସର ପ୍ରସ୍ତୁତି**

# ‘୭୦ ପ୍ରତିଶତ ବୁଥ୍‌ରେ ଲାଗିବ କ୍ୟାମେରା’

**ଭୁବନେଶ୍ୱର,୧୫।୨(ସମିସ):** ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ପୁଲିସ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ସାଧାରଣ ନିର୍ବାଚନ ପରିଚାଳନାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ


**■ ଏନଫୋର୍ସମେଣ୍ଟକୁ ଜୋର୍‌ଦାର୍ କରିବାକୁ ଡିଜିପିଙ୍କ ନିର୍ଦ୍ଦେଶ**
**■ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଡ୍ରୋନ୍ ଯୋଗେ ମନିଟରିଂ କରାଯିବ**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ନିର୍ବାଚନକୁ ସ୍ୱଚ୍ଛ, ଅପରାଧମୁକ୍ତ ସହ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ରାଜ୍ୟରେ ବେଆଇନ ଅର୍ଥ, ଚୋରା ମଦ କାରବାର, ଗଞ୍ଜେଇ, ଅଫିମ ଭଳି ନିଶା କାରବାରକୁ ଦମନ କରାଯିବା ସମ୍ପର୍କରେ ଶ୍ରୀ ଧଳ ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ପୁଲିସ ଅଧିକାରୀ ଏବଂ ପୋଲିଂ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୮୦ ବର୍ଷରୁ ଉର୍ଦ୍ଧ୍ୱ ତଥା ୪୦%ରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଚଳିତ ବର୍ଷ ପୋଷ୍ଟାଲ ବାଲଟ ସଂଖ୍ୟା ବୃଦ୍ଧି ସଂକ୍ରାନ୍ତରେ ମଧ୍ୟ ସେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ୬୦ପ୍ରତିଶତ ରୁ ୭୦ପ୍ରତିଶତ ବୁଥରେ କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଥିବା ବେଳେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଡ୍ରୋନ ଯୋଗେ ମନିଟରିଂ କରାଯିବ ବୋଲି ସେ କହିଥିଲେ।

ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ୍. ଥିରୁମାଲା ନାୟକ ନିର୍ବାଚନ ସମୟରେ ଖର୍ଚ୍ଚର ପରିଚାଳନା, ଆଚରଣ ବିଧି ଲାଗୁ ଏବଂ ଭୋଟ ଆରମ୍ଭ ପୂର୍ବର ଗୁରୁତ୍ୱପୂର୍ଣ୍ଣ ୭୨ ଘଣ୍ଟା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି), ଶ୍ରୀ ଲଳିତ ଦାସ ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମାପ୍ତ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୁଲିସ କମିସନର ସଞ୍ଜୀବ ପଣ୍ଡା ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା ପରିଚାଳନା, ଭିଆଇପିଙ୍କ ସୁରକ୍ଷା ଏବଂ ଆଚରଣବିଧି ଲାଗୁ ସମୟରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ) ଏସ. ଦେବଦତ୍ତ ସିଂ, ନିର୍ବାଚନ ପ୍ରକ୍ରିୟାରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଶେଷ କରି ନକ୍ସଲ ପ୍ରଭାବିତ ଅଞ୍ଚଳରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଥିଲେ। ଏହି ପୁଲିସ ବାହିନୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

କାର୍ଯ୍ୟକ୍ରମର ଶେଷ ଭାଗରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଯୋଗଦେଇ ନିର୍ବାଚନ ପୂର୍ବରୁ ପୁଲିସର ସକ୍ରିୟତା ସମ୍ପର୍କରେ ମତପ୍ରକାଶ କରିଥିଲେ। ଉପଯୁକ୍ତ ଯୋଜନା ଏବଂ ଉପଯୁକ୍ତ ରଣନୀତି ପ୍ରଣୟନ କରାଯିବା ଉପରେ ସେ ଗୁରୁତତ୍ୱାରୋପ କରିଥିଲେ। ଏନଫୋର୍ସମେଣ୍ଟକୁ ଜୋରଦାର, ସଠିକ ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ମୁତୟନ, ଗୁଇନ୍ଦା ବିଭାଗକୁ ସକ୍ରିୟ, ରାତ୍ରକାଳୀନ ପାଟ୍ରୋଲିଂ କଡ଼ାକଡ଼ି, ମାଦକ ଦ୍ରବ୍ୟ ବ୍ୟବସାୟକୁ ଦୃଢ଼ହସ୍ତରେ ଦମନ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ)ଅରୁଣ ବୋଥ୍ରା, ଆଇ.ଜି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ, ଓସଡମାର ସିଜିଏମ ସବ୍ୟସାଚୀ ହୋତା ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

ଶିକ୍ଷାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଆମର ଲକ୍ଷ୍ୟ। ଏହିସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପଶକ୍ତି ଭାବେ ଗଢ଼ି ଉଠିବ।
-ନବୀନ ପଟ୍ଟନାୟକ।



ସକାଳ
THE SAKALA

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ନିର୍ବାଚନ ବଣ୍ଡ ଅସାମ୍ବିଧାନିକ ଘୋଷିତ

ସମୟର ଆବଶ୍ୟକତା ପୂରଣ ପାଇଁ ବିଧାନପାଳିକା ପ୍ରସ୍ତୁତ ନୀତିନିୟମ ଓ ଆଇନ ଯେ ସାମ୍ବିଧାନିକତାର ଦ୍ୱାହିରେ ନ୍ୟାୟିକ ସମ୍ମତି ଲାଭ କରି ନଥାଏ ତାହା ଆଉ ଥରେ ଭାରତରେ ପ୍ରମାଣିତ ହୋଇଗଲା। ନିର୍ବାଚନ ଲଢ଼ିବାକୁ ରାଜନୈତିକ ଦଳ 'ଇଲେକ୍ଟୋରାଲ୍ ବଣ୍ଡ' ମାଧ୍ୟମରେ ଅର୍ଥସଂଗ୍ରହ କରିବାର ଯେଉଁ ବ୍ୟବସ୍ଥା ୨୦୧୮ରୁ ଆରମ୍ଭ ହୋଇଥିଲା ତାହାକୁ ଗତକାଲି ସର୍ବୋଚ୍ଚ ଅଦାଲତ ଅସାମ୍ବିଧାନିକ କହି ଖାରଜ କରିଦେଇଛନ୍ତି।

ଏହା ଏକ ଐତିହାସିକ ରାୟ ଏଇଥିପାଇଁ ଯେ 'ଇଲେକ୍ଟୋରାଲ୍ ବଣ୍ଡ' ଓ ଆନୁଷଙ୍ଗିକ ଆଇନରେ କେତେକ ତ୍ରୁଟି ବା ବ୍ୟତିକ୍ରମ ଥିଲା, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନ ଥିଲା। ଦ୍ୱିତୀୟତଃ, ଏହି ଆଇନ ସମ୍ବିଧାନର କେତେକ ମୌଳିକ ଧାରାର ବିରୋଧାଚରଣ କରୁଥିଲା। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି ଯେ କୌଣସି ରାଜନୈତିକ ଦଳକୁ ଆର୍ଥିକ ସହାୟତା ଦେଲାବେଳେ ଦାତା ଓ ଗ୍ରହୀତାଙ୍କ ମଧ୍ୟରେ 'ଦେଣନେଣ'ର ଅଲିଖିତ ସହମତି ରହିବ। ଆହୁରି ମଧ୍ୟ ଅର୍ଥଦାନ କରୁଥିବା ବ୍ୟକ୍ତି, ଅନୁଷ୍ଠାନ, ଉଦ୍ୟୋଗ ବା ସଂସ୍ଥାଙ୍କ ନାମ 'ଇଲେକ୍ଟୋରାଲ୍ ବଣ୍ଡ'ରେ ଗୁପ୍ତ ରଖାଯାଉଥିବାରୁ ଏହାଦ୍ୱାରା ଭୋଟରଙ୍କ ମୌଳିକ ସୂଚନା ଅଧିକାର ସଙ୍କୁଚିତ ହେଉଛି। ଏ ବିଷୟରେ ଭୋଟରମାନଙ୍କର ଏସବୁ କଥା ଜାଣିବାର ଅଧିକାର ଅଛି ବୋଲି ସମ୍ବିଧାନର ଧାରା ୧୯.୧(କ)ରେ ଉଲ୍ଲେଖ କରାଯାଇଛି। ତେଣୁ ଭୋଟରଙ୍କୁ ଏହି ବଣ୍ଡ ମାଧ୍ୟମରେ ହେଉଥିବା ନେଣଦେଣ ସମ୍ପର୍କରେ ଅବଗତ ନ କରାଇବା ବା ଅନ୍ଧାରରେ ରଖିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ।

ତେଣୁ ଏହି ରାୟ ଲେଖିଥିବା ସୁପ୍ରିମକୋର୍ଟ ପ୍ରଧାନବିଚାରପତି ଶ୍ରୀ ଡି ୱାଇ ଚନ୍ଦ୍ରଚୂଡ଼ ତତ୍କାଳ ଏହି 'ଇଲେକ୍ଟୋରାଲ୍ ବଣ୍ଡ' କାରବାରକୁ ବନ୍ଦ କରିବାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ବିଆଇ ଏକମାତ୍ର ବ୍ୟାଙ୍କ, ଯାହା ମାଧ୍ୟମରେ ଏହି ବଣ୍ଡ କାରବାର ହେଉଥିଲା। ଏହାଛଡ଼ା ୨୦୧୯ ଏପ୍ରିଲ୍‌ରୁ ଏହି ବଣ୍ଡ ମାଧ୍ୟମରେ କେଉଁ ରାଜନୈତିକ ଦଳ କେତେ ପରିମାଣର ବଣ୍ଡ ଚାନ୍ଦା ପାଇଛନ୍ତି ତାହାର ସବିଶେଷ ତଥ୍ୟ ନିଜର ୱେବ୍‌ସାଇଟ୍‌ରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରଦର୍ଶିତ କରିବାକୁ ପ୍ରଧାନ ବିଚାରପତି ନିର୍ବାଚନ ଆୟୋଗକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତିଙ୍କ ସହିତ ଅନ୍ୟ ତିନିଜଣ ବିଚାରପତି ମଧ୍ୟ ଏହି ପ୍ରସଙ୍ଗରେ ଏକମତ ହୋଇ କହିଛନ୍ତି ଯେ 'ଇଲେକ୍ଟୋରାଲ୍ ବଣ୍ଡ'ରେ ଦାତାଙ୍କ ନାମ ନ ରହିବା ଅର୍ଥ ଭୋଟରଙ୍କ ସୂଚନା ଅଧିକାରରେ ହସ୍ତକ୍ଷେପ। ଅପରପକ୍ଷରେ ନିର୍ବାଚନ ପ୍ରକ୍ରିୟାରେ କଳାଧନର ଦୁରୁପଯୋଗକୁ ଏଭଳି ବଣ୍ଡ ବ୍ୟବସ୍ଥା ମାଧ୍ୟମରେ ରୋକି ହେବ ନାହିଁ। ଅଦାଲତ ଆହୁରି ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି ଯେ ସମ୍ବିଧାନର ଧାରା ୧୯.୧(କ) କୁ ଧାରା୧୯.୨ ଭିତ୍ତିରେ ସଙ୍କୁଚିତ ବା ନିୟନ୍ତ୍ରିତ କରିବେହ। ଅର୍ଥାତ୍ ଧାରା ୧୯.୨ ଯଦି କହେ ଯେ ଭୋଟଙ୍କ ସୂଚନା ପାଇବାର ଅଧିକାର ନାହିଁ, ତେବେ ଧାରା ୧୯.୧(କ)ରେ ଦିଆଯାଇଥିବା ଅଧିକାର ସଂକୁଚିତ ହୋଇପାରିବ। 'ଇଲେକ୍ଟୋରାଲ୍ ବଣ୍ଡ' କାରବାରରେ ରାଜନୈତିକ ଦଳ ଓ ଚାନ୍ଦା ଦାତାଙ୍କ ନାମ ଉଲ୍ଲେଖ ନ ରହିବା ବା ଏହାକୁ ସାର୍ବଜନୀନ ନ କରିବା ସୂଚନା ଅଧିକାର ଏବଂ ସମ୍ବିଧାନରେ ଧାରା ୧୯ ର ଉଲ୍ଲଙ୍ଘନ।

ଏହା ସମସ୍ତଙ୍କୁ ଜଣା ଯେ ଯେଉଁ ଦଳ କ୍ଷମତାରେ ଥାଏ ବା ଜିତିବାର ସମ୍ଭାବନା ଅଧିକ ଥାଏ ସେ ଦଳକୁ ସବୁଠୁ ଅଧିକ ରାଜନୈତିକ ଚାନ୍ଦା ଆସେ। ଏହି ଚାନ୍ଦା ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ ଓ ଧନାଢ଼୍ୟ ଲୋକେ ଦେଇଥା'ନ୍ତି। ଆହୁରି ମଧ୍ୟ ନିୟମ ଅନୁସାରେ ଉଦ୍ୟୋଗ ଜଗତ ନିଜ ଲାଭର ୭.୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ରାଜନୈତିକ ପ୍ରୋତ୍ସାହନ ପାଇଁ ଖର୍ଚ୍ଚ କରିବାର ବ୍ୟବସ୍ଥା ଅଛି। କିନ୍ତୁ ସଂଶୋଧିତ ଆଇନ ବ୍ୟବସ୍ଥା ଅନୁସାରେ ଦେଖାଯାଉଛି ଯେ ଏହି ଧାର୍ଯ୍ୟ ସୀମାଠାରୁ ଅଧିକ କମ୍ପାନୀ ଓ ଉଦ୍ୟୋଗପତିମାନେ ନିଜ ସଂସ୍ଥାମାନଙ୍କର ଆର୍ଥିକ କ୍ଷତି ସତ୍ତ୍ୱେ ରାଜନୈତିକ ଦଳମାନଙ୍କୁ ବଣ୍ଡ ଆକାରରେ ଦେଉଛନ୍ତି। ସର୍ବୋଚ୍ଚ ଅଦାଲତ ଯଥାର୍ଥରେ କହିଛନ୍ତି ଯେ ଯିଏ ଚାନ୍ଦା ଦେବେ ତା'କୁ ରାଜନୈତିକ ଦଳମାନେ ସବୁବେଳେ ଲୋଡ଼ି ତାଙ୍କ କାମ ଅଗ୍ରାଧିକାର ଭିତ୍ତିରେ କରିବାର ସମ୍ଭାବନା ରହୁଛି। ଏଥିରେ କଳାଧନର ରାଜନୈତିକ ଦୁରୁପଯୋଗ ବନ୍ଦ ହେବାର ସମ୍ଭାବନା କେଉଁଠି ରହିଲା? ଅଧିକାଂଶ ଲୋକ ଯାହା ଭାବୁଥିଲେ ସର୍ବୋଚ୍ଚ ଅଦାଲତ ତାହା ସ୍ପଷ୍ଟ କରିଦେଇଛନ୍ତି।

ଉଚ୍ଚତମ ଅଦାଲତରେ ପ୍ରାୟ ଛଅବର୍ଷ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ମାମଲାଟିର ଅଗ୍ରଣୀ ଆବେଦନକାରୀ ଥିଲେ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରାଇଟ୍(ଏଡିଆର), ଯାହା ପକ୍ଷରୁ ବରିଷ୍ଠ ଖ୍ୟାତନାମା ଓକିଲ ପ୍ରଶାନ୍ତ ଭୂଷଣ ମୋକଦ୍ଦମା ପରିଚାଳନା କରୁଥିଲେ। ଉଚ୍ଚ ଅଦାଲତ ରାୟ ପରେ ତାଙ୍କ ମନ୍ତବ୍ୟରେ ପ୍ରଶାନ୍ତଭୂଷଣ କହିଛନ୍ତି ଯେ ଏହା ସୁସ୍ଥ ଗଣତନ୍ତ୍ର ପାଇଁ ଏକ ବଡ଼ ପଦକ୍ଷେପ। ସେହିଭଳି କଂଗ୍ରେସ ଦଳ ମଧ୍ୟ ଏହି ରାୟକୁ ନେଇ ତାଙ୍କ ଆଦର୍ଶର ବିଜୟ ହେଲା ବୋଲି କହୁଛନ୍ତି। ତେବେ ଜଣେ ସାଧାରଣ ନାଗରିକ ପାଇଁ ଏତିକି ବୁଝିଲେ ଯଥେଷ୍ଟ ହେବ ଯେ କଳାଧନ ହେଉ ବା ଗୁପ୍ତ ନିର୍ବାଚନୀ ବଣ୍ଡ ନିବେଶ ହେଉ, ଉଭୟ ଭାରତୀୟ ଗଣତନ୍ତ୍ର ପାଇଁ କେବେହେଲେ ଶୁଭଙ୍କର ହୋଇ ନ ପାରେ। କେତେକ ପର୍ଯ୍ୟବେକ୍ଷକଙ୍କ ମତରେ ଷ୍ଟେଟ୍ ବ୍ୟାଙ୍କ ଓ ନିର୍ବାଚନ ଆୟୋଗ ଦ୍ୱାରା ନିର୍ବାଚନୀ ବଣ୍ଡର ସବିଶେଷ ବିବରଣୀ ସାଧାରଣରେ ପ୍ରକାଶିତ ହେବା ପରେ ରାଜନୈତିକ ଦଳଗୁଡ଼ିକ ପାଇଁ ଯେଉଁ ଅଶୋଭନୀୟ ସ୍ଥିତି ଉପୁଜିବ ତାର ନିରାକରଣ କିପରି ହେବ ତାହା ବୁଝା ପଡ଼ୁନାହିଁ। ଯେଉଁ ଶିଳ୍ପପତି ବା ଘରୋଇ ବ୍ୟବସାୟିକ ସଂସ୍ଥା ମାତ୍ରାଧିକ ନିର୍ବାଚନୀ ବଣ୍ଡରେ ନିବେଶ କରିଥିବାର ଜଣାପଡ଼ିବ ସେମାନେ ଜନସାଧାରଣଙ୍କ ଦୃଷ୍ଟିରେ ନିନ୍ଦିତ ହେବା ନିଶ୍ଚିତ। ତେଣୁ ଉଚ୍ଚଅଦାଲତର ଏହି ପଦକ୍ଷେପ ନିର୍ବାଚନକୁ କଳାଧନରୁ ପ୍ରଭାବକୁ ମୁକ୍ତ ରଖିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏବେ ବେଳ ଆସିଛି ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ପୁଞ୍ଜି ଦ୍ୱାରା ପରିଚାଳନା କରିବା ପାଇଁ ବ୍ୟବସ୍ଥା ନିର୍ମାଣ ଉପରେ ଗମ୍ଭୀର ଭାବେ ବିଚାର ଆଲୋଚନା କରିବାକୁ। ଏ ବିଷୟରେ ଦୀର୍ଘକାଳ ଧରି କିଛି କିଛି ବିତର୍କ ଓ ବିମର୍ଶ ହୋଇ ଆସୁଥିଲେ ମଧ୍ୟ ଭାରତର ଜାତୀୟ ଓ ଅନ୍ତର୍ଜାତୀୟ ଭାବମୂର୍ତ୍ତି ଓ ଆର୍ଥିକ ବିକାଶର ପରିପ୍ରେକ୍ଷୀରେ ଏ ସମ୍ପର୍କରେ ଆଉ ବିଶେଷ ବିଳମ୍ବ ନ କରି ନିର୍ବାଚନ ସଂସ୍କାର ପାଇଁ ସାମ୍ବିଧାନିକ ପଦକ୍ଷେପ ନିହାତି ଜରୁରୀ ହୋଇପଡ଼ିଛି।

# ବିଶ୍ୱ ଆଜି ରାମମୟ



**ଜୟନ୍ତ ପଟ୍ଟନାୟକ**
ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯

ଲୀଳାମୟ ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ବିନା ଆଦେଶରେ ଗଛରେ ପତ୍ର ମଧ୍ୟ ହଲେ ନାହିଁ। ପ୍ରଭୁଶ୍ରୀରାମଙ୍କ ଇଚ୍ଛାରେ ଦୀର୍ଘ ୫୦୦ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଗତ ୨୦୨୪ ଜାନୁଆରୀ୨୨ ସୋମବାର ପବିତ୍ର ପୌଷ ଶୁକ୍ଳ ଦ୍ୱାଦଶୀ(କୁର୍ମ) ବିକ୍ରମ ସମ୍ବତ୍ସର, ମୃଗଶିରା ନକ୍ଷତ୍ର ମଧ୍ୟାହ୍ନ ୧୨.୨୯ ରୁ ୧୨.୩୧ମଧ୍ୟରେ ମୋଟ ୮୪ସେକେଣ୍ଡର ଅଭିଜିତ୍ ମୁହୂର୍ତ୍ତରେ ଅଯୋଧ୍ୟା(ଅବଧ) ନଗରୀର ଭବ୍ୟମନ୍ଦିରରେ ପ୍ରଭୁଙ୍କ ବାଳରୂପ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ପୃଥିବୀରେ କୋଉଦେଶରେ ଯେ ପ୍ରଭୁ ରାମଲାଲାଙ୍କ ନାମରେ ଗୁଞ୍ଜରଣ ସୃଷ୍ଟି ନ ହୋଇଛି, ରାମଲାଲାଙ୍କ ଭବ୍ୟ ପ୍ରଦର୍ଶନ ନ ହୋଇଛି ଏମିତି କ୍ୱଚିତ ଅଛି। ବିଶ୍ୱର କୋଣଅନୁକୋଣରୁ ଆସିଥିବା ୮୦ ଅତି ବିଶିଷ୍ଟ ଅତିଥିଙ୍କ ସମେତ ୮, ୦୦୦ ବିଶିଷ୍ଟ ଅତିଥି ସମେତ ହଜାର ହଜାର ସାଧୁସନ୍ଥ, କ୍ରୀଡ଼ାବିତ୍, ସିନେ କଳାକାର, ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ, ବିଚାରପତିବୃନ୍ଦ, ବୈଜ୍ଞାନିକ, କୂଟନୀତିଜ୍ଞ, ଶିକ୍ଷାବିତ୍, ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଏବଂ ସମାଜର ସବୁବର୍ଗର କର୍ଣ୍ଣଧାରମାନେ ବାଳକରାମଙ୍କ ନବ୍ୟ, ଦିବ୍ୟ ତଥା ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ଗଗନ, ପବନ ସର୍ବତ୍ର 'ଜୟଶ୍ରୀରାମ' ନାଦରେ ପ୍ରକମ୍ପିତ ହେଉଥିଲା। ଭାରତୀୟ ବାୟୁସେନାର ହେଲିକପ୍ଟର ଆକାଶମାର୍ଗରୁ ଭକ୍ତମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରୁଥିଲା। ସେ ଦିନ ୫୦ ପ୍ରକାରରୁ ଅଧିକ ବାଦ୍ୟଯନ୍ତ୍ରରେ ମୁଖରିତ ଥିଲା ଅଯୋଧ୍ୟା। ଏତେ ବଡ଼ ଉତ୍ସବର ସୁପରିଚାଳନା ସକାଶେ ୭ଥାକିଆ ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନିଯୁକ୍ତ ଥିଲେ ୩୧ ଆଇପିଏସ୍, ସ୍ନାଇପର, ଏଟିଏସ୍, ଆଣ୍ଟିଗନ୍ ସ୍କ୍ୱାଡ୍ ସହ ୨୫ହଜାର ଯବାନ। ୧୦୦୦ ସିସିଟିଭିରେ ସବୁ ମନିଟରିଙ୍ଗ କରାଯାଉଥିଲା। କୌଣସିପ୍ରକାର ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍ ନିଷେଧ ଥିଲା। ପ୍ରଖ୍ୟାତ କଣ୍ଠଶିଳ୍ପୀ ଅନୁରାଧା ପୋଡ଼ୱାଲ୍, ସୋନୁ ନିଗମ ଓ ସାଥୀମାନେ ଶ୍ରୀରାମ ଭଜନ ପରିବେଷଣ କରୁଥିଲେ।

ବିଗତଦିନର ଲୋକପ୍ରିୟ ଧାରାବାହିକ 'ରାମାୟଣ'ର ରାମ-ଅରୁଣ ଗୋଭିଲ, ସୀତା-ଦୀପିକା ଚିଖଲାଇ, ଲକ୍ଷ୍ମଣ- ସୁନୀଲ ଲାହିରୀ ମଧ୍ୟ ଏଥିରେ ଅତିଥିଭାବେ ଅଯୋଧ୍ୟା ଆସିଥିଲେ। ସାଧାରଣ ବେଶରେ ସେମାନେ ଯେତେବେଳେ ଅଯୋଧ୍ୟା ରାଜପଥରେ ଚାଲୁଥିଲେ ଅଯୋଧ୍ୟାବାସୀ ସେମାନଙ୍କୁ ଅଟକାଇ ରାମାୟଣ ଧାରାବାହିକର ଉତ୍ତରାଖଣ୍ଡରେ ଲବକୁଶ ଗାଇଥିବା, 'ହମ୍ କଥା ସୁନାତେ ରାମ କଥଲ ଗୁନ ଧାମକି, ୟେ ରାମାୟଣ ହେ ପୁଣ୍ୟ କଥା ଶ୍ରୀରାମ କି...' ଗୀତରେ ନାଚିଗାଇ ଅଭିନନ୍ଦନ ଜଣାଇଥିଲେ।

ପାକିସ୍ତାନର ଶ୍ରଦ୍ଧାଳୁ ସେଠାରେ ଏକମାତ୍ର ହିନ୍ଦୁଦେବୀ(ହିଙ୍ଗଲାଜ ମାତା) ମନ୍ଦିରର ଜଳ ପଠାଇଛନ୍ତି ଅଭିଷେକ ପାଇଁ। ଆଫଗାନିସ୍ତାନ ତାଲିବାନି ଉପହାର ଏବଂ କୁବା(କାବୁଲ) ନଦୀର ଜଳ ପଠାଇଛନ୍ତି ପ୍ରଭୁଙ୍କ ସକାଶେ। ଭାରତ-ଚୀନ ସୀମାରେ ଚୀନା ସୈନ୍ୟ 'ଜୟଶ୍ରୀରାମ' ଧ୍ୱନୀ ଦେଇଛନ୍ତି ଆଗ୍ରହରେ। ସେହିପରି ଭାବେ ଏହି ପବିତ୍ର ପ୍ରାଣପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ କରାଯାଇଥିଲା ନିଉୟର୍କ ସହରର ବିଖ୍ୟାତ ଟାଇମ୍ ସ୍କୋୟାରରେ ଏବଂ ସେହି ସମୟରେ ନ୍ୟୁଜିଲାଣ୍ଡର ଅକଲ୍ୟାଣ୍ଡରେ, ଇଂଲଣ୍ଡର ଅନେକତ୍ର ଓ ଅଷ୍ଟ୍ରେଲିଆର ସିଡନି ସହରରେ ମଧ୍ୟ ଏହି ଉତ୍ସବକୁ ପାଳନ କରାଯାଇଥିଲା। ଗୋଟିଏ ସମ୍ବାଦ ଆସିଛି ଯେ ବିଶ୍ୱର ସର୍ବବୃହତ୍ ଶ୍ରୀରାମ ମନ୍ଦିର ୧୦୮ ଏକର ଜମିରେ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ ଅଷ୍ଟ୍ରେଲିଆର ବନ୍ଦର ସହର ପର୍ଥରେ ୮୦୦ କୋଟି ଡଲାର ବିନିମୟରେ। ସେଠାରେ ରାମାୟଣ ସମ୍ପର୍କୀୟ ଅଧ୍ୟୟନ ଓ ଗବେଷଣା ନିମନ୍ତେ ଏକ ବିଶ୍ୱବିଦ୍ୟାଳୟ, ମହର୍ଷି ମହେଶଯୋଗୀ ରାମାୟଣ ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା ହେବ, ଯାହା ସନାତନୀ ହିନ୍ଦୁମାନଙ୍କ ସକାଶେ ଗର୍ବ ଓ ଗୌରବର ବିଷୟ ନିଶ୍ଚିତ।

ପ୍ରତିଷ୍ଠା ପରଦିନ ୨୩ରୁ ୧୧ଦିନ ମଧ୍ୟରେ ପ୍ରାୟ ୧୫ଲକ୍ଷ ଭକ୍ତ ବାଳକରାମଙ୍କ ଦର୍ଶନ କରିଥିଲେ ଓ ୧୧ କୋଟି ଟଙ୍କା ଦାନ ଆକାରରେ ମିଳିଥିଲା। ଅଯୋଧ୍ୟାରେ ପ୍ରବଳ ଥଣ୍ଡା ସତ୍ତ୍ୱେ ଭକ୍ତମାନେ ରାତି ୩ଟାରୁ ଲାଇନ ଲଗାଉଥିଲେ। ଏହା ତ ଥିଲା ସର୍ବସାଧାରଣ ଭକ୍ତଜନ ବା ଶ୍ରଦ୍ଧାଳୁଙ୍କ ଦାନ। ଦକ୍ଷିଣ ସିନେମାର ସୁପରଷ୍ଟାର ପ୍ରଭାସ(ବାହୁବଳୀ) ଦେଇଛନ୍ତି ୫୦କୋଟି ଟଙ୍କା ରାମମନ୍ଦିର ନିର୍ମାଣାର୍ଥେ। ତେଲୁଗୁଷ୍ଟାର ଜନସେନା ପାର୍ଟିର ମୁଖ୍ୟ ପବନ କଲ୍ୟାଣ ଦେଇଛନ୍ତି ୩୦ ଲକ୍ଷ। ବର୍ଷିଆନ୍ ଅଭିନେତା ଅନୁପମ ଖେର ରାମମନ୍ଦିରରେ ଲାଗିଥିବା ଇଟାର ଏକ ବଡ଼ଅଂଶ ଦାନ କରିଛନ୍ତି। ସୂଚନାଯୋଗ୍ୟ ରାମମନ୍ଦିରରେ ଲାଗିଥିବା ସବୁ ଇଟାରେ 'ରାମ' ନାମ ଲେଖାଯାଇଛି। ଭାରତୀୟ ଆଧ୍ୟାତ୍ମିକ ଗୁରୁ ସନ୍ଥ ମୁରାରୀ ବାପୁ ଦେଇଛନ୍ତି ୧୧.୩ କୋଟି ଟଙ୍କା। ତାଙ୍କ ଭକ୍ତବୃନ୍ଦ ଦେଇଛନ୍ତି ୮ କୋଟି ଟଙ୍କା। ଶିଳ୍ପପତି ମୁକେଶ ଅମ୍ବାନୀ ଓ ଝିଅ ଈଶା ମିଶି ଦେଇଛନ୍ତି ୧୦ କୋଟି ଟଙ୍କା। ଗୁଜୁରାଟର ବ୍ୟବସାୟୀ ଦୀପକ ଭି. ଲାଖଭି ଦେଇଛନ୍ତି ୧୦୧କେଜି ସୁନା ରାମମନ୍ଦିରର ୧୪ଟି କବାଟ ସ୍ୱର୍ଣ୍ଣାଚ୍ଛାଦନ ସକାଶେ। ସେହି ଗୁଜରାଟର ହୀରା ବ୍ୟବସାୟୀ ମହେଶ ପଟେଲ ବାଳକରାମଙ୍କ ଲାଗି ୪ କିଗ୍ରା ସୁନା ସମେତ ହୀରା, ମୋତି, ମାଣିକର ମୁକୁଟ ଦେଇଛନ୍ତି, ଯାହାର ମୂଲ୍ୟ ୧୧କୋଟି ଟଙ୍କା। ଗୋବିନ୍ଦ ଅଗ୍ରୱାଲ ନାମକ ବ୍ୟବସାୟୀ ଦାନ ଦେଇଛନ୍ତି ୧୧ କୋଟି ଟଙ୍କା। ବିହାରରୁ ଆସିଛି ସୁନାର ଧନୁ, ତୀର, ୧୨୬୫ କେଜିର ଏକ ଲଡୁ ଆସିଛି ବାଳକରାମଙ୍କ ପ୍ରସାଦ ସକାଶେ। ମଥୁରାର କେଶବଦେବ ମନ୍ଦିରରୁ ଏକ ସୁନ୍ଦର ବଂଶୀ ସହିତ ଅନେକ ବେଶପୋଷାକ ଓ ବିଭିନ୍ନ ଭୋଗପଦାର୍ଥ ଆଣି ଆସିଥିଲେ ମନ୍ଦିରର ଆଚାର୍ଯ୍ୟ। କାଶ୍ମୀରର ଜଣେ ବ୍ୟବସାୟୀ ରାମମନ୍ଦିରର ଚିତ୍ରଥିବା ଏକ ସୁନ୍ଦର ସାଲ ପଠାଇଛନ୍ତି ପ୍ରଭୁ ବାଳକରାମଙ୍କ ଉଦ୍ଦେଶ୍ୟରେ। ଓଡ଼ିଶାର କଟକ ଜିଲ୍ଲା ତିଗିରିଆ ନୂଆପାଟଣାରେ ବୁଣାଯାଇଥିବା 'ରାମଚରିତ ମାନସ' ଲେଖାଯାଇଥିବା ଏକ ଖଣ୍ଡୁଆପାଟ ଯାଇଛି ବାଳକରାମଙ୍କ ସକାଶେ, ଯାହା ପ୍ରଭୁ ପ୍ରାଣ ପ୍ରତିଷ୍ଠା ପରଦିନ ୨୩ ତାରିଖରେ ପରିଧାନ କରିବାର କାର୍ଯ୍ୟକ୍ରମ ଥିଲା। ଏହିପରି ବିଭିନ୍ନପ୍ରକାର ବିଚିତ୍ର, ସୁନ୍ଦର ଦୁର୍ମୂଲ୍ୟ ପଦାର୍ଥ ଆସିଛି/ ଆସୁଅଛି ମଧ୍ୟ ପ୍ରଭୁ ରାମଲାଲାଙ୍କ ନିମନ୍ତେ, ଏମିତିକି ବିଦେଶରୁ ମଧ୍ୟ। ବିଦେଶରୁ ଆସିଥିବା ବିପୁଳ ଅର୍ଥରାଶି ଜମାହେବାରେ ବିଳମ୍ବ କିଛି ବୈଷୟିକ ତ୍ରୁଟିଯୋଗୁଁ।

ଓଡ଼ିଶା ପାଇଁ ଉଲ୍ଲେଖନୀୟ ହେଲା, ଉତ୍ତର ପ୍ରଦେଶ ସରକାରଙ୍କ ନିମନ୍ତ୍ରଣକ୍ରମେ ସ୍ୱନାମଧନ୍ୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ସାଥିମାନେ ନିର୍ମାଣ କରିଥିଲେ ଏକ ବିଶାଳ ସୁଦୃଶ୍ୟ ବାଳକରାମଙ୍କ ବାଲୁକା ଶିଳ୍ପ, ୫୦୦ ଛୋଟ ଛୋଟ ମନ୍ଦିର(୫୦୦ ବର୍ଷର ପ୍ରତୀକ୍ଷାର ପ୍ରତୀକ ସ୍ୱରୂପ) କୁ ଯୋଡ଼ି ନୂତନ ରାମମନ୍ଦିରର ପ୍ରତିକୃତି, ଯାହାର ଦୁଇପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଯୋଗୀ ଆଦିତ୍ୟନାଥ ପ୍ରଣତି ମୁଦ୍ରାରେ ଥିଲେ।

ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରକ୍ ମ୍ୟାନେଜମେଣ୍ଟ ଦ୍ୱାରା ପରୀକ୍ଷିତ ହେବା ପରେ ଜଣାପଡ଼ିଲା ଯେ ରାମଲାଲାଙ୍କ ମୂର୍ତ୍ତି ପ୍ରସ୍ତୁତି ନିମନ୍ତେ କର୍ଣ୍ଣାଟକରୁ ସଂଗୃହୀତ କୃଷ୍ଣ-ଶ୍ୟାମଳ ଗ୍ରାନାଇଟ ପଥରଟି ୨, ୫୦୦ ବର୍ଷ ତଳର। ଏହା ଅତିକଠିନ ଏବଂ ଏସିଡ୍, କ୍ଷୀର, ପାଣି ସମ୍ପର୍କରେ ଆସିଲେ ମଧ୍ୟ ସେଥିରେ କୌଣସିପ୍ରକାର କ୍ଷତି ହେବନାହିଁ। ପ୍ରସିଦ୍ଧ ମୂର୍ତ୍ତିକାର କର୍ଣ୍ଣାଟକର ଅରୁଣ ଯୋଗୀରାଜ ଅଧୁନା ପୂଜିତ ମୂର୍ତ୍ତିଟି ପ୍ରସ୍ତୁତ କଲେ, ଯାହା ପ୍ରଭୁଙ୍କର ସହାସ୍ୟ ମୁଖମଣ୍ଡଳ ଓ ବାଳକସୁଲଭ ଚାହାଣୀ(ଆଖି ଯାହା କୃଷ୍ଣଶୀଳାରେ ଉତାରିବା ଅତ୍ୟନ୍ତ କଷ୍ଟକର) ଯୋଗୁଁ ହିଁ ବିଚାରକ ମଣ୍ଡଳୀର ମନ ଜିଣିପାରିଲା। ମୁଖ୍ୟବିଗ୍ରହ ଏକ ପଦ୍ମଫୁଲ ଉପରେ ଦଣ୍ଡାୟମାନ, ପାଦତଳେ ହନୁମାନ ଓ ପ୍ରଭା(ଚାରିପଟେ ବେଷ୍ଟନ କରିଥିବା ବଳୟ)ରେ ଦଶାବତାର ଖୋଦିତ, ହାତରେ ଧନୁ ଓ ପୃଷ୍ଠଭାଗରେ ତୀର ଧାରଣ କରିଥିବା ବାଳକରାମ ବିଭିନ୍ନ ଅଳଙ୍କାର, ମୁକୁଟ ବେଶପୋଷାକରେ ଅପୂର୍ବ ଶୋଭା ବହନ କରୁଛନ୍ତି ଅଯୋଧ୍ୟାପତି ରାଜୀବଲୋଚନ ବାଳଶ୍ରୀରାମ। ସେହି କର୍ଣ୍ଣାଟକର ଗଣେଶ ଭଟ୍ଟ କୃଷ୍ଣଶୀଳାରେ ନିର୍ମାଣ କରିଥିବା ୫୪ ଇଞ୍ଚର ରାମଲାଲାଙ୍କ ମୂର୍ତ୍ତି ଓ ରାଜସ୍ଥାନ, ଜୟପୁରର ଶିଳ୍ପୀ ସତ୍ୟନାରାୟଣ ପାଣ୍ଡେ ପ୍ରସ୍ତୁତ କରିଥିବା ଶ୍ୱେତ ମର୍କଣା ମାର୍ବଲ୍‌ର ରାମଲାଲାଙ୍କ ବିଗ୍ରହ ମୁଖ୍ୟମନ୍ଦିରର ଗର୍ଭଗୃହରେ ସ୍ଥାନ ନ ପାଇଲେ ମଧ୍ୟ ସେହି ମୂର୍ତ୍ତିଦ୍ୱୟ ମନ୍ଦିର ସମ୍ପୂର୍ଣ୍ଣ ହେଲେ ୨ୟ ଓ ୩ୟ ମହଲାରେ ପ୍ରତିଷ୍ଠା ହେବେ।

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କର ପ୍ରକୃତ ଜନ୍ମସ୍ଥାନ ନିର୍ଣ୍ଣୟ କରିବା କିଛି ସହଜ କଥା ନଥିଲା। ପି.ଏନ.ମିଶ୍ର ନାମକ ଜଣେ ଓକିଲ ଏକଦା ଲକ୍ଷ୍ନୌରୁ କଲିକତା ଯାତ୍ରା କରିବା ସମୟରେ ଭୁଲକ୍ରମେ ଅଯୋଧ୍ୟାରେ ପହଞ୍ଚିଥିଲେ। ସେଠାରେ ଦେଖିଲେ ଅନେକସ୍ଥାନରେ ପଥର ପୋତା ଅଛି। କାହିଁକି ଏପରି ହୋଇଛି ପଚାରନ୍ତେ ଜନୈକ ସାଧୁ ଉତ୍ତର ଦେଇଥିଲେ ଜଣେ ବ୍ରିଟିଶ ବ୍ୟକ୍ତି ଏଡୱାର୍ଡ, ହିନ୍ଦୁ ସ୍କନ୍ଦ ପୁରାଣାନୁସାରେ ଅଯୋଧ୍ୟାର ୧୪୮ ଟି ତୀର୍ଥସ୍ଥଳକୁ ଚିହ୍ନଟ କରିବା ସକାଶେ ଏସବୁ ପଥର ପୋତି ସବୁଠି ପଥର ଉପରେ କିଛି ଲେଖିଛନ୍ତି (୧୯୦୨)। ଅନ୍ୟଜଣେ ବ୍ରିଟିଶବ୍ୟକ୍ତି ହନ୍ସ ବେକର ଏ ସମ୍ପର୍କରେ ଏକ ବହି ଲେଖିଛନ୍ତି ଓ ୫ଟିମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ସେ ସମୟରେ ମିଶ୍ରଙ୍କ ସହିତ ଥିଲେ ମହନ୍ତ ଅଭିମୁକ୍ତେଶ୍ୱରାନନ୍ଦ। ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଶ୍ରୀଯୁକ୍ତ ମିଶ୍ର ଓ ମହନ୍ତ ଅଭିମୁକ୍ତେଶ୍ୱରାନନ୍ଦଙ୍କ ସାକ୍ଷ୍ୟ, ପ୍ରମାଣ ଓ ପ୍ରକୃତ ସ୍ଥାନ ଚିହ୍ନଟ(ପଥରରେ ବିଘ୍ନେଶ ଲେଖା ଯାଇଥିଲା, ଯାହାକୁ ମହନ୍ତ ଅଭିମୁକ୍ତେଶ୍ୱରାନନ୍ଦ ଅର୍ଥ କଲେ ଅଯୋଧ୍ୟାର '୧୦୦' ଲେଖାଥିବା ପଥର ଖମ୍ବ ପୋତାଥିବା ସ୍ଥାନ ଯୋଉଠି ଏକ ବିଘ୍ନେଶ, ଗଣେଶ ମୂର୍ତ୍ତି ଥିଲେ ୮ଫୁଟଗଭୀର ଏକ କୂଅରେ। ମ୍ୟାପରେ ଦର୍ଶାଯାଇଥିବା ବିଘ୍ନେଶ ମନ୍ଦିର ନୁହେଁ) ବିଶେଷ ଭୂମିକା ନିର୍ବାହ କରିଥିଲା। ଉଲ୍ଲେଖଯୋଗ୍ୟ ଅଯୋଧ୍ୟାରେ ୧୪୮ ତୀର୍ଥସ୍ଥଳରେ ପୋତା ହୋଇଥିବା ପଥର ଖମ୍ବଗୁଡ଼ିକ ସ୍କନ୍ଦପୁରାଣର ବୈଷ୍ଣବ ଖଣ୍ଡ ଅଯୋଧ୍ୟା ମାହାତ୍ମ୍ୟ ସମର୍ଥିତ। ଶ୍ରୀରାମଜନ୍ମଭୂମି ସମ୍ପର୍କିତ ଏହି ନିର୍ଣ୍ଣୟରେ ନ୍ୟାୟାଧୀଶ ଚନ୍ଦ୍ରଚୂଡ଼ ମଧ୍ୟ ସମ୍ମତ ହୋଇଥିଲେ ଏବଂ ମହନ୍ତ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ୧୫ଜଣ ଓକିଲଙ୍କ ଦ୍ୱାରା ୧୦ଦିନ ଯାଏଁ ପଚରା ଯାଇଥିଲା। ଏବେ ସେହି ସ୍ଥାନରେ ୬ଭାଗରେ ବିଭକ୍ତ ୨.୭୭ଏକର ଜମିରେ ୫୭, ୪୦୦ ଫୁଟ ଜାଗାରେ ବିଶାଳ ରାମମନ୍ଦିର ପ୍ରତିଷ୍ଠିତ।

ଏହି ଅଭିଯାନର ଅନ୍ୟତମ ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ହେଲେ ତାମିଲନାଡୁ ନିବାସୀ ଭାରତୀୟ ନ୍ୟାୟ ବ୍ୟବସ୍ଥାର 'ପିତାମହ' ୨ ଥର ଭାରତର ଆଟର୍ଣ୍ଣି ଜେନେରାଲ ହୋଇଥିବା ପଦ୍ମବିଭୂଷଣ (୨୦୧୧)ଶ୍ରୀଯୁକ୍ତ କେ.ପରାଶରନ। ସେ ରାମ ଜନ୍ମଭୂମି କ୍ଷେତ୍ର ଟ୍ରଷ୍ଟର ସଦସ୍ୟ। ୨୦୧୯ରେ ସୁପ୍ରିମକୋର୍ଟରେ ରାମଜନ୍ମଭୂମି ମାମଲା ଚାଲିଥିବା ବେଳେ ୯୨ ବର୍ଷ ବୟସରେ ୨୪ ଦିନ କାଳ ୪ ଜଣିଆ ବିଚାରପତିଙ୍କ ବେଞ୍ଚ ସମ୍ମୁଖରେ ଦୃଢ଼ ଯୁକ୍ତି କରିଥିଲେ। ନ୍ୟାୟାଧୀଶ ତାଙ୍କୁ ବସିବାକୁ ଅନୁରୋଧ କରନ୍ତେ ସେ କହିଥିଲେ, 'ଆଜି ସ୍ୱୟଂ ରାମଲାଲା ମୋର ମହକିଲ। ତେଣୁ ଯୋତା ପିନ୍ଧିବି କିପରି, ଚୌକିରେ ବସିବି ବା କିପରି?' ପରାଶରନ ଯୁକ୍ତି କରିଥିଲେ, 'ବାବର ଏକ ଐତିହାସିକ ଭୁଲ କରିଥିଲେ, ଯାହାର ପ୍ରାୟଶ୍ଚିତ ଜରୁରୀ।' କେରଳର ସ୍ୱାଧୀନତା ସମୟର ଆଇଏଏସ୍ କେ.କେ.ନାୟାର ଦମ୍ପତି ଓ ଉପରୋକ୍ତ ବ୍ୟକ୍ତିତ୍ୱମାନେ ଏ ଜାତିର, ଏ ସଂସ୍କୃତିର ଚିର ନମସ୍ୟ, ଯେଉଁମାନଙ୍କର ଅମୂଲ୍ୟ ଅବଦାନ ବ୍ୟତିରେକେ ଏହି ଐତିହାସିକ ଉପଲବ୍ଧି ମିଳିନଥାନ୍ତା। ଅବଶ୍ୟ ସର୍ବୋପରି ରହିଛି ରାମଲାଲାଙ୍କ କରୁଣା

# ପାରଳାର ସମର୍ପିତ ସଂଗ୍ରାମୀ ଆପନ୍ନା ପରିଛା



**ପ୍ରମୋଦ ଚନ୍ଦ୍ର ପାଢ଼ୀ**
ପାରଳାଖେମୁଣ୍ଡି, ମୋ: ୯୭୭୮୩୨୨୬୨୨

ମସ୍ତକରେ ଗିରିଗୌରବ ମହେନ୍ଦ୍ର, ଗଳାରେ ପୂତତଟିନୀ ବଂଶଧାରା ଓ କଟି ଦେଶରେ ପାବନୀ ମହେନ୍ଦ୍ରତନୟାକୁ ଧାରଣ କରି ପ୍ରାକୃତିକ ଶୋଭା ଓ ମାନବୀୟ ସ୍ମୃତିର ଅବଧାରଣାରେ ପାରଳା ମାଟି ସଗୌରବେ ତିଷ୍ଠି ରହିଛି। ପାରଳାମାଟିର ସୁଯୋଗ୍ୟ ଦାୟାଦ ନବଉତ୍କଳର ନିର୍ମାତା କୃଷ୍ଣଚନ୍ଦ୍ର ଗଜପତି, ଯାହାଙ୍କର ଦେଶପ୍ରେମ ଓ ଜାତୀୟତାର ତୁଳନା ନାହିଁ। ଉକ୍ତ ପୁଣ୍ୟ ଭୂମିରେ ଜନ୍ମ ନେଇଥିଲେ ଆପନ୍ନା ନାମଧାରୀ ତିନିଜଣ ଉତ୍କଳ ଜନନୀର ବରପୁତ୍ର। ଜଣେ ଜାତୀୟ କବି ଆପନ୍ନା ପଣ୍ଡା, ଅନ୍ୟ ଜଣେ ଅନ୍ଧ ଗାୟକ ଆପନ୍ନା ପାଣିଗ୍ରାହୀ ଆଉ ଜଣେ ନାଟ୍ୟକାର ଓ ଅମ୍ଳାନ ଦେଶଭକ୍ତ ଆପନ୍ନା ପରିଛା।

ପରିଛା ବଂଶ ପାରଳାର ଖ୍ୟାତିସଂପନ୍ନ ବୈଷ୍ଣବଧର୍ମୀ ଆଧ୍ୟାତ୍ମିକ ସାଧକ ଅଟନ୍ତି। ଏହିବଂଶର ଷଷ୍ଠ ଦାୟାଦ ଆପନ୍ନା ପରିଛା ତାରିଖ ୧୬.୦୨.୧୮୭୯ରେ ମାତା ରାଜମଣି ଦେବୀ ଓ ପିତା ଲକ୍ଷ୍ମୀ ନାରାୟଣଙ୍କ କୋଳମଣ୍ଡନ କରିଥିଲେ। ଆପନ୍ନାଙ୍କ ପୂର୍ବଜ କାଳିଆ ପଣ୍ଡା ମହୁରୀ ଜମିଦାରୀ ଅନ୍ତର୍ଗତ ହଳଦିଆପଦର ଗ୍ରାମରୁ ପାରଳା ଅଧୀଶ୍ୱର ଜଗନ୍ନାଥ ନାରାୟଣ ଦେବ (୨ୟ)ଙ୍କ ସମୟ (ଖ୍ରୀ ୧୭୫୧-୧୭୭୦)ରେ ଆସି ରସିକରାଇ ମଠାଧୀଶ ଦାୟିତ୍ୱ ବହନ ପୂର୍ବକ ପରିଛା ଉପାଧି ପ୍ରାପ୍ତ ହୋଇଥିଲେ।

'ଆପନ୍ନା'ଶବ୍ଦଟି ତାମିଲ ଭାଷାରୁ ଆନୀତ। କିନ୍ତୁ ତେଲିଙ୍ଗମାନେ ନିଜ ମାତୃଭାଷାରେ ସୀମାଞ୍ଚଳ ଦିଅଁଙ୍କୁ 'ସୀମାଦ୍ରି ଆପନ୍ନା' ନାମରେ ସମ୍ବୋଧନ କରିଥା'ନ୍ତି। ବ୍ୟାକରଣ ଦୃଷ୍ଟିରୁ ଓଡ଼ିଆ ଭାଷାରେ 'ଆପନ୍ନା' ଶବ୍ଦର ତତ୍‌ସମ, ତଦ୍ଭବ କିମ୍ବା ଦେଶଜ ମଧ୍ୟରୁ କୌଣସିଟି ନୁହେଁ। ତେବେ 'ଆପ୍ପା(ପିତା)' ଓ 'ଆନ୍ନା(ଭାଇନା)' ଏହି ଉଭୟ ଶବ୍ଦର ସମାହାର 'ଆପନ୍ନା' ଅଟେ।

ଆପନ୍ନା ପରିଛାଙ୍କର ଆନୁଷ୍ଠାନିକ ଶିକ୍ଷାର ଅଗ୍ରଗତି ମାଟ୍ରିକୁଲେସନ, କିନ୍ତୁ ଚେଷ୍ଟା, ନିଷ୍ଠା ଓ ଅଧ୍ୟବସାୟ ଫଳରେ ବୈଷ୍ଣବଧର୍ମୀ ପରମ୍ପରାରେ ପ୍ରବୁଦ୍ଧ ଆପନ୍ନା ବାଲ୍ୟକାଳରୁ କୃଷ୍ଣଲୀଳାତ୍ମକ ନାଟକ, ଗୀତ ଓ ରାସ ପ୍ରତି ଆକୃଷ୍ଟ ହୋଇ ବଡ଼ଭାଇ ନୀଳମଣିଙ୍କ ସଂଗେ ବହୁ ସହଧର୍ମୀ ଉତ୍ସାହୀ ଯୁବକଙ୍କୁ ନେଇ ୧୮୯୮ ମସିହାରେ ଏକ ନାଟ୍ୟ ସଂଗଠନ 'ବୈଷ୍ଣବାନନ୍ଦ ଦାୟିନୀସଭା' ଗଠନ କରିଥିଲେ। ଜୈମିନୀ ମହାଭାରତର ଚନ୍ଦ୍ରହାସ ବିଷୟ କାହାଣୀ ଅବଲମ୍ବନରେ ସେ ଛାତ୍ରଜୀବନରେ ରଚନା କରିଥିଲେ 'ଚନ୍ଦ୍ରହାସ' ନାଟକ। ପ୍ରାବନ୍ଧିକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପୃଷ୍ଠପୋଷକତାରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ସେଥିରୁ ମିଳିଥିବା ପ୍ରେରଣା ଓ ଉତ୍ସାହ ବଳରେ ପରବର୍ତ୍ତୀ ସମୟରେ ସେ ଜଣେ କବି, ଅଭିନେତା ଓ ନାଟ୍ୟକାର ରୂପେ ସ୍ୱୀକୃତି ଲାଭ କରିଛନ୍ତି। ତାଙ୍କର ଅବିଶ୍ରାନ୍ତ ସାରସ୍ୱତ କୃତି ନାଟକ- ଐତିହାସିକ-ଚନ୍ଦ୍ରହାସ, ଚଞ୍ଚଳା କୁମାରୀ, ହେମଚନ୍ଦ୍ର, କନୌଜ କୁମାରୀ, ସ୍ୱର୍ଣ୍ଣଲତା, ହେମଲତା-ସାମାଜିକ ନାଟକ- ସୁନ୍ଦ ଉପସୁନ୍ଦ, ବିଜୟ ବସନ୍ତ, ପୌରାଣିକ ନାଟକ- ବିଲ୍ୱମଙ୍ଗଳ, ସୀତା ବନବାସ, ରାଧାକୃଷ୍ଣ ମିଳନ, ମାନଭଞ୍ଜନ, ନବଲୀଳା ବିଳାସ, ଗୋଷ୍ଠ ମିଳନ, ରାସଲୀଳା ଇତ୍ୟାଦି ରଚନା ସହ ନିର୍ଦ୍ଦେଶନା, ଅଭିନୟ ଓ ସଙ୍ଗୀତ ରଚନା କରୁଥିଲେ। ସେତେବେଳେ ସେ ଏକ ଅସ୍ଥାୟୀ ରଙ୍ଗମଞ୍ଚ ମାଧ୍ୟମରେ ନାଟକ ପରିବେଷଣ କରୁଥିଲେ। ସମୟକ୍ରମେ ରାଜଭ୍ରାତା ପଦ୍ମନାଭ ଗଜପତିଙ୍କ ଶୁଭଦୃଷ୍ଟିରେ ୧୯୦୫ ମସିହାରେ ଏକ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା ହେଲା, ଯାହାର ନାମ ଥିଲା - 'ପଦ୍ମନାଭ ରଙ୍ଗମଞ୍ଚ'। ସେଠାରେ ପଦ୍ମନାଭ ଗଜପତିଙ୍କ ଦ୍ୱାରା ଲିଖିତ ସଙ୍ଗୀତନାଟକ ପ୍ରହ୍ଲାଦ, ବାଣା ଦର୍ପଦଳନ, ଅହଲ୍ୟା ଶାପମୋଚନ ଇତ୍ୟାଦି ମଞ୍ଚସ୍ଥ କରି ସୁନାମ ଅର୍ଜନ କରିଥିଲେ। ଉକ୍ତ ପଦ୍ମନାଭ ରଙ୍ଗମଞ୍ଚ ଓଡ଼ିଶାର ସର୍ବପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ ଭାବେ ଖ୍ୟାତି ଅର୍ଜନ କରିଥିଲା। ଏହି ରଙ୍ଗମଞ୍ଚରେ ଓଡ଼ିଆ, ତେଲୁଗୁ, ସଂସ୍କୃତ ଓ ବଙ୍ଗଳା ଭାଷାର ସୌଖିନ କଳାକାରମାନଙ୍କ ସହଭାଗିତାରେ ନାଟକ ପରିବେଷଣ ହେଉଥିଲା। ପଦ୍ମନାଭ ରଙ୍ଗମଞ୍ଚର ସଭାପତି ଶ୍ୟାମସୁନ୍ଦର ରାଜଗୁରୁ ଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଓ ପରିଚାଳନା ଉଭୟ ଆପନ୍ନା ପରିଛା କରୁଥିଲେ। ଏହି ରଙ୍ଗମଞ୍ଚର ନାଟ୍ୟଦଳ ଓଡ଼ିଶା ଓ ଓଡ଼ିଶା ବାହାରେ ଭିନ୍ନ ଭିନ୍ନ ସ୍ଥାନରେ ନାଟକ ମଞ୍ଚସ୍ଥ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏହି ମଞ୍ଚ ୧୯୦୩ ମସିହାରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ, ୧୯୨୭ ମସିହାରେ ପୁରୀ ରାଧାକୃଷ୍ଣ ମଠ ଓ ଏମାର ମଠ ସହଯୋଗରେ ଗୋଷ୍ଠମିଳନ, ନବାନୁରାଗ ଓ ମାନଭଞ୍ଜନ ନାଟକ ମଞ୍ଚସ୍ଥ କରିଥିଲା। ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖ ପାରଳାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଦଶମ ଅଧିବେଶନ ସନ୍ଧିକ୍ଷଣରେ 'ବାଣା ଦର୍ପଦଳନ' ଓ 'ବିଜୟ ବସନ୍ତ' ନାଟକ ମଞ୍ଚସ୍ଥ ଅବସରରେ ରାଜ୍ୟସ୍ତରୀୟ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଭୂୟସୀ ପ୍ରଶଂସା ସାଉଁଟିଥିଲେ ଆପନ୍ନା। ବ୍ୟାସକବି ଫକୀର ମୋହନ ଆପନ୍ନାଙ୍କୁ ପ୍ରଶଂସା କରିବା ସହ ଉପାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଉଚିତ ରୂପଶ୍ରୀ ଦେଇଥିବା ବିଷୟ ପ୍ରକାଶ କରିଥିଲେ।

ପଦ୍ମନାଭ ରଙ୍ଗମଞ୍ଚ ଅନେକ ଉତ୍‌ଥାନ ଓ ପତନ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅସ୍ମିତା ତଥା ନାଟ୍ୟକଳାର ଏକ ଅମ୍ଳାନ ଜ୍ୟୋତି ସ୍ୱରୂପ ପ୍ରାୟତଃ ୩୦୦ଟିରୁ ଊର୍ଦ୍ଧ୍ୱ ରଜନୀ ନାଟକ ମଞ୍ଚସ୍ଥ କରି ଅର୍ଦ୍ଧଶତାବ୍ଦୀର ଇତିହାସ ସୃଷ୍ଟି କରିବା ସହିତ ମଞ୍ଚକଳାକୁ ୧୯୩୯ ମସିହା ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲା। ଓଡ଼ିଶାର ଅନେକ ରାଜା, ଜମିଦାର ଉତ୍ସାହିତ ହୋଇ ନିଜ ଅଞ୍ଚଳରେ ରଙ୍ଗମଞ୍ଚ ନିର୍ମାଣ ସହ ନାଟକ ପରିବେଷଣ କରୁଥିଲେ। ଯଥା- ରାଜେନ୍ଦ୍ର ରଙ୍ଗମଞ୍ଚ (ଚିକିଟି), ମହାମାୟୀ ରଙ୍ଗାଳୟ (ବୋଇରାଣୀ), ମର୍ଦ୍ଦରାଜ ରଙ୍ଗମଞ୍ଚ (ପୁରୁଷୋତ୍ତମପୁର), କେଶରୀ ରଙ୍ଗମଞ୍ଚ (ପିତଳ), ରାଧାକୃଷ୍ଣ ରଙ୍ଗମଞ୍ଚ (ଧରାକୋଟ), ନରେନ୍ଦ୍ର ରଙ୍ଗମଞ୍ଚ (ବ୍ରହ୍ମପୁର)। ଏତଦ୍‌ବ୍ୟତୀତ ମଞ୍ଜୁଷା, ଟିକାଲି, ତାଳଚେର, ବାମଣ୍ଡା, ମୟୂରଭଞ୍ଜ, ଷଢ଼େଇକଳା ଓ ଖଡ଼ିଆଳ ପ୍ରଭୃତି ଅଞ୍ଚଳରେ ମଧ୍ୟ ନାଟକ ମଞ୍ଚସ୍ଥ ହେଉଥିଲା।

୧୮୮୯ ମସିହାରେ ଆପନ୍ନା ପରିଛା, ପରିଛା ମଠର ସମସ୍ତ ଦାୟିତ୍ୱ ବହନ କଲେ। ସମୟକ୍ରମେ ଆପନ୍ନାଙ୍କ ଧାର୍ମିକ ଚେତନା, ସମାଜ ସଂସ୍କାର, ସାହିତ୍ୟ, ଜାତୀୟତାବାଦ, ରାଜନୈତିକ ମୂଲ୍ୟବୋଧ, ଦେଶସେବା ଓ ନାଟ୍ୟ ସାଧନାର ଗୁଣରେ ପରିଛା ମଠ ସର୍ବସାଧାରଣଙ୍କର ପ୍ରାଣକେନ୍ଦ୍ର ରୂପେ ପରିଗଣିତ ହେଲା। ମଠରେ ଗରିବ ମେଧାବୀ ଶିକ୍ଷାର୍ଥୀମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରାବାସ ସହ ସମସ୍ତ ସହାୟତା ପ୍ରଦାନର ବନ୍ଦୋବସ୍ତ ଥିଲା। ମଠରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାର ଅନେକ ପୁସ୍ତକ ଉପଲବ୍ଧ ଥିଲା। ଏଣୁ ଏଠାରୁ ପାଠାଗାର ଆନ୍ଦୋଳନର ସୂତ୍ରପାତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆପନ୍ନା ଥିଲେ ନିଷ୍ଠାପର ଦେଶସେବକ। ଓଡ଼ିଆଙ୍କ ଆନ୍ଦୋଳନକୁ ଚାଲୁ ରଖିବାକୁ ଫିଲିପ ଡଫ୍ କମିଶନଙ୍କ ଆଗରେ ଓଡ଼ିଆଙ୍କ ସଂଖ୍ୟାଗରିଷ୍ଠତାର ସ୍ମାରକପତ୍ର ଉପସ୍ଥାପନ କରିବା ଏବଂ ୧୯୨୩ ମସିହାରେ ପାରଳା ମାଟିକୁ ମହାତ୍ମା ଗାନ୍ଧୀଙ୍କୁ ନିମନ୍ତ୍ରଣ କରି କଂଗ୍ରେସ ସଂଗଠନକୁ ମଜଭୂତ କରିବା, ଉତ୍କଳ ସମ୍ମିଳନୀ ନେତାମାନଙ୍କୁ ସମସ୍ତ ସହାୟତା ପ୍ରଦାନ ତାଙ୍କର କାର୍ଯ୍ୟ ଥିଲା। ମଠାଧୀଶ ଆପନ୍ନା ନାଟ୍ୟକାର, ନିର୍ଦ୍ଦେଶକ, ସାହିତ୍ୟିକ, ସଙ୍ଗୀତଜ୍ଞ ସର୍ବୋପରି ସ୍ୱାଧୀନତା ଆନ୍ଦୋଳନ ଓ ଉତ୍କଳ ସମ୍ମିଳନୀ ଭିତ୍ତିଭୂମି ଗଠନର ବିବିଧ ବ୍ୟକ୍ତିତ୍ୱ ଅଟନ୍ତି। ସମ୍ଭବତଃ ବଙ୍ଗଳା ଉପନ୍ୟାସ ଆନନ୍ଦମଠର ଚେତନା ଓ ଆଦର୍ଶରେ ଉଦ୍‌ବୁଦ୍ଧ ଥିଲେ ଆପନ୍ନା ଓ ତାଙ୍କ ମଠ। ଉକ୍ତ ଆଦର୍ଶରେ ଅନୁପ୍ରାଣିତ ଅନ୍ୟ ଅନୁଷ୍ଠାନ ଗଢ଼ି ଉଠିଥିଲା କଟକର ସ୍ୱରାଜ୍ୟ ଆଶ୍ରମ ଓ ବ୍ରହ୍ମପୁରର ଉତ୍କଳ ଆଶ୍ରମ।

ଆପନ୍ନାଙ୍କ ଦେହାନ୍ତ ହୁଏ ୨୪ ଜୁଲାଇ ୧୯୩୯ ତାରିଖରେ। ମୃତ୍ୟୁରେ ମ୍ରିୟମାଣ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ 'ମୋ ଜୀବନ ସଂଗ୍ରାମ' ପୁସ୍ତକରେ ଲେଖିଛନ୍ତି, ଓଡ଼ିଶାର ଜଣେ ଶ୍ରେଷ୍ଠ ନାଟ୍ୟକାର ଓ ଲେଖକ ତଥା ମୋର ଗୁରୁ ଶ୍ରୀ ଆପନ୍ନା ପରିଛାଙ୍କ ତିରୋଧାନ ମୋ ମନରେ ଘୋର ଆଘାତ ଦେଲା। ଉପାନ୍ତରେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ସଂଘର୍ଷର ମହାପର୍ବ ଆମ ପାଇଁ ଏକ ନମୁନା ମାତ୍ର ହୋଇ ରହିଗଲା।

ପରିଛା ମଠ ସମୟ ସ୍ରୋତରେ ତା'ର ପୂର୍ବଶ୍ରୀ ହରାଇଥିଲେ ମଧ୍ୟ ମହାପ୍ରଭୁ 'ରସିକରାଜ'ଙ୍କ ପୂଜା ପାର୍ବଣ ଓ ଦୈନିକ ରୀତିନୀତି ଅବ୍ୟାହତ ରହିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ବାଗ୍‌ଚୀ ଶ୍ରୀ ଶଙ୍କରା...

ପ୍ରଦାନ କରି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ। ଏହି ହସ୍ପିଟାଲ ମାଧ୍ୟମରେ ରାଜ୍ୟର ଏକ ତୃତୀୟାଂଶ କ୍ୟାନସର ରୋଗୀ ଉପକୃତ ହେବେ। ବାଗ୍‌ଚୀ ପରିବାର ଓ ଶ୍ରୀ ଶଙ୍କରା କ୍ୟାନସର ସେଣ୍ଟରର ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ତାଙ୍କ ସରକାର ନିରନ୍ତର ଉଦ୍ୟମ କରି ଆସୁଛି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା କ୍ଷେତ୍ର ଭାବେ ପରିଗଣିତ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ନୂଆ ମେଡିକାଲ କଲେଜ ଖୋଲାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ସମସ୍ତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରଗୁଡିକୁ ସୁଦୃଢ କରାଯାଇଛି। ନିୟମିତ ଭାବେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଉଛି। ଚଳିତବର୍ଷ ପ୍ରାୟ ୪୦୦୦ ଡାକ୍ତର ରାଜ୍ୟରେ ନିଯୁକ୍ତି ପାଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସମଗ୍ର ଦେଶରେ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ବେଞ୍ଚମାର୍କ ସ୍ଥାପନ କରିଛି। ଏବେ '୫-ଟି' ଉପକ୍ରମରେ ରାଜ୍ୟର ସବୁ ହସ୍ପିଟାଲଗୁଡିକର ଭିତ୍ତିଭୂମି ରୂପାନ୍ତର କାର୍ଯ୍ୟ ଜାରି ରହିଛି। 'ଆମ ହସ୍ପିଟାଲ' ଯୋଜନାରେ ଉନ୍ନତ ଭିତ୍ତିଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସହିତ ରୋଗୀଙ୍କ ସହାୟକମାନଙ୍କ ସୁବିଧାକୁ ମଧ୍ୟ ଦୃଷ୍ଟି ଦିଆଯାଉଛି। ରାଜ୍ୟରେ କର୍କଟ ସେବା ବିଷୟରେ ସୂଚନା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ଜିଲ୍ଲାରେ କର୍କଟ ରୋଗର ଚିକିତ୍ସା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ଆମେ ସମସ୍ତେ କର୍କଟ ପରି ରୋଗ ବିଷୟରେ ସଚେତନ ହେବା ଆବଶ୍ୟକ। ଆମ ଜୀବନଶୈଳୀରେ ପରିବର୍ତ୍ତନ ଜରୁରୀ। ଆମେ ସମସ୍ତେ ଯଦି ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା, କ୍ୟାନସରଠାରୁ ଆମେ ଦୂରରେ ରହି ପାରିବା। ସମସ୍ତେ ସୁସ୍ଥ ରହିଲେ ଆମର 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ କହିଥିଲେ।କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ରାଜ୍ୟରେ ପୂର୍ବରୁ ମାତ୍ର ୩ଟି ମେଡିକାଲ କଲେଜ ରହିଥିଲା। ୧୦ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅନେକ ନୂଆ ନୂଆ ମେଡିକାଲ କଲେଜ ଆରମ୍ଭ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ଏହି ହସ୍ପିଟାଲ ରାଜ୍ୟବାସୀଙ୍କୁ କର୍କଟ ସେବା କ୍ଷେତ୍ରରେ ଅତ୍ୟାଧୁନିକ ସେବା ଯୋଗାଇଦେବ।

ଉଦ୍‌ଘାଟନ ଅବସରରେ ସୁବ୍ରତ ବାଗ୍‌ଚୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଆନ୍ତରିକତା ଯୋଗୁ ଆମେ ଏହି ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ସକ୍ଷମ ହୋଇଛୁ। ଆମ ରାଜ୍ୟର କର୍କଟ ରୋଗୀମାନଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ୨୨ ଏକର ଜମି ଯୋଗାଇ ଦେଇଛନ୍ତି। ଓଡିଶାର କ୍ୟାନସର ରୋଗୀ ଆଉ ରାଜ୍ୟ ବାହାରକୁ ଯିବେ ନାହିଁ। ଏଠାରେ ରହି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବେ। ଏହି ହସ୍ପିଟାଲ ମାନବ ସେବାର ଏକ ଅଦ୍ୱିତୀୟ କେନ୍ଦ୍ର ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମ୍ୟାନେଜିଂ ଟ୍ରଷ୍ଟି ଡ. ବି. ଏସ୍. ଶ୍ରୀନାଥ ଓ ଡ. ବି. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୫ ବର୍ଷରେ ୧୧.୭୩ ଲକ୍ଷ...

ଯୁବଶକ୍ତିର ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ଫଳରେ ନୂତନ ପୁଞ୍ଜିନିବେଶକାରୀ ମାନେ ରାଜ୍ୟର 'ଦକ୍ଷତା ବିକାଶ ବିଭାଗ' ସହିତ ସମନ୍ୱୟ ରକ୍ଷା କରି 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଯୁବଶକ୍ତିକୁ ନିଯୁକ୍ତି ମିଳିପାରୁଛି। ଶାସନରେ ସ୍ୱଚ୍ଛତା ଅବଲମ୍ବନ କରାଯିବା 'ଲରେ ରାଜସ୍ୱ ବଳକା ରାଜ୍ୟ ହେବା ସହ ଓଡ଼ିଶା ଆଜି ଆର୍ଥିକ ପରିଚାଳନାରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିପାରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସୁଶାସନ ଲାଗି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆକୃଷ୍ଟ ହେଉଛନ୍ତି। ରାଜ୍ୟ ଅର୍ଥନୀତିର ରୂପରେଖ ବଦଳିଛି। ବ୍ୟାପକ ଶିଳ୍ପାୟନ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଲାଗି ଆଜି ଓଡ଼ିଶା ଅର୍ଥନୀତିକୁ ଶିଳ୍ପ କ୍ଷେତ୍ରରୁ ୪୧.୩ ପ୍ରତିଶତ ରାଜସ୍ୱ ମିଳିପାରୁଛି, ଯାହାକି ଅନ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ଶିଳ୍ପ କ୍ଷେତ୍ରରୁ ୨୮.୫ ପ୍ରତିଶତ ରାଜସ୍ୱ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରଣ ଯାତ୍ରା କ୍ଷୀପ୍ର ଗତିରେ ଆଗେଇ ଚାଲିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

## ନିର୍ବାଚନୀ ବଣ୍ଡ...

ସର୍ବାଧିକ ୭.୫ ପ୍ରତିଶତ କୌଣସି ରାଜନୈତିକ ଦଳକୁ ଚାନ୍ଦା ଆକାରରେ ଦେବାର ପ୍ରାବଧାନ ରହିଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ନିର୍ବାଚନ ବର୍ଷରେ ରାଜନୈତିକ ଦଳଙ୍କ ପାଇଁ ଧକ୍କା ସଦୃଶ ହୋଇଛି। ନିର୍ବାଚନୀ ବଣ୍ଡ ଇସ୍ୟୁ କରୁଥିବା ବ୍ୟାଙ୍କିଙ୍ଗ ସଂସ୍ଥାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ତାଗିଦ୍ କରିଛନ୍ତି। ବିଶେଷକରି ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ନିର୍ବାଚନୀ ବଣ୍ଡ ଇସ୍ୟୁ କରାଯାଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ଏହି ବଣ୍ଡ ମାଧ୍ୟମରେ କେଉଁ ରାଜନୈତିକ ଦଳକୁ କେତେ ପରିମାଣର ଚାନ୍ଦା ବା ଦାନ ମିଳିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

## ଯୋଗାଯୋଗ ହିଁ...

ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୋଗରାଇଠାରେ ବିଧାୟକ ଅନନ୍ତ ଦାସ, ସେମିଳିଗୁଡାଠାରେ ବିଧାୟକ ରଘୁରାମ ପଡାଲ, ବୀରମହାରାଜପୁରଠାରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ କହିଥିଲେ ଯେ ନୂଆ ବସ୍ ଷ୍ଟାଣ୍ଡ ଦ୍ୱାରା ସାଧାରଣ ଲୋକଙ୍କର ଗମନାଗମନ ବ୍ୟବସ୍ଥାରେ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇଛି। ଜନସାଧାରଣଙ୍କ ପାଇଁ ଏଭଳି ସୁବିଧା ସୁଯୋଗ ଆଣିଦେଇଥିବା ହେତୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ନୂଆଗଡ଼ 'ଆମ ବସ୍‌ଷ୍ଟାଣ୍ଡ'ରୁ ସ୍ଥାନୀୟ ବାସିନ୍ଦା ଆର୍ମିଏଲ ଏଡ୍‌ଲା ଏବଂ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଯୁକ୍ତ ୩ ଛାତ୍ରୀ ଲକି ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀ ଏଭଳି ଆମ ପାଇଁ ବସ୍‌ଷ୍ଟାଣ୍ଡ କରିଛନ୍ତି, ଯାହା ବଡ଼ବଡ଼ ସହରରେ ଦେଖିବାକୁ ମିଳିଥାଏ। ଏଥିପାଇଁ ଆମେ ବହୁତ ଖୁସୀ ଓ କୃତଜ୍ଞ। ଲକ୍ଷ୍ମୀ ବସ୍ ଜରିଆରେ ମୋ ଭଳି ଅନେକ ଛାତ୍ରଛାତ୍ରୀଙ୍କର ସ୍କୁଲ କଲେଜ ଯିବା ଆସିବା ସମସ୍ୟା ଦୂର ହୋଇଛି ଏବଂ ଗରିବ ଘରର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ବହୁତ ବଡ଼ ଉପହାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଏସ୍‌ଆର୍‌ଟିସି ର ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗଦାତାଙ୍କୁ...

ଆନ୍ଦୋଳନକୁ ଏକ ବିଶେଷ ପ୍ରେରଣା ପ୍ରଦାନ କରିଛି। ସମଗ୍ର ଭାରତରେ ଅଙ୍ଗଦାତାଙ୍କୁ ଏହା ସର୍ବଶ୍ରେଷ୍ଠ ସମ୍ମାନ। ଓଡିଶାର ଅଙ୍ଗଦାନ ଆନ୍ଦୋଳନ ସହ ସମ୍ପୃକ୍ତ ଲକ୍ଷାଧିକ ସେବକଙ୍କ ଦୀର୍ଘଦିନର ଦାବୀ ପୂରଣ ହୋଇଛି। ଶରୀରଦାତାଙ୍କ ଶରୀରକୁ ସମ୍ମାନ ସହ ମେଡିକାଲ କଲେଜକୁ ନେବାର ନିଃଶୁଳ୍କ ବ୍ୟବସ୍ଥା କରାଇବାକୁ ଶରୀର ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡ ପ୍ରଭାସ ଆଚାର୍ଯ୍ୟ ଅନୁରୋଧ କରିଛନ୍ତି।

## ଚାଳକ ଓ ଇଏମ୍‌ଟିଙ୍କୁ...

୧୦୮ ଆମ୍ବୁଲାନ୍ସ ସେବା ଦ୍ୱାରା ରାଜ୍ୟରେ ପ୍ରତି ମାସ ପ୍ରାୟ ୧.୩ ଲକ୍ଷ ରୋଗୀଙ୍କୁ ଜରୁରୀକାଳୀନ ସେବା ଯୋଗାଇ ଦିଆଯାଉଛି। ୧୦୮ ଆମ୍ବୁଲାନ୍ସର କର୍ମଚାରୀ କଠିନ ପରିଶ୍ରମ ଓ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ଏବଂ କୋଭିଡ୍ ଭଳି ମହାମାରୀ ସମୟରେ ସେମାନଙ୍କ ଅସାଧାରଣ ସେବା ଓ କାର୍ଯ୍ୟକୁ ପ୍ରଶଂସା ସହ ରାଜ୍ୟ ସରକାର ସ୍ୱତନ୍ତ୍ର ଭତ୍ତା ସେମାନଙ୍କ ଉତ୍ସର୍ଗକୁ ରାଜ୍ୟ ସରକାର ପ୍ରଶଂସା କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସମ୍ପ୍ରତି ୧୦୮ ଆମ୍ବୁଲାନ୍ସର ଚାଳକ, ହେଲପର ଏବଂ ଜରୁରୀକାଳିନ ମେଡିକାଲ ଟେକ୍ନିସିଆନଙ୍କୁ ସର୍ବନିମ୍ନ ମଜୁରୀ ଅଧିନିୟମ ଅନୁଯାୟୀ ଦରମା ପ୍ରଦାନ କରାଯାଇଛି। ସର୍ବନିମ୍ନ ମଜୁରୀ ଉଦ୍ଦେଶ୍ୟରେ ଚାଳକ ଏବଂ ଜାରୁରୀକାଳିନ ମେଡିକାଲ ଟେକ୍ନିସିଆନଙ୍କୁ କୁଶଳୀ ଶ୍ରମିକ ଏବଂ ସହାୟକଙ୍କୁ ଅଣକୁଶଳୀ ଶ୍ରମିକ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି। ନିକଟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜନଶୁଣାଣି ସମୟରେ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହିତ ସେମାନଙ୍କ ଦରମା ବୃଦ୍ଧି ପାଇଁ ପ୍ରସ୍ତାବ ଓ ନିବେଦନ କରିଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଦ୍ୱାରା ପ୍ରଦତ୍ତ ୨୪ ଘଣ୍ଟିଆ ସେବା ବିଶେଷ କରି ମହାମାରୀ/ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ସେବାକୁ ଗୁରୁତ୍ୱ ଦେବା ସହ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ କଠିନ ପରିଶ୍ରମ ଜାରି ରଖିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସ୍ୱତନ୍ତ୍ର ଭତ୍ତା ସେମାନଙ୍କ ମୂଳ ଦରମା ସହିତ (ପ୍ରଯୁଜ୍ୟ ସର୍ବନିମ୍ନ ମଜୁରୀ ହାର ଅନୁଯାୟୀ) ପ୍ରଦାନ କରାଯିବ।

## ପ୍ରଥମ ପର୍ଯ୍ୟାୟରେ...

ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନାର ସଫଳ କାର୍ଯ୍ୟନ୍ୱୟନ ପାଇଁ ରାଜ୍ୟସ୍ତରଠାରୁ ଆରମ୍ଭ କରି ଜିଲ୍ଲା ଏବଂ ପୌରାଞ୍ଚଳ ପର୍ଯ୍ୟନ୍ତ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ରାଜ୍ୟସ୍ତରୀୟ କମିଟିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ରହିବାକୁ ଥିବାବେଳେ ୭ ଜଣ ସଦସ୍ୟ ରହିବେ। ସଦସ୍ୟଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ, ଏମଏସଏମଇ ଓ ଦକ୍ଷତା ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରହିବେ। ସେହିପରି ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ, ନାବାର୍ଡର ସିଜିଏମ୍ ଓ ଏସ୍‌ଏଲବିସିର ଆବାହକ ସଦସ୍ୟ ଭାବେ ରହିବେ ବୋଲି ଜଣାପଡ଼ିଛି। ପ୍ରତି ୩ ମାସରେ ଥରେ ଏହି କମିଟିର ବୈଠକ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲାସ୍ତରୀୟ କମିଟିରେ ଜିଲ୍ଲାପାଳ କମିଟି ଅଧ୍ୟକ୍ଷ ରହିବାକୁ ଥିବାବେଳେ ପୌରାଞ୍ଚଳ ସ୍ତରୀୟ କମିଟିରେ ମହାନଗର ନିଗମ କମିଶନର/କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟକ୍ଷ ରହିବେ।୫-ଟି ଉପକ୍ରମ ଅଧିନରେ ଏହି ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ସ୍ୱୟମ୍ ୫-ଟି ଉପକ୍ରମ ଅନୁଯାୟୀ ପରିଚାଳିତ ହେବ। ଅନ୍ୟପକ୍ଷରେ ଏହି ଯୋଜନାର ଲାଭ ଉଠାଇବାକୁ ହେଲେ ଆଗ୍ରହୀ ଯୁବକ ଯୁବତୀ ବ୍ୟାଙ୍କରେ ଋଣ ଅର୍ଥର ୫ ପ୍ରତିଶତ ଅର୍ଥାତ୍ ୫୦୦୦ ଟଙ୍କା ମାର୍ଜିନାଲ ଫି ଆକାରରେ ଅଗ୍ରୀମ ଭାବେ ଦାଖଲ କରିବେ। ଯୋଜନାର ପ୍ରମୁଖ ବିଶେଷତା ଭାବେ ସହରାଞ୍ଚଳର ୧୮ରୁ ୩୫ ବର୍ଷୀୟ ବୟସ୍କ ପ୍ରାୟ ୫୦ ହଜାର ଯୁବକ ଯୁବତୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ଋଣ ଅର୍ଥ ସର୍ବାଧିକ ୨ଟି କିସ୍ତିରେ ପ୍ରଦାନ କରାଯିବ। ୪ବର୍ଷରେ ଆବେଦନକାରୀମାନେ ମୂଳ ଋଣ ସୁଝି ପାରିବେ। ବିଜ୍ଞପ୍ତି ପ୍ରକନ୍ନ ତାରିଖଠାରୁ ପରବର୍ତ୍ତୀ ୫ ବର୍ଷ ଯାଏଁ ଏହି ଯୋଜନା ବଳବତ୍ତର ରହିବ। ଅପରପକ୍ଷେ ଗାଇଡଲାଇନରେ ଯୋଜନା ସମ୍ପର୍କରରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

## ମହାପ୍ରଭୁ ଶ୍ରୀଜଗନ୍ନାଥ...

ନିଜର ପାଠପଢ଼ିବା ସମୟରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ଢ଼େର ପରିଶ୍ରମ କରିଥାଏ। ପ୍ରତି ଦିନ, ପ୍ରତିମାସ ଏଥିପାଇଁ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ଜଣେ ମୁଖ୍ୟମନ୍ତ୍ରୀ ଭାବରେ ଦୀର୍ଘ ୨୪ ବର୍ଷ ଧରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିବା ଓ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇ ରହିବାର ରହସ୍ୟ କ'ଣ ବୋଲି ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଫଳତା ଓ ଲୋକପ୍ରିୟତାର କୌଣସି ଗୋପନ ସୂତ୍ର ନାହିଁ। କେବଳ ମହାପ୍ରଭୁ ଜଗନ୍ନାଥ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ହିଁ ତାଙ୍କ ସଫଳତା ଓ ଲୋକପ୍ରିୟତାର ରହସ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀ ପାଣ୍ଡିଆନଙ୍କ ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି ।

## ସୌରଶକ୍ତି ସମ୍ପନ୍ନ...

ରିଆତି ବ୍ୟବସ୍ଥା କରିଥିବା ବେଳେ ଧିରେ ଧିରେ ନିବେଶକ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହିକ୍ରମରେ ଓଡ଼ିଶା 'ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ନିବେଶକଙ୍କ ପ୍ରସ୍ତାବର ତ୍ୱରିତ୍ ସମୀକ୍ଷା କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସୁବିଧା କକ୍ଷ ବା ଷ୍ଟେଟ ଲେଭେଲ ଫେସିଲିଟେସନ ସେଲ୍ ମଧ୍ୟ ଖୋଲାଯାଇଛି। ଅକ୍ଷୟ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗତ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ ସହ ଅକ୍ଷୟ ଶକ୍ତି ନୀତି କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏହି ସେଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଏହି ସେଲ୍ ନିବେଶ ପ୍ରସ୍ତାବର ସମୀକ୍ଷା କରିବା ପରେ ସିଙ୍ଗଲ ୱିଣ୍ଡୋ କମିଟିର ମଞ୍ଜୁରୀ ପାଇଁ ଦାଖଲ କରିବ। ଯାହାଫଳରେ କୌଣସି ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଆଉ ବିଶେଷ ସମୟ କିମ୍ବା ଅସୁବିଧା ଉତ୍ପନ୍ନ ହେବ ନାହିଁ। ଏହାଦ୍ୱାରା ନିବେଶକ ବିଶେଷ ମାତ୍ରାରେ ଉପକୃତ ହେବାକୁ ଥିବା ବେଳେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଆହୁରି ସମୃଦ୍ଧ ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା ଅକ୍ଷୟ ଶକ୍ତି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ପରିଚାଳନା ନିୟମାବଳୀକୁ ଅନୁମୋଦନ ମିଳିସାରିଛି। ନିୟମାବଳୀର ଅନୁପାଳନ ପାଇଁ ବିଭାଗ ସମସ୍ତ ବିଭାଗ, ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଗାମୀ ଦିନରେ ତଦନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ଅପରପକ୍ଷେ ରାଜ୍ୟରେ ଅକ୍ଷୟ ଶକ୍ତି ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଅକ୍ଷୟ ଶକ୍ତି ଉତ୍ପାଦନ କେନ୍ଦ୍ରରୁ 'ଲୋଡ ସେଣ୍ଟର' ପର୍ଯ୍ୟନ୍ତ ଶକ୍ତି ପରିବହନ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଶକ୍ତି ଉନ୍ନୟନ କାର୍ଯ୍ୟକ୍ରମ ଅଧିନରେ ତଥା ସବୁଜ ଶକ୍ତି ଉତ୍ପାଦନ ଓ ପରିବହନ କରିଡର ମାଧ୍ୟମରେ ସ୍ୱତନ୍ତ୍ର ଗ୍ରୀଡ ଷ୍ଟେସନ ଓ ଟ୍ରାନ୍ସମିଶନ ଲାଇନ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ଆସନ୍ତା ୫ ବର୍ଷରେ ୧୩୪୫ କୋଟି ଟଙ୍କା ଖର୍ଚ୍ଚହେବ। 'ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ ପ୍ରକଳ୍ପ' ଓ ମନମୁଣ୍ଡା ସୌର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ଶକ୍ତି ଉତ୍ପାଦନ ପାଇଁ ଏହି ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଛି।

## ବୌଦ୍ଧ ଆର୍‌ଟିଓଙ୍କ...

ଭୁବନେଶ୍ୱରଠାରୁ ଆରମ୍ଭ କରି ଆଇଟି ସିଟି ବେଙ୍ଗାଲୁରୁର ନାମୀଦାମୀ ଆପାର୍ଟମେଣ୍ଟରେ ବସନ୍ତଙ୍କର ଫ୍ଲାଟ୍ ଓ ଘର ରହିଛି। ଭୁବନେଶ୍ୱରର ପ୍ରାୟ ଅଧିକାଂଶ ଦାମୀ ଆପାର୍ଟମେଣ୍ଟରେ ବସନ୍ତ ଏକାଧିକ ଫ୍ଲାଟ୍ କିଣିଛନ୍ତି ଓ କିଣିବା ପାଇଁ ଆଡଭାନ୍ସ ଦେଇଛନ୍ତି। ପାହାଳସ୍ଥିତ ଉତ୍କଳ ସିଗ୍ନେଚରରେ ୩ହଜାର ବର୍ଗଫୁଟ୍‌ର ଥିବା ଗୋଟିଏ ଫ୍ଲାଟ୍‌ର ମୂଲ୍ୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। କଳାରାହାଙ୍ଗରେ ଥିବା ନାମୀଦାମୀ ଜେଡ୍-୧ ଇଷ୍ଟେଟ୍‌ରେ ୧୭୭୬ ବର୍ଗଫୁଟର ଏକ ୫ବିଏଚ୍‌କେ ଫ୍ଲାଟ ପାଇଁ ବସନ୍ତ ୧ କୋଟି ୩୫ଲକ୍ଷ ଟଙ୍କାର ଆଡଭାନ୍ସ ଦେଇଛନ୍ତି। ସେହିଭଳି ଶୈଳଶ୍ରୀବିହାରରେ ଥିବା ୱେଷ୍ଟ ଏଣ୍ଡ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍, କଳ୍ପନା ଛକରେ ଥିବା ଉତ୍କଳ ରୟାଲ୍ ରେସିଡେନ୍ସିରେ କୋଟିଏ ଟଙ୍କାର ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ରହିଛି। କଳ୍ପନାରେ ଥିବା ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ତାଙ୍କର ୨କୋଟି ଟଙ୍କାର ୨ଟି ଶପିଂ ଆଉଟଲେଟ୍ ରହିଛି। ବେଙ୍ଗାଲୁରୁରେ ମଧ୍ୟ ଏକ ଦାମୀ ଆପାର୍ଟମେଣ୍ଟରେ ଫ୍ଲାଟ କିଣିବା ଲାଗି ସେ ୮୮ ଲକ୍ଷ ଆଡଭାନ୍ସ ଦେଇଥିବା ଜଣାପଡ଼ିଛି। ବସନ୍ତ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ୍, ଇନ୍ସ୍ୟୁରାନ୍ସ ଡିପୋଜିଟ୍ ଇତ୍ୟାଦିରେ ୩କୋଟି ୯୦ଲକ୍ଷ ୫୯ଟଙ୍କା ରହିଛି। ଏହାବ୍ୟତୀତ ତାଙ୍କ ଘରୁ ୫୯୦ ଗ୍ରାମ୍‌ର ସୁନା ଅଳଙ୍କାର ଏବଂ ୩୧୮ ଗ୍ରାମର ରୁପା ଅଳଙ୍କାର ମିଳିଛି। ତାଙ୍କର ଗୋଟିଏ ଦୁଇଚକିଆ ଏବଂ ଘରର ଆସବାବପତ୍ର ୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ଚଢ଼ଉ

**ଭୁବନେଶ୍ୱର, ୧୫।୨(ସମିସ):** ଜମି କାରବାରରେ ୨୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗରେ ଆଜି ଭଦ୍ରକ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ଉ କରିଛି। ଭୁବନେଶ୍ୱରର ୪ଟି ଓ ଭଦ୍ରକର ୬ଟି ଜାଗା; ଏଭଳି ମୋଟ ୧୦ଟି ସ୍ଥାନରେ ଏକକାଳୀନ ଇଡି ଚଢ଼ଉ କରିଛି। ପ୍ରଫୁଲ୍ଲଙ୍କ ସମେତ ବରପଦା ଇଂଜିନିୟରିଂ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ଘରେ ମଧ୍ୟ ଇଡି ପକ୍ଷରୁ ଢ଼ାଉ କରାଯାଇଛି। ଚଢ଼ଉ ସମୟରେ ଇଡି ଏକାଧିକ ଦସ୍ତାବିଜ୍ ଜବତ କରିଛି। ଆଜି ସକାଳୁ ଇଡିର ସ୍ୱତନ୍ତ୍ର ଟିମ୍ ଭଦ୍ରକ ନୂଆ ବଜାରରେ ଥିବା ଶ୍ରୀ ସାମଲଙ୍କ ଘରେ ଚଢ଼ଉ କରିଥିଲେ। କେନ୍ଦ୍ରୀୟ ସୁରକ୍ଷା ବଳର କଡ଼ା ସୁରକ୍ଷା ଭିତରେ ଏହି ଚଢ଼ଉ କରାଯାଇଥିଲା।

OFFICE OF THE
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail : seec.bbsr2010@gmail.com
Bid identification No.S.E.E.C (R&B) 31/2023-24
No. 439 / Date 09.02.2024 — B-

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : **https://tendersorissa.gov.in.** The details of bid documents will be available in the above website from **dt.16.02.2024 at 05 .00 P.M.** to **dt.26.02.2024 up to 05 .00 P.M.** The bidders must possess compatible Digital Signature Certificate of Class II or III. Bids received online shall be opened **dt.26.02.2024 at 05.30 P.M.** in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum I Corrigendum, if required, will be available only in the Website.

Sd/- Superintending Engineer
Electrical Circle (R&B) Odisha, BBSR
OIPR-34006/11/0040/2324

GOVERNMENT OF ODISHA — A-1505
DEPARTMENT OF WATER RESOURCES
Office of the Superintending Engineer,
Bhanjanagar Irrigation Division, Bhanjanagar.
Phone No. 06821-291004, e-mail ID:- bnjirrigation2010@gmail.com
**e-Procurement Notice No. e-BNID-13/2023-24**

Bid documents consisting of Work, Estimated cost, Cost of Tender paper, Time of completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal www.tendersodisha.gov.in.

1 **Name of the work:** Renovation of Tanks, Flood Embankment, Canal work & Periphery Development Work.
2 **No of Works:** 10 (Ten) no of works.
3 **Class of Contractor:** Varies from "D" Class to "B" Class.
4 **Bid Identification No:** BNID-444/2023-24 to 453/2023-24.
5 **Estimated Cost put to Tender:** Rs.5.97 Lakh to 49.97 Lakh.
6 **Period of Completion:** 04 (Four Months).
7 **Date & time of availability of bid documents in the Portal:** 16.02.2024 to 22.02.2024 up to 5.00 P.M.
8 **Last date/time for receipt of bids in the Portal:** 22.02.2024 up to 5.00 P.M.
10 **Date of Opening of Bid:** 23.02.2024 at 11.00 A.M in the office of the Superintending Engineer, Bhanjanagar Irrigation Division, Bhanjanagar.
11 **Date of Lottery:** 28.02.2024 at 11.00 A.M in the office of the Superintending Engineer, Bhanjanagar Irrigation Division, Bhanjanagar (if situation arises)
12 **Submission of Affidavit:** The Bidder should mention his/her Full Present Postal Address, e-Mail ID, Valid Mobile Number in his Original Affidavit for each work during upload of tender
13 **Submission of Original License (for Engineering Contractor) at the time of verification of Documents.**

Further details can be seen from the e-Procurement portal www.tendersodisha.gov.in

Superintending Engineer
Bhanjanagar Irrigation Division
Bhanjanagar
OIPR-32010/11/0019/2324

GOVERNMENT OF ODISHA — A-1495
OFFICE OF THE SUPERINTENDING ENGINEER M.I.DIVISION GANJAM NO-I,BERHAMPUR
E-PROCUREMENT NOTICE
Bid Identification No. : Online Tender/12/GMID-1/2023-24

| | | |
|---|---|---|
| Name of Work | : | Civil Construction Works. |
| No of Work | : | 09 (Nine) |
| Estimated Cost | : | Varies from Rs 23.90 lakh to Rs 49.90 lakh |
| Period of Completion | : | 06 (Six) Calendar Month |
| Date and Time of Sale and receipt of Bid-document online | : | From 17.02.2024 at 10.00 Hours to 26.02.2024 upto 17:00 Hours |
| Date & time of opening of bids | : | 27.02.2024 At 11.00 Hours |
| Name & Address of the Officer inviting Tender. | : | Superintending Engineer, M.I.Division Ganjam-I, Berhampur. |

Further Details can be seen from the website: https://www.tendersodisha.gov.in.Any Addendum / Corrigendum / Cancellation of can also be seen in the said website.

Sd/-
Superintending Engineer,
M.I. Divn. Ganjam-I,
Berhampur
OIPR-32104/11/0033/2324

GOVERNMENT OF ODISHA — A-1506
OFFICE OF THE SUPERINTENDING ENGINEER M.I.DIVISION GANJAM NO-I,BERHAMPUR
E-PROCUREMENT NOTICE
Bid Identification No. : Online Tender/14/GMID-1/2023-24

| | | |
|---|---|---|
| Name of Work | : | Civil Construction Works. |
| No of Work | : | 18 (Eighteen) |
| Estimated Cost | : | Varies from Rs 5.10 lakh to Rs 28.00 lakh |
| Period of Completion | : | 03 (Three) Calendar Month |
| Date and Time of Sale and receipt of Bid-document online | : | From 16.02.2024 at 10.00 Hours to 22.02.2024 upto 17:00 Hours |
| Date & time of opening of bids | : | 23.02.2024 At 11.00 Hours |
| Name & Address of the Officer inviting Tender. | : | Superintending Engineer, M.I.Division Ganjam-I, Berhampur. |

Further Details can be seen from the website: https://www.tendersodisha.gov.in.Any Addendum / Corrigendum / Cancellation of can also be seen in the said website.

Sd/-
Superintending Engineer,
M.I. Divn. Ganjam-I,
Berhampur
OIPR-32104/11/0034/2324

GOVERNMENT OF ODISHA — A-1501
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER ,
ROURKELA IRRIGATION DIVISION,ROURKELA
email id :- seridrkl@gmail.com
e-PROCUREMENT NOTICE
BID IDENTIFICATION NO. SERID-RKL-19/2023-24 DT.15.02.2024

The **Superintending Engineer, Rourkela Irrigation Division, Rourkela** on behalf of Governor of Odisha invites **Percenatge Rate Bid** in **single cover system** to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below.

| | | | |
|---|---|---|---|
| 1. | Nature of Work | : | FLOOD WORKS |
| 2. | Total Number of works | : | 02(Two) nos |
| 3. | Bid Identification No. | : | SERID-RKL-19/2023-24 (Online) |
| 4. | Estimated Cost | : | Rs.17.38 lakh to 17.55 lakh |
| 5. | Class of Contractor | : | 'D' & 'C' class Contractor |
| 6. | Cost of Tender Paper | : | Rs.6000.00 (Non-Refundable) |
| 7. | Earnest Money Deposit | : | Rs.17,400.00 & Rs.17,600.00 (Refundable) |
| 8. | Period of completion | : | 03(Three Month) |
| 9. | Date & time of Availability of Bid documents in the portal | : | From dt 15.02.2024 at 10.00 A.M to dt. 24.02.2024 up to 05.00 P.M. |
| 10. | Last Date / time for receipt of bids in the portal | : | Dt. 24.02.2024 at 05.00 P.M |
| 11. | Date and time of Opening of Bids | : | Dt. 26.02.2024 at 11.30 hours |
| 12. | Last date & time of seeking of clarification | : | Dt 23.02.2024 at 5.00 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela. |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela. |

1. Any addendum/corrigendum/ cancellation/ erratum of tender can also be seen in the said Website.
2. Further details can be seen from Government Website http://tenderodisha.gov.in

SUPERINTENDING ENGINEER
ROURKELA IRRIGATION DIVISION
ROURKELA
OIPR-32018/11/0023/2324

AFFIDAVIT
I, Biswnath Khatai, S/o-Sanyasi Khatei, resident of At/Po- Golia, Ps-Buguda, Dist-Ganjam, Pin-761118, Odisha declare by this affidavit No.301, dated- 14/02/2024 that now onwards I shall be known as **BISWANATH KHATAI** for all future purposes.

AFFIDAVIT
By virtue of an affidavit sworn before the Notary Public, Bhubaneswar, I, Sumitra Padhy, D/O-Dhaneswar Padhy, W/O- Choudhury Durga Prasad Dash, Resident of Bhingarpur,PO-Bhatapatna, PS-Balianta, Dist-Khurda, Odisha-752115 declare by this affidavit no.69AA 350066 dtd 07.02.2024 that now onwards I shall be known as **Choudhury Sumitra Dash** for all future purposes.

AFFIDAVIT
By virtue of an affidavit sworn before the Notary Public, Bhubaneswar, I, Lopamudra Das Mohanty, W/O- Uttam Kumar Mohanty,Resident of Flat No - 440, 4th Floor, Tower 10, Royal Lagoon, Raghunathpur, PO-Kalarahanga, Bhubaneswar Dist-Khordha, Odisha declare by this affidavit no.65AA 181080 dtd 15.02.2024 that now onwards I shall be known as **Lopamudra Das** for all future purposes.

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଗଙ୍ଗ ନଗର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

THE ASKA CO-OPERATIVE SUGAR INDUSTRIES LTD.
Po. Nuagam, Aska-761111, Dist.- Ganjam,Odisha
Email: askasugar@yahoo.co.in
GSTIN: 21AAAAT5989L1ZO
TENDER CALL NOTICE
Letter No.Mktg/1873 Dt.15.02.2024
The Aska Co-operative Sugar Industries Ltd. Aska intends to sell of Unserviceable Materials / Packing Materials / Cartoon Garbage / Damaged Glass Bottles Please visit our **website: www.askasugar.com** for detailed Tender Call Notice. The last date for submission of Quotation is **5.00 PM on 14/03/2024.** and the same will be opened **03:00 PM on 16/03/2024.**
Sd/- Managing Director

COLLECTORATE, NAYAGARH
(Social Security Section)
TENDER CALL NOTICE
(TENDER CALL NOTICE FOR SUPPLY OF EQUIPMENTS/ARTICLES)
Sealed tenders are invited from the intending Registered Firms/ Supplying agencies having valid GST/PAN Registration Certificate for supply of equipments/ articles to District Disability Rehabilitation Centre (DDRC) of Nayagarh District. The tender paper containing detailed terms and conditions, EMD, equipments/articles list, other statutory requirement etc. can be downloaded from the district website **www.nayagarh.nic.in.**
Date of submission of Tender: **02.03.2024, Saturday- 03.00 PM** & opening of the sealed tender papers is on the same day **04.00 P.M.**
Sd/- Collector, Nayagarh

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଓ୍ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ ଅଛି)
ମାନ୍ୟବର ଏନ୍‌ସିଏଲ୍‌ଟିଙ୍କ ତା.୧୮.୦୪.୨୦୨୩ରିଖ ଆଦେଶ ଅନୁଯାୟୀ କମ୍ପାନୀର ଲିକ୍ୟୁଡେସନ ପ୍ରକ୍ରିୟା
କମ୍ପାନୀର କାର୍ଯ୍ୟାଳୟ : ବାରିଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬
ଇନ୍‌ସଲଭେନ୍ସି ଏବଂ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଅନୁଯାୟୀ ସମ୍ପତ୍ତି ବିକ୍ରୟ
ଆବେଦନ ଏବଂ କାଗଜାତ୍ ଦାଖଲର ଶେଷ ତାରିଖ ଏବଂ ସମୟ: ୦୬ ମାର୍ଚ୍ଚ ୨୦୨୪, ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ (ଭାରତୀୟ ମାନକ ସମୟ)।
ନିଲାମ ତାରିଖ ଏବଂ ସମୟ : ୧୨ ମାର୍ଚ୍ଚ ୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ
(ପ୍ରତ୍ୟେକଥର ପାଇଁ ୫ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ)
ଓ୍ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ)ଙ୍କ ମାଲିକାନାରେ ଥିବା ସମ୍ପତ୍ତି ମାନ୍ୟବର ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, କଟକ ଖଣ୍ଡପୀଠ, କଟକଙ୍କ ଦ୍ୱାରା ୧୮ ଅପ୍ରେଲ ୨୦୨୩ ଆଦେଶ ଅନୁଯାୟୀ ନିଯୁକ୍ତି ପାଇଥିବା ଲିକ୍ୟୁଡେଟରଙ୍କ ଦ୍ୱାରା ଇଷ୍ଟେଟର ଲିକ୍ୟୁଡେସନ ଅଂଶ ଗଠିତ । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ https://ncltauction.auctiontiger.net ମାଧ୍ୟମରେ ଏହାର ବିକ୍ରୟ ଅନୁଷ୍ଠିତ ହେବ ।
ବିକ୍ରୟ ପାଇଁ ଥିବା ସମ୍ପତ୍ତିର ମୌଳିକ ବିବରଣୀ:

| କର୍ପୋରେଟ୍ ସମ୍ପତ୍ତିଗୁଡିକର ବିକ୍ରୟ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଅମାନତ ରାଶି (ଟଙ୍କାରେ) | ବର୍ଦ୍ଧିତ ମୂଲ୍ୟ |
|---|---|---|---|
| ବାରେଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬ ଠାରେ ଥିବା ମୋଟର ପାର୍ଟ୍ସ ଏବଂ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି | ୩୦.୦୦ ଲକ୍ଷ | ୩.୦୦ ଲକ୍ଷ | ୦.୧୦ ଲକ୍ଷ ମାତ୍ର |

ଇ-ନିଲାମର ସର୍ତ୍ତାବଳୀ ନିମ୍ନରେ ଦିଆଯାଇଛି :
୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ଆଇନଗତ ସହାୟତା ବିନା" ଆଧାରରେ ଅନୁମୋଦିତ ସେବା ପ୍ରଦାନକାରୀ M/s e-procurement Technologies Limited (Auction Tiger) ଙ୍କ ମାଧ୍ୟମରେ ଅନୁଷ୍ଠିତ ହେବ ।
୨. ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସମ୍ବନ୍ଧୀୟ ଦସ୍ତାବିଜ ଯଥା: ସମ୍ପତ୍ତିଗୁଡିକର ବିଷଦ ବିବରଣୀ, ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା ଏବଂ ଅଣର ଟେକିଂ ଫର୍ମ, ଅନ୍‌ଲାଇନ ନିଲାମ ବିକ୍ରୟର ସାଧାରଣ ସର୍ତ୍ତାବଳୀ ୱେବସାଇଟ୍ : https://ncltauction.auctiontiger.net ରେ ଉପଲବ୍ଧ । ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେବାର, ମୋବାଇଲ୍ : ୯୭୨୨୭୭୮୮୨୮/୭୯୭୮୧୩୬୮୪୧, ଇ-ମେଲ୍ : praveen.thevar@auctiontiger.net ଏବଂ nclt@auctiontiger.net

ସିଏସ୍ ଅର୍ଦ୍ଧେନ୍ଦୁ ଶେଖର ରାଉତ
ଓ୍ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବନ୍ଧରେ ଲିକ୍ୟୁଡେଟର
(IBBIRegn.No: IBBI/IPA-002/IP-N00024/2016-2017/10051)
ଠିକଣା: ଏନ୍/୩, ଲେନ୍-୨, ଏସ୍‌ବିଆଇ କଲୋନୀ, ସୌଭାଗ୍ୟ ନଗର, ଶିରିପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇ-ମେଲ୍ : ipasraut@gmail.com, ଯୋଗାଯୋଗ ନଂ: 9437360963
ତାରିଖ: ୧୬.୦୨.୨୦୨୪
ସ୍ଥାନ: ଭୁବନେଶ୍ୱର





## ରାଜରାସ୍ତାରେ ମୃତ୍ୟୁଯନ୍ତା | ପଥଚାରୀଙ୍କୁ ଆସନ୍ନ ମୃତ୍ୟୁର ଭୟ

**ଭୁବନେଶ୍ୱର, ୧୫ ।୨(ସମିସ):**

ରାଜଧାନୀ ରାସ୍ତାକଡ଼ରେ ମୃତ୍ୟୁଯନ୍ତା ପାଲଟିଛି ଷ୍ଟ୍ରିଟ୍ ଲାଇଟ୍। କୌଣସି ବି ମୁହୂର୍ତ୍ତରେ ଖୁଣ୍ଟରେ ଝୁଲୁଥିବା ବିପଦପୂର୍ଣ୍ଣ ବିଦ୍ୟୁତ୍ ତାର ସଂସ୍ପର୍ଶରେ ସାଧାରଣ ଲୋକ ଆସି ଆସନ୍ନ ମୃତ୍ୟୁର ସମ୍ମୁଖୀନ ହୋଇପାରନ୍ତି। ସହର ସାରା ଗଳି ରାସ୍ତାଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପାର୍ଶ୍ୱ ଚାରିଆଡ଼େ ଦୀର୍ଘ ଦିନ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ଏହାର ସମାଧାନ କରିବା ଦିଗରେ ବିଏମ୍‌ସି ପକ୍ଷରୁ କୌଣସି ବି ପଦକ୍ଷେପ

- **ଷ୍ଟ୍ରିଟ୍‌ଲାଇଟ୍ ପରିଚାଳନାରେ ଆଖି ବୁଜିଦେଇଛି ବିଏମ୍‌ସି**
- **ବିଦ୍ୟୁତ୍ ଆଘାତରେ ଜଣେ ଆହତ**

ନିଆଯାଉ ନାହିଁ। ଯାହା ପ୍ରତ୍ୟକ୍ଷ ଭାବେ ପଥଚାରୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ଗାନ୍ଧୀମାର୍ଗ ଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଠାଏ ଠାଏ ଏଭଳି ବିପଦପୂର୍ଣ୍ଣ ଭାବେ ତାର ଝୁଲୁଛି। ଯାହାକୁ ନେଇ ବିକ୍ଷୋଭକାରୀଙ୍କଠାରୁ ଆରମ୍ଭକରି ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ବିଏମ୍‌ସି ଉପରେ ଅସନ୍ତୋଷ ଝାଡୁଛନ୍ତି।

ସୂଚନା ଅନୁସାରେ, ବିଏମ୍‌ସି ବିଦ୍ୟୁତ୍ ବିଭାଗ ଅଧୀନରେ ରହିଛି ରାଜଧାନୀର ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା ଦାୟିତ୍ୱ। ସହରର ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାଜପଥ ପର୍ଯ୍ୟନ୍ତ ସବୁ ରାସ୍ତାର ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା କରୁଛି ବିଏମ୍‌ସି। ମାତ୍ର ପରିତାପର କଥା ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଡିଷ୍ଟ୍ରିବ୍ୟୁସନ୍ ପ୍ୟାନେଲ୍ ବକ୍ସ(ଡିପି ବକ୍ସ) ଅସୁରକ୍ଷିତ ଭାବେ ରଖାଯାଇଛି। ବହୁ ଷ୍ଟ୍ରିଟ୍‌ରେ ଡିପି ବକ୍ସ ବସିଥିବା ସ୍ଥାନ ଆବଦ୍ଧ କରାଯାଇନଥିବା ବେଳେ ବହୁ ଡିପି ବକ୍ସର ଡୋର୍ ବା କଭର୍ ଭାଙ୍ଗି ମେଲା ପଡ଼ିଛି। ଫଳରେ ଅନେକ ସମୟରେ ବୁଲା ଗାଈଗୋରୁ ଏପରିକି ମଣିଷମାନେ ଏହି ଡିପି ବକ୍ସ ସଂସ୍ପର୍ଶରେ ଆସି ମୃତ୍ୟୁର ଶିକାର ହେଉଛନ୍ତି।

ଷ୍ଟ୍ରିଟ୍ ଲାଇଟ୍ ପାଇଁ ଲଗାଯାଇଥିବା ଡିପି ବକ୍ସକୁ ସାଧାରଣତଃ ସୁରକ୍ଷିତ ସ୍ଥାନରେ ଓ ସୁରକ୍ଷିତ ଭାବେ ରଖିବା ନିୟମ ରହିଛି। ପ୍ରଥମତଃ ଏହାକୁ କୌଣସି ନିଛାଟିଆ ସ୍ଥାନ ଅର୍ଥାତ୍ ଯେମିତି କେହି ସହଜରେ ସଂସ୍ପର୍ଶରେ ନଆସିବେ, ସେଭଳି ସ୍ଥାନରେ ରଖିବା କଥା। ଦ୍ୱିତୀୟତଃ ଡିପି ବକ୍ସର କଭର୍ ମଜବୁତ୍ ହେବା କଥା। ଡିପି ବକ୍ସରେ ଯୋଡ଼ା ଯାଇଥିବା ବିଭିନ୍ନ ତାରକୁ ଭଲ ଭାବେ ବିଦ୍ୟୁତ୍‌ରୋଧୀ ଟେପ୍ ଦ୍ୱାରା ଗୁଡ଼ାଇବା ଜରୁରୀ। ସେହିଭଳି ସେଥିରେ ଲଗାଯାଇଥିବା କଟ୍ ଆଉଟ୍ ଓ ଏମ୍‌ସିବି ମଧ୍ୟ ଭଲ ରହିବା ଦରକାର। ସେଗୁଡ଼ିକ ଖରାପ ହେଲେ ମରାମତି ନକରି ତୁରନ୍ତ ନୂଆ ଲଗାଯିବା କଥା। ମାତ୍ର ଅଧିକାଂଶ ସ୍ଥାନରେ ଡିପି ବକ୍ସ ଜନଗହଳିପୂର୍ଣ୍ଣ ସ୍ଥାନରେ ରହିଛି।





ଅର୍ଥାତ୍ ଡିପି ବକ୍ସ ଥିବା ଡିଭାଇଡର୍‌ରେ ବାଡ଼ ନଥିବାରୁ ଲୋକେ ସେହି ବାଟ ଦେଇ ରାସ୍ତା ପାର୍ ହେଉଛନ୍ତି। ସେହିଭଳି ବହୁ ଡିପି ବକ୍ସରେ ଡୋର୍ ବା କଭର ନାହିଁ। ଫଳରେ ଯୋଡ଼ା ଯାଇଥିବା ତାର ସବୁ ବାହାରକୁ ବାହାରିଛି। ପୁଣି ତାର ସଂଯୋଗକୁ ଭଲ ଭାବେ ଟେପ୍‌ରେ ଗୁଡ଼ାଯାଉନାହିଁ। ଫଳରେ ବେଳେବେଳେ ଏହି ସଂଯୋଗ ବିଦ୍ୟୁତ୍ ପୋଲକୁ ଛୁଇଁବାରୁ ବିଦ୍ୟୁତ୍ ଖମ୍ବ ଚାର୍ଜ ହୋଇଯାଉଛି। ତେବେ ରାଜଧାନୀ ଭିତରେ ଏଭଳି ଶହ ଶହ ବିପଦସଂକୁଳ ଡିପି ବକ୍ସ ରହିଛି। ଏବେ ତ ସ୍ମାର୍ଟ ଜନପଥ ଅବସ୍ଥା ଆହୁରି ଭୟଙ୍କର। ରାଜମହଲ ଓଭରବ୍ରିଜ୍ ଉପରେ ବିଦ୍ୟୁତ୍ ତାର ଖୋଲାମେଲା ହୋଇ ରହିଛି। ଏନେଇ ସ୍ଥାନୀୟ ବ୍ୟବସାୟୀ ମାତୃଘନ ସାହୁଙ୍କ କହିବାନୁସାରେ, ବିଦ୍ୟୁତ୍ ତାର ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଗାଈଗୋରୁ ଓ ମଣିଷ ସାମାନ୍ୟ ସତର୍କତା ଅବଲମ୍ବନ ନ କଲେ ବିଦ୍ୟୁତ୍ ଆଘାତରେ ଆସୁଛନ୍ତି। ଜାଣିଥିବା ଲୋକମାନେ ସତର୍କ ହୋଇଯାଉଥିବାବେଳେ ଅଜଣା ଲୋକମାନେ ଆସନ୍ନ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଏମ୍‌ସିର ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା।

## କ୍ୟାପିଟାଲ୍ ହସ୍ପିଟାଲ୍‌ର ନୂତନ ପଞ୍ଜୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୧୫ ।୨(ସମିସ):** ଦୂରହେବ ରୋଗୀ ପଞ୍ଜୀକରଣ ସମସ୍ୟା। ଟୋକନ୍ ସଂଗ୍ରହରେ ଏଣିକି ଆହୁରି ସୁବିଧା ହୋଇଛି। ହସ୍ପିଟାଲ ପରିସରରେ ଥିବା ନୂତନ ପଞ୍ଜୀକରଣ କେନ୍ଦ୍ରରେ ଟୋକନ୍ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଟୋକନ୍ କରିବା ଲାଗି ୫ଟି ନୂଆ କାଉଣ୍ଟର୍ ଖୋଲିଛି। ପୁରୁଷ ଓ ମହିଳାଙ୍କ ଲାଗି ୨ଟି ଲେଖାଏଁ କାଉଣ୍ଟର ରହିଛି। ତୃତୀୟଲିଙ୍ଗୀ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ଲାଗି ଗୋଟିଏ କାଉଣ୍ଟର ରହିଛି। ପୁରୁଣା ଓ ନୂଆ ପଞ୍ଜୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଟୋକନ୍ କରିବାରେ ସହାୟକ ହେବ। ପୂର୍ବରୁ ନୂତନ ଭାବେ ପଞ୍ଜୀକରଣ କେନ୍ଦ୍ର ଖୋଲିଥିଲେ ମଧ୍ୟ ଟିକଟ୍ କାଉଣ୍ଟର ଖୋଲି ନ ଥିଲା। ପୂର୍ବରୁ ଖୋଲାଥିବା ପଞ୍ଜୀକରଣ କେନ୍ଦ୍ରରେ ଟିକଟ୍ ଲାଗି ରୋଗୀ ଓ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିଲା। ପୁରୁଣା ପଞ୍ଜୀକରଣ କେନ୍ଦ୍ର ଉପରେ ଚାପ ବଢ଼ିଚାଲିଥିଲା। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହସ୍ପିଟାଲଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଘେରିଥିଲେ। କ୍ୟାପିଟାଲ୍ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ପ୍ରତିଦିନ ବିଭିନ୍ନ ବିଭାଗକୁ ୨ରୁ ଅଢ଼େଇ ହଜାର ରୋଗୀ ଆସୁଛନ୍ତି। କିନ୍ତୁ ପଞ୍ଜୀକରଣ କେନ୍ଦ୍ରରେ ଟୋକନ୍ କରିବାକୁ ନେଇ ବହୁ ସମୟ ଲାଗିଥାଏ। ରୋଗୀ ଓ ସମ୍ପର୍କୀୟମାନେ ଟୋକନ୍ କାଟିବାରେ ବହୁ ଦେହଗଞ୍ଜ ହେବା ସହ ସମସ୍ୟା ଭୋଗିଥାନ୍ତି। ତେଣୁ ନୂଆ ପଞ୍ଜୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଦେଖାଯାଉଥିବା ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

## ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର; ଯୁବକ ଗିରଫ

**ଭୁବନେଶ୍ୱର, ୧୫।୨(ସମିସ):** ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କପିଳପ୍ରସାଦ ଉପର ସାହିର ସନ୍ତୋଷ କୁମାର ଦାସ। ପୁଲିସ ସୂଚନା ଅନୁସାରେ, ଷଷ୍ଠ ଶ୍ରେଣୀରେ ପଢୁଥିବା ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀ ଓ ତାଙ୍କ ସାଙ୍ଗ ମିଶି ସ୍କୁଲ୍ ଯାଉଥିଲେ। ସେହି ସମୟରେ ସନ୍ତୋଷ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲା। ଛାତ୍ରୀ ଜଣକ ଏହାର ବିରୋଧ କରିବା ସହିତ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା ଆସି ଘଟଣା ବିଷୟରେ ପଚାରିବାରୁ ସନ୍ତୋଷ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ‘ସ୍ମୃତିରେ ସ୍ମୃତିରେ ସାତକଡ଼ି ହୋତା’ ଶୀର୍ଷକ ଆଲୋଚନାଚକ୍ର

## ‘ସାତକଡ଼ି ହୋତା ଜଣେ ବ୍ୟକ୍ତି ନୁହଁନ୍ତି; ଅନୁଷ୍ଠାନ ଥିଲେ’



**ଭୁବନେଶ୍ୱର, ୧୫।୨(ସମିସ):** ସାତକଡ଼ି ହୋତା ଜଣେ ବ୍ୟକ୍ତି ନୁହଁନ୍ତି; ଅନୁଷ୍ଠାନ। ଗୁରୁବାର ଭାରତୀୟ ବିଦ୍ୟାଭବନ ଓ ମୁକ୍ତ ଚିନ୍ତନ ମଞ୍ଚ ଆନୁକୂଲ୍ୟରେ ମୁକ୍ତ ଚିନ୍ତନ ମଞ୍ଚର ପ୍ରତିଷ୍ଠାତା ସଭାପତି ସାତକଡ଼ି ହୋତାଙ୍କ ବିୟୋଗରେ ଆୟୋଜିତ ‘ସ୍ମୃତିରେ ସ୍ମୃତିରେ ସାତକଡ଼ି ହୋତା’ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ଦେଇଥିଲେ। ଭାରତୀୟ ବିଦ୍ୟାଭବନ ସଭାଗୃହରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତଥିମାନେ କହିଥିଲେ ଯେ, ଜଣେ ସାହିତ୍ୟ ସ୍ରଷ୍ଟା ରୂପେ ଶ୍ରୀ ହୋତା ପ୍ରାୟ ୭୦ଟି ପୁସ୍ତକର ରଚୟିତା ହୋଇ ବହୁ ସମ୍ମାନର ଅଧିକାରୀ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅବିସ୍ମରଣୀୟ। ଶ୍ରୀ ହୋତା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପରିବହନ ସଚିବ ଭାବେ ପାଞ୍ଚବର୍ଷ କାର୍ଯ୍ୟକରି ବହୁ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସମ୍ବଲପୁର-ତାଳଚେର, ରାୟଗଡ଼ା-କୋରାପୁଟ, ଯଖପୁରା-ବାଂଶପାଣି ରେଳ ସଂଯୋଗର ସେ ଥିଲେ ମୁଖ୍ୟ ବିନ୍ଧାଣି। ତାଙ୍କ ସମୟରେ ସମ୍ବଲପୁରରେଳବାଇ ଡିଭିଜନ, ରେଲୱେ ରିକ୍ରୁ୍ୟଟ୍‌ମେଣ୍ଟ ବୋର୍ଡ ଓ ମଞ୍ଚେଶ୍ୱର ରେଳ ମରାମତି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷାକ୍ଷେତ୍ରରେ ସେ ଜଟଣୀ ଡିଗ୍ରୀ କଲେଜ, ଜଟଣୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ କୁଷ୍ଠ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଇଥିଲେ। ସେହିପରି ତାଙ୍କ ପ୍ରଚେଷ୍ଟାରେ ଇଂରାଜୀରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ ୪ଟି ପୁସ୍ତକର ଉନ୍ମୋଚନ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା କରାଇଥିଲେ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ସଦସ୍ୟ ଭାବେ ଓଡ଼ିଆ ସାହିତ୍ୟ ପାଇଁ ବହୁ ସୃଜନାତ୍ମକ କାର୍ଯ୍ୟ କରିଯାଇଛନ୍ତି ବୋଲି ଅତିଥିମାନେ କହିଥିଲେ। ମୁକ୍ତଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ‘ନିତିଦିନ’ର ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ିଶା ଲେଖିକା ସଂସଦର ସମ୍ପାଦକ ଶକୁନ୍ତଳା ବଳିଆରସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ କୁମାର ମିଶ୍ର, ବିଶିଷ୍ଟ ବୈଜ୍ଞାନିକ ଅଶୋକ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜୟ କୁମାର ଦାଶ କବିତା ପାଠ କରିଥିଲେ ଓ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଉତ୍କଳ’ରେ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**ଭୁବନେଶ୍ୱର, ୧୫ ।୨(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟସ୍ଥିତ ମା’ ତାଳପଦେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ବାହାରି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନଠାରେ ପହଞ୍ଚିଥିଲା। ଏହାପରେ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟ ପ୍ରତିଯୋଗିତା ଆରମ୍ଭ ନେଇ ଘୋଷଣା କରିଥିଲେ। ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ ବ୍ୟକ୍ତିତ୍ୱ ବିକାଶ ମଧ୍ୟ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ଯୋଗଦେଇ କହିଥିଲେ ଯେ କ୍ରୀଡ଼ାରେ ହାରିବା ଓ ଜିତିବା ଏକ ଅଂଶ ହୋଇଥାଏ। ହାରିଲେ ହିଁ ଜିତିବାର ରାସ୍ତା ପ୍ରଶସ୍ତ ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଡ.କାହ୍ନୁଚରଣ ଧୀର ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର୍ ନବନୀତା ରଥ ଯୋଗଦେଇ କ୍ରୀଡ଼ା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ୨୨ଟି ବିଶ୍ୱବିଦ୍ୟାଳୟର ୨୮୪ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ବୋଲି କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ.ବିଜୟ କୁମାର ସୁନ୍ଦରରାୟ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ପରିଷଦର ପ୍ରୋତ୍ସାହନ ଓ ଆର୍ଥିକ ଅନୁଦାନରେ ଆୟୋଜିତ ହେଉଛି। ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଡ.କୀର୍ତ୍ତିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁଆ ନଦୀ ସେତୁ ପାଇଁ ଭିତ୍ତିପ୍ରସ୍ତର

**ବାଲିଅନ୍ତା, ୧୫ ।୨(ସମିସ):** ବାଲିଅନ୍ତା ବ୍ଲକ ବଇଁଚୁଆ ପଞ୍ଚାୟତ ଅଧୀନ ଧବଳାହାରସ୍ଥିତ ଧନୁଆ ନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଓ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୧କୋଟି ୪୧ଲକ୍ଷ ୭୪ହଜାର ଟଙ୍କା ମଞ୍ଜୁର ହୋଇଛି। ୧୧ଟି ସ୍ପାନ୍‌ରେ ୨୪୫ ମିଟର ଲମ୍ବ ଓ ସାଢ଼େ ୭ ମିଟର ଚଉଡ଼ା ବିଶିଷ୍ଟ ଉକ୍ତ ସେତୁ କାମ ଦେଢ଼ବର୍ଷ ମଧ୍ୟରେ ଶେଷ ହେବ ବୋଲି ସୂଚନା ମିଳିଛି। ସେହିପରି ଉଭୟ ପାର୍ଶ୍ୱରେ ୧୦୦୦ ମିଟର ସେତୁ ସଂଯୋଗକାରୀ ପକ୍କାରାସ୍ତା ନିର୍ମାଣ କରାଯିବ।



ବାଲିଅନ୍ତା ବ୍ଲକର ବିଶେଷ କରି ୫ଟି ପଞ୍ଚାୟତ ସୀମା ପରିସରଭୁକ୍ତ ବଇଁଚୁଆ, ପଟୁପଦା, ବୁବାଲୋ, ସୁବାଲୋ, ସାନ ବଇଁଚୁଆ, ଅରିଙ୍ଗୋଳ, ଭିଙ୍ଗାରପୁର ଶାସନ, ବେଣ୍ଟପୁର, ବ୍ରାହ୍ମଣଷଡ଼ଙ୍ଗୀ, କାକରୁଦ୍ରପୁର, ସଠିଲୋ ଓ ଗଣ୍ଡିଲୋ ଆଦି ଅଞ୍ଚଳରେ ଥିବା ଗ୍ରାମ ସମୂହର ୩୯ ହଜାର ୩୭୩ ଜନସାଧାରଣ ଉପକୃତ ହେବେ। ଏହା ସହିତ ବନ୍ୟା ସମୟରେ ଲୋକେ ବ୍ରିଜ୍ ଉପରେ ଯାତାୟାତ କରିପାରିବେ। ଏହି ଅବସରରେ ଆୟୋଜିତ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ ଓ ସହକାରୀ ଯନ୍ତ୍ରୀ ଚକ୍ରଧର ବେହେରା, ବଇଁଚୁଆ ସରପଞ୍ଚ ରଶ୍ମିତା ସାହୁ, ସତ୍ୟଭାମାପୁର ସରପଞ୍ଚ ରଶ୍ମୀତା ଭୋଇ ଏବଂ ସମିତି ସଭ୍ୟା ରଶ୍ମୀତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଇଁଚୁଆ ଅଞ୍ଚଳ ପରିଦର୍ଶନରେ ଆସିଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବା ଉପରୋକ୍ତ ବନ୍ୟା ବିପନ୍ନ ଅଞ୍ଚଳବାସୀଙ୍କ ଯାତାୟତ ସମସ୍ୟାକୁ ଅନୁଧ୍ୟାନ କରି ସେତୁ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୧୩ ବର୍ଷ ପରେ ଅଞ୍ଚଳବାସୀଙ୍କର ଯାତାୟତ ସମସ୍ୟା ଦୂର ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।


DSPL-568

ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324



## ଖୋଲିବ ଆନ୍ତଃରାଜ୍ୟ କାର୍ ଗ୍ୟାଙ୍ଗ୍‌ର ମୁଖା

# କୋଲକାତା ଯିବ କମିସନରେଟ୍ ପୁଲିସ

- ଜବତ ଚାବିର ହେବ ଫୋରେନ୍‌ସିକ ତଦନ୍ତ
- ୪ଟି ରାଜ୍ୟରୁ ଚୋରି କରିଛନ୍ତି ୨୫ କାର୍
- ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବେ ଦିଲ୍ଲୀ ଓ ତ୍ରିପୁରା ପୁଲିସ

ଭୁବନେଶ୍ୱର, ୧୫ ।୨(ସମିସ):

ରାଜଧାନୀରୁ ବଡ଼ଧରଣର ଆନ୍ତଃରାଜ୍ୟ କାର୍ ଗ୍ୟାଙ୍ଗ୍‌ର ମୁଖା ଖୋଲିବ। ଧରାପଡ଼ିଥିବା ଏମ୍.ଡି ଫରାଜ କାଲର୍ସି ଓ ଜାହିଦ ହୁସେନ୍‌କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ଅଣାଯାଇ ଜେରା କରାଯିବ। କାର୍ ଚୋରି ଓ ବିକ୍ରିର ପୂରା ସାମ୍ରାଜ୍ୟ ଖୋଲିବାକୁ ଅଣ୍ଟା ଭିଡିଛି କମିସନରେଟ୍ ପୁଲିସ। ଦିଲ୍ଲୀରୁ ଦୁଇ ମାସରେ ପର୍ଯ୍ୟାୟକ୍ରମେ ଦାମୀ ଫର୍ଚୁନର କାର୍ ଚୋରି କରୁଥିଲେ। କାର୍‌ର ଲକ୍‌ଗୁଡ଼ିକ ସେନ୍‌ସର ଖୋଲିଥାଏ। କିନ୍ତୁ ଗ୍ୟାଙ୍ଗ୍ ମୁଖିଆ ଏମ୍.ଡି ଫରାଜ କାଲର୍ସି ଓ ଜାହିଦ ହୁସେନ ଚୁଟ୍‌କିରେ କାର୍ ଖୋଲି ଦେଇଥାନ୍ତି। ଦିଲ୍ଲୀରୁ ଚୋରି ହୋଇଥିବା କାର୍‌ରେ ଏକ ଚାବି ବ୍ୟବହାର ହୋଇଥିଲା। ଉକ୍ତ ଚାବି ବିଷୟରେ ଅଧିକ ଖୋଳତାଡ଼ କରାଯାଉଛି। ଚାବିର ସମ୍ପୂର୍ଣ୍ଣ ତଥ୍ୟ ଲାଗି ଗାଡ଼ିର କମ୍ପାନୀକୁ ଚିଠି ଲେଖାଯାଇଛି। ଚାବି ବିଷୟରେ ଆହୁରି ତଥ୍ୟ ଯୋଗାଡ଼ କରିବା ଲାଗି ଚାବିକୁ ଫୋରେନ୍‌ସିକ ଲାବୋରେଟୋରୀକୁ ପଠାଯିବ।

ଆନ୍ତଃରାଜ୍ୟ କାର୍ ଚୋରି କାରବାରରେ ମୁଖିଆ ତାଲ୍‌ତୋଲା ଅଞ୍ଚଳର ହୋଇଥିବା ବେଳେ ଦେଶସାରା ଚୋରା ଗାଡ଼ିର ସାମ୍ରାଜ୍ୟ ଚଳାଇଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେଇ ଆଧାରରେ କମିସନରେଟ୍ ପୁଲିସର ଏକ ଟିମ୍ କୋଲକାତାକୁ ଯାଇ ଖୋଳତାଡ଼ କରିବ। ଅନୁରୂପ ଭାବେ ତ୍ରିପୁରାର ଅଗରତାଲା, ଦିଲ୍ଲୀ, ହରିୟାଣା ଓ ଉତ୍ତରପ୍ରଦେଶର ନମ୍ବର ପ୍ଲେଟ୍ ବ୍ୟବହାର କରିଥିଲେ। ଏହି ସବୁ ସହରରୁ ୨୫ଟି କାର୍ ଆଣି ବିଭିନ୍ନ ରାଜ୍ୟରେ ବିକ୍ରି କରିଛନ୍ତି। କାର୍ ଚୋରି କରିବା ପରେ ନକଲି ନମ୍ବର ପ୍ଲେଟ୍ ଲଗାଇ ସଡ଼କ ପଥରେ ବିଭିନ୍ନ ରାଜ୍ୟକୁ ଯାଇ ବିକ୍ରି କରିଛନ୍ତି। ଜାହିଦ ହୁସେନ ପୋଲିଓ ଆକ୍ରାନ୍ତ ହୋଇଥିବାରୁ ବିମାନରେ ଅନ୍ୟ ରାଜ୍ୟକୁ ଯାଇ ସମ୍ପର୍କୀୟଙ୍କ ଘନିଷ୍ଠଙ୍କୁ କାର୍ କମ୍ ମୂଲ୍ୟରେ ବିକ୍ରି କରିଥାନ୍ତି। ୧୦ରୁ ୧୨ଜଣ ଗ୍ୟାଙ୍ଗ୍‌ରେ ମିଶି କାର୍ ଚୋରି ଓ ବିକ୍ରି କରି ଦେଶରେ ବଡ଼ ସିଣ୍ଡିକେଟ୍ ଚଳାଉଛନ୍ତି। ଧରାପଡ଼ିଥିବା କାରଗୁଡିକ ଦିଲ୍ଲୀ ଓ ତ୍ରିପୁରାରୁ ଚୋରି ହୋଇ ଭୁବନେଶ୍ୱରରେ କମ୍ ମୂଲ୍ୟରେ ବିକ୍ରି ହୋଇଥିଲା। ସେଠାକାର ପୁଲିସକୁ ଅବଗତ କରିଥିଲା କମିସନରେଟ ପୁଲିସ। ଆସନ୍ତା ଦୁଇରୁ ୩ଦିନ ଭିତରେ ଦିଲ୍ଲୀ ଓ ତ୍ରିପୁରା ପୁଲିସର ଏକ ଟିମ୍ ଭୁବନେଶ୍ୱରକୁ ଆସିବ। ପରେ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିବ। କିନ୍ତୁ ତା' ପୂର୍ବରୁ ଫରାଜ କାଲର୍ସି ଓ ଜାହିଦ ହୁସେନକୁ ରିମାଣ୍ଡରେ ଆଣି ଜେରା କରିବ ପୁଲିସ। ଭୁବନେଶ୍ୱରରୁ କାର୍ ଚୋରି ପଛରେ ଏମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେ ଦିଗରେ ତନ୍ନତନ୍ନ କରି ତଦନ୍ତ କରିବ।

ସୂଚନାଯୋଗ୍ୟ ଯେ, ଦିଲ୍ଲୀରୁ ୨୦ ଦିନ ତଳୁ କିଣା ଯାଇଥିବା ୬୪ ଲକ୍ଷର ଗାଡ଼ିକୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ଭୁବନେଶ୍ୱର ଆସିଥିଲେ। ପଟିଆ ଅଞ୍ଚଳରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ୨ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା ଚନ୍ଦ୍ରଶେଖରପୁର ଥାନା ପୁଲିସ।

## ଶ୍ୟାମପୁରରେ ୬୮ ଏକର ବେଆଇନ ଜବରଦଖଲ ମାମଲା

# ୨୦ ଦିନ ହେଲା ବିଡିଏ ଅଧିକାରୀଙ୍କ ଦେଖା ନାହିଁ

**ଭୁବନେଶ୍ୱର, ୧୫।୨(ସମିସ):** ଶ୍ୟାମ୍‌ପୁର ମୌଜାରେ ୬୮ ଏକର ଜମି ବେଆଇନ ଜବରଦଖଲ ମାମଲାରେ ଜାନୁଆରୀ ୨୯ ତାରିଖରେ ବିନାପୁଲିସରେ ବିଡିଏ ଦଳବଳ ନେଇ ଶ୍ୟାମପୁରରେ ପହଞ୍ଚିଲା। ଜବରଦଖଲ ମୁକ୍ତ ଅଭିଯାନ ଆରମ୍ଭ ହେଲା। ହେଲେ ଏହି ଅଭିଯାନ ମାତ୍ର ଗୋଟିଏ ଦିନରୁ ଅଧିକ ଚାଲି ପରିଲା ନାହିଁ। ସେଦିନ ଠାରୁ ଉକ୍ତ ଜମିରେ ବିଡିଏ ଅଧିକାରୀଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ସହର ନିକଟବର୍ତ୍ତୀ ଏହି ମୂଲ୍ୟବାନ ଜମିରୁ ଜବରଦଖଲକୁ ସମ୍ପୂର୍ଣ୍ଣ ହଟାଇବା ପରିବର୍ତ୍ତେ କେବଳ ମୁହଁମାରି ଚାଲିଆସିଲା। ୯୫ଟି ବେଆଇନ୍ ନିର୍ମାଣାଧୀନ ଘର ମଧ୍ୟରୁ ମାତ୍ର ଗୋଟିଏ ଘର ଏବଂ କିଛି ପାଚେରିକୁ ଭଙ୍ଗାଗଲା। ଖୁବ୍‌ଶୀଘ୍ର ଅବଶିଷ୍ଟ ବେଆଇନ୍ ନିର୍ମାଣକୁ ଭଙ୍ଗାଯିବ ବୋଲି ବିଡିଏ ପକ୍ଷରୁ କୁହାଗଲା। ହେଲେ ଏହାମଧ୍ୟରେ ୨୦ ଦିନ ବିତିଗଲାଣି। ଏଯାଏ କାର୍ଯ୍ୟାନୁଷ୍ଠାନ ଆଗେଇପାରୁ ନାହିଁ। ୨୯ ଜାନୁଆରୀ ପର ଠାରୁ ଜବରଦଖଲସ୍ଥଳରୁ ଆଉ ପଥରଟିଏ ବି ହଟାଯାଇ ନାହିଁ। ତେବେ ବିଡିଏର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। ଯାହାର ସୁଯୋଗ ନେଇ ଏଠାରେ ପୁଣି ମାତିଲେଣି ଜବରଦଖଲକାରୀ। ଆରମ୍ଭ ହେଲାଣି ବେଆଇନ୍ ନିର୍ମାଣ। ୧୪୪ ଧାରା ଜାରି ରହିଥିଲେ ମଧ୍ୟ ଜବରଦଖଲକାରୀ ଏଠାରେ ପୁଣି ନିର୍ମାଣ କଲେଣି। ବିଗତ ଦିନରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁଁ ୧୦ଏକର ଜମିରେ ରହିତାଦେଶ ଲାଗି ଗଲାଣି। ଏହି ୧୦ ଏକର ଜମିରେ ବିଡିଏ ହାତ ମାରିପାରିବ ନାହିଁ। ଆଉ ଅଧିକ ବିଳମ୍ବ ହେଲେ ଆଗାମୀ ଦିନରେ ବେଆଇନ୍ ନିର୍ମାଣ ଉପରେ ମଧ୍ୟ କୋର୍ଟଙ୍କ ରହିତାଦେଶର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।



ଏଭଳି ହେଲେ ବେଆଇନ୍ ନିର୍ମାଣ ହଟାଇବା ବିଡିଏ ପାଇଁ ଏକ ଚାଲେଞ୍ଜ୍ ସୃଷ୍ଟି ହୋଇପାରେ। ସୂଚନାଯୋଗ୍ୟ, ଜବରଦଖଲ ଘଟଣା ସାମ୍ନାକୁ ଆସିବା ପରେ ବିଡିଏ ପକ୍ଷରୁ ଏନେଇ ଭରତପୁର ଥାନାକୁ ଜଣାଗଲା। ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଗଲା। ହେଲେ ଘଟଣାସ୍ଥଳରେ ବେଆଇନ୍ ନିର୍ମାଣ ଜାରିରହିଲା। ସେତେବେଳେ ପୁଲିସର ଭୂମିକାକୁ ନେଇ ଏବେ ସନ୍ଦେହ ଯାଉଥିଲା। ୧୪୪ ଧାରାକୁ କଡ଼ାକଡ଼ି ଲାଗୁକରିବାରେ ଅବହେଳା କରାଯିବାରୁ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ବେଆଇନ୍ ଗୃହ ନିର୍ମାଣ ହୁ ହୁ ହୋଇ ବଢ଼ିଗଲା। ୧୪୪ ଧାରା ଜାରି ହେବା ପୂର୍ବରୁ ମାତ୍ର ୧୬ ଘର ଥିଲା ବେଳେ ୧୪୪ଧାରା ଜାରିହେବା ପରେ ବେଆଇନ୍ ଗୃହ ନିର୍ମାଣ ସଂଖ୍ୟା ୯୫କୁ ଛୁଇଁ ଯାଇଥିଲା। ପୁଲିସ ଯଦି ଜବରଦଖଲସ୍ଥଳକୁ ନିୟମିତ ଯାଞ୍ଚ କରିବାକୁ ଯାଇଥାନ୍ତା, ତେବେ ଏତେ ସଂଖ୍ୟକ ବେଆଇନ୍ ନିର୍ମାଣ ହୋଇ ନ ଥାନ୍ତା ବୋଲି କୁହାଯାଉଥିଲା। ହେଲେ ଏବେ ବିଡିଏର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ହେବା ଯୋଗୁଁ ଖୋଦ୍ ବିଡିଏ ସନ୍ଦେହ ଘେରରେ।

## ଦୁର୍ଘଟଣାରୁ ଗଞ୍ଜେଇ ଗାଡ଼ି ମିଳିବା ଘଟଣା

# ଦୁଇ ଧରାପଡ଼ିଲେ; ୨ ଖସିଗଲେ



କନ୍ଧମାଳରୁ କଟକ ଯାଉଥିଲା ଗଞ୍ଜେଇ


**ଭୁବନେଶ୍ୱର, ୧୫।୨(ସମିସ):** ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଗଞ୍ଜେଇ ମିଳିବା ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ମଦାପଦର ଗାଁର ବୃଷଭ କହଁର (୨୬) ଓ କନ୍ଦରାମୁଣ୍ଡ ଗାଁର ମିଲୁ ଦିଗାଲ (୧୯)। ସେମାନଙ୍କ ଠାରୁ ୭୩ କିଲୋ ଗଞ୍ଜେଇ ଓ ପରିବହନରେ ବ୍ୟବହୃତ ବୋଲେରୋ ଗାଡ଼ି ଜବତ କରାଯାଇଛି। ସୂଚନା ଅନୁସାରେ, ବୃଷଭ, ମିଲୁ ଓ ସେମାନଙ୍କ ଦୁଇ ସହଯୋଗୀ ଗଞ୍ଜେଇ ଭର୍ତ୍ତି ବୋଲେରୋରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲେ। ତପୋବନ ଛକ ପୂର୍ବରୁ ଏକ ବାଇକ୍ ଚାଳକଙ୍କୁ ଧକ୍କା ଦେବା ପରେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ଲୋକମାନଙ୍କ ସହାୟତାରେ ବୃଷଭ ଓ ମିଲୁଙ୍କୁ କାବୁକରିବା ସହ ବୋଲେରୋ ଜବତ କରି ଥାନାକୁ ନେଇଥିଲା। ହେଲେ ବାକି ଦୁଇ ନିଶା ବେପାରୀ ଚକ୍‌ମା ଦେଇ ଖସି ପଳାଇଥିଲେ। ବୋଲେରୋ ଭିତରୁ ୪ବସ୍ତା ଗଞ୍ଜେଇ ମିଳିଥିଲା। ୪ଟି ବସ୍ତାରୁ ମୋଟ ୭୩ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ସେମାନେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରୁ ଗଞ୍ଜେଇ ଆଣି କଟକର ନିଶା ମାଫିଆଙ୍କୁ ଦେବାକୁ ଯାଉଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଭରତପୁର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରିବା ସହିତ ବୃଷଭ ଓ ମିଲୁକୁ କୋର୍ଟ ଚାଲାଣ କରିଛି। ସେପଟେ ଖସି ଯାଇଥିବା ଦୁଇ ନିଶା ବେପାରୀଙ୍କୁ ଧରିବା ଲାଗି ପୁଲିସ ଉଦ୍ୟମ ଚଳାଇଛି। ସେମାନେ ଧରାପଡ଼ିବା ପରେ ନିଶା କାରବାରରେ ଜଡ଼ିତ ଅନ୍ୟ ସହଯୋଗୀଙ୍କ ବିଷୟରେ ଜଣାପଡ଼ିବ ବୋଲି ପୁଲିସ ଆଶା କରୁଛି।

## ● ରଣକ୍ଷେତ୍ର ପାଲଟିଲା ରାଜଧାନୀ

# କିନ୍ନର ଓ ଯୁବଗୋଷ୍ଠୀ ମୁହାମୁହିଁ; ୯ ଗିରଫ

**ଭୁବନେଶ୍ୱର, ୧୫ ।୨(ସମିସ):** ରାଜଧାନୀ ପାଲଟିଲା ରଣକ୍ଷେତ୍ର। କିନ୍ନର ଓ ଯୁବଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ସମ୍ପୃକ୍ତି ରହିଥିବା ଉଭୟ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରଜ କୁମାର ସାହୁ, ପି ଐଶ୍ୱର୍ଯ୍ୟା ରାଓ, ନୀଳମଣି କଅଁର, ଅନୁସୟା ନାୟକ, ବାବୁନି ନାୟକ, ଅର୍ଣ୍ଣବ ଆନନ୍ଦ, ଅଜିତେଶ ଦାସ, ଅଙ୍କୁର କୁମାର ଓ ପ୍ରଣୟ ମିଶ୍ର। ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଗଲା ରାତିରେ ଅଜିତେଶ ନିଜର କିଛି ବନ୍ଧୁଙ୍କ ସହ ଏକ କ୍ଲବ୍‌ରୁ ରାତ୍ରିଭୋଜନ କରି ବଦ୍ରିଗାର୍ଡେନରେ ଥିବା ନିଜ ଫ୍ଲାଟ୍‌କୁ ଯାଉଥିଲେ। ସେଇ ସମୟରେ ପେଟ୍ରୋଲ ପମ୍ପ ନିକଟ ଟ୍ରାଫିକ୍ ଟ୍ରେନିଂ ପଡ଼ିଆ ସାମ୍‌ନାରେ ୧୦ରୁ ୧୫ଜଣ କିନ୍ନର ଛିଡ଼ା ହୋଇଥିଲେ। କୌଣସି ଏକ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଉଭୟ ପକ୍ଷରୁ ଢେ଼ଲା, ପଥର ଓ ବାଡିରେ ପିଟାପିଟି ହୋଇଥିଲା। ଏହାକୁ ପେଟ୍ରୋଲ ପମ୍ପର କର୍ମଚାରୀ ବିରୋଧ କରିବାରୁ ପେଟ୍ରୋଲ ଟାଙ୍କିରେ ଭଙ୍ଗାରୁଜା କରି ଆତଙ୍କ ଖେଳାଇଛନ୍ତି। ଖବରପାଇଁ ଚନ୍ଦ୍ରଶେଖରପୁର ଥାନା ପୁଲିସ ପହଞ୍ଚି ସମସ୍ତଙ୍କୁ ଥାନାକୁ ଉଠାଇ ନେଇଥିଲା।

# ମାଡ଼ ମାରି ନେଇଗଲେ ଗାଡ଼ି ଓ ସୁନା ଚେନ; ୩ ଗିରଫ



**ଭୁବନେଶ୍ୱର, ୧୫।୨(ସମିସ):** ମାଡ଼ ମାରି ଗାଡ଼ି ଓ ସୁନା ଚେନ ଛଡ଼ାଇ ନେଇଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗରର ଏଦରିଶ ବାନା (୨୪), ଜାଗମରାର ଆକାଶ ଶ୍ରୀନିବାସନ (୨୬) ଓ ଲିଙ୍ଗରାଜ ନଗରର ପ୍ରଜ୍ୱଳ ମହାପାତ୍ର (୨୩)। ପୁଲିସ ସୂଚନା ଅନୁସାରେ, ତମାଣ୍ଡୋସ୍ଥିତ ଏକ କାର୍ ଶୋରୁମର କର୍ମଚାରୀ ସଞ୍ଜିତ ମହାପାତ୍ର ଓ ତାଙ୍କର ଜଣେ ସାଙ୍ଗ ବୁଧବାର ସନ୍ଧ୍ୟାରେ ନିଜ ଡ୍ୟୁଟି ସାରି ବେହେରା ଢାବାକୁ ଖାଇବାକୁ ଯାଇଥିଲେ। ସେହି ସମୟରେ ୩ ଅଭିଯୁକ୍ତ ହଠାତ ତାଙ୍କୁ ଘେରି ଯାଇ ମାଡ଼ ମାରିବା ସହିତ ତାଙ୍କ ଗାଡ଼ିଟିକୁ ଛଡ଼ାଇ ନେଇ ଯାଇଥିଲେ। ସାଙ୍ଗ ଘଟଣାସ୍ଥଳକୁ ଆସି ତାଙ୍କୁ ବଞ୍ଚାଇବା ଲାଗି ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରି ତାଙ୍କ ବେକରୁ ଏକ ସୁନା ଚେନ ଛଡ଼ାଇ ନେଇଯାଇଥିଲେ। ଖବରପାଇ ପିସିଆର୍ ଭ୍ୟାନ୍ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ଖସି ଯାଇଥିଲେ। ଅଭିଯୋଗ ପାଇବା ପରେ ତମାଣ୍ଡୋ ଥାନା ପୁଲିସ ଖଣ୍ଡଗିରି ଅଞ୍ଚଳରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି।

# ଫାଉଣ୍ଟେନ୍ ଭିତରକୁ ପଶିଗଲା କାର୍; ୩ ଆହତ

**ଭୁବନେଶ୍ୱର, ୧୫।୨(ସମିସ):** ବୁଧବାର ବିଳମ୍ବିତ ରାତିରେ ରାଜଭବନ ସମ୍ମୁଖରେ ଏକ ଦୁର୍ଘଟଣା ଘଟି ୩ଜଣ କାର୍ ଆରୋହୀ ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏକ କାର୍ ଦ୍ରୁତଗତିରେ ଆସି ବାଡ଼ ଭାଙ୍ଗି ଫାଉଣ୍ଟେନ ଭିତରକୁ ପଶି ଯାଇଥିଲା। ପୁଲିସ ପହଞ୍ଚି ସେଥିରେ ଥିବା ୩ ଆରୋହୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ରାତି ପ୍ରାୟ ୨ଟା ୩୦ରେ ଏକ ଧଳା ରଙ୍ଗର କାର୍ ପାୱାର୍ ହାଉସ୍ ଛକ ପଟରୁ ରାଜଭବନ ଆଡ଼କୁ ଆସୁଥିଲା। କାର୍‌ଟି ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ରାଜଭବନ ସମ୍ମୁଖରେ ଥିବା ଫାଉଣ୍ଟେନର ବାଡ଼ ଭାଙ୍ଗି ଭିତରକୁ ପଶି ଯାଇଥିଲା। ଖବରପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା। ଏଥିସହିତ କାରକୁ ଜବତ କରିଛି ପୁଲିସ। ନିଶା ସେବନ କରି ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟି ଥାଇପାରେ ବୋଲି ପୁଲିସ ଅନୁମାନ କରିଛି।

# ପୂର୍ବଶତ୍ରୁତାରୁ ଆକ୍ରମଣ

## ଜଣେ ଗିରଫ



**ଭୁବନେଶ୍ୱର, ୧୫।୨(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ-୮ କୃଷି ବିହାର ପମ୍ପ ହାଉସ୍ ପରିସରରେ ରହୁଥିବା ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଲାଞ୍ଜିପଲ୍ଲୀର ସାଗର କୁମାର ପାଢ଼ୀ (୩୫)। ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଭୋଇ ସାହିର ବିଶ୍ୱଜିତଙ୍କ ଭାଇ ଓ ତାଙ୍କ ବନ୍ଧୁ ନେପାଳି ଦୁର୍ଗାମଣ୍ଡପ ରାସ୍ତା ଦେଇ ଇନ୍ଦ୍ରଧନୁ ମାର୍କେଟକୁ ଯାଉଥିଲେ। ସାଗର ପୂର୍ବ ବିବାଦକୁ କେନ୍ଦ୍ରକରି ସେହି ସମୟରେ ଉଭୟଙ୍କୁ ଆକ୍ରମଣ କରିଥିଲା। ଏଥିରେ ଦୁଇଜଣ ଯାକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସାଗରର ପିଛା କରି ତାକୁ କାବୁ କରିବା ସହିତ ନିର୍ଘୂମ ପିଟିଥିଲେ। ଏହାଦ୍ୱାରା ସାଗରର ମୁଣ୍ଡରେ ଆଘାତ ଲାଗିଥିଲା। ବିଶ୍ୱଜିତ ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଏଥିରେ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମୋବାଇଲ୍ ଚୋରି; ୩ ଗିରଫ

**ଭୁବନେଶ୍ୱର, ୧୫।୨(ସମିସ):** ମୋବାଇଲ ଫୋନ୍ ଚୋରି କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁକ ବିହାରର ସଞ୍ଜୟ କୁମାର ପୃଷ୍ଟି(୨୧), ଜଗନ୍ନାଥ ସାହୁ ଓରଫ୍ ଜଗା (୨୮) ଓ ରଘୁନାଥ ନଗର ପ୍ରଧାନ ସାହିର ସିଲୁ ପ୍ରଧାନ ଓରଫ୍ ପାଣ୍ଡା (୨୫)। ପୁଲିସ ସୂଚନା ଅନୁଯାୟୀ, ଅଟୋ ଚାଳକ ଅମୂଲ୍ୟ ମହାପାତ୍ର ଗତ ୭ତାରିଖ ସନ୍ଧ୍ୟାରେ ଡୁମୁଡୁମା ମୁନ୍ ମଣ୍ଡପ ନିକଟରେ ନିଜ ଅଟୋକୁ ପାର୍କ କରି ନିକଟସ୍ଥ ଦୋକାନକୁ ଯାଇଥିଲେ। ସେହି ସମୟରେ ୩ ଅଭିଯୁକ୍ତ ମିଶି ଅମୂଲ୍ୟ ଛାଡ଼ି ଯାଇଥିବା ମୋବାଇଲକୁ ଅଟୋରୁ ଚୋରିକରି ନେଇଥିଲେ। ଏ ନେଇ ଅମୂଲ୍ୟ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଡୁମୁଡୁମା ମାର୍କେଟରେ ଚଢ଼ଉ କରି ୩ ଅଭିଯୁକ୍ତଙ୍କ ସହିତ ଚୋରି ମୋବାଇଲକୁ ଜବତ କରିଥିଲା। ସଞ୍ଜୟ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ଦୁଇଟି ଓ ସିଲୁ ନାମରେ ଗୋଟିଏ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଛି।

# ମାଟିରେ ମିଶିଲା ମଦ ଭାଟି

## ୧୪ ଗିରଫ; ୫ହଜାର ଲିଟର ପୋଚ ନଷ୍ଟ

**ଭୁବନେଶ୍ୱର, ୧୫ ।୨(ସମିସ):** ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଚୋରା ମଦ କାରବାର ରୋକିବାକୁ ଅବକାରୀ ଟିମ୍ ଏକ ଖସଡ଼ା ପ୍ରସ୍ତୁତ କରୁଛି। ଏହିକ୍ରମରେ ଗୁରୁବାର ଭୁବନେଶ୍ୱର ଅବକାରୀ ୟୁନିଟ୍ ଓ ଫ୍ଲାଇସ୍କ୍ୱାଡ ମିଳିତ ଭାବେ ସାଲିଆସାହିରେ ଚଢ଼ଉ କରିଥିଲେ। ଏଥିରେ ୫୦ହଜାର ଲିଟର ପୋଚ ଓ ୫ଶହ ଲିଟର ଦେଶୀ ମଦ ଜବତ କରିଛି ପୁଲିସ। ମଦ କାରବାର ସମ୍ପୃକ୍ତି ରହିଥିବା ୧୪ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ମଦ ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଭାଙ୍ଗି ନଷ୍ଟ କରାଯାଇଛି। ଘର ଭିତରେ ଅତି ଅପରିଷ୍କାର ଅବସ୍ଥାରେ ମଦ ପ୍ରସ୍ତୁତ ହେଉଥିବା ଦେଖାଯାଇଥିଲା। ଅବକାରୀ ଟିମ୍ ସବୁ ଘରକୁ ଭାଙ୍ଗିବା ସହ ମଦ ପ୍ରସ୍ତୁତ ସାମଗ୍ରୀକୁ ନଷ୍ଟ କରି ଦେଇଛି।

# ୫୦ ମାସରେ ୫୨ କଲରାପତରିଆ ଛାଲ ଜବତ

## ସଙ୍କଟରେ ବାଘ ମାମୁ

ଭୁବନେଶ୍ୱର, ୧୫ ।୨(ସମିସ):

ଜଙ୍ଗଲ ପାଇଁ ତୃଣଭୋଜି ଯେତିକି ଦରକାର; ମାଂସାଶୀ ପ୍ରାଣୀ ମଧ୍ୟ ସେ ତୁଳନାରେ ଦରକାର। କିନ୍ତୁ କିଛିବର୍ଷ ହେଲା ବିଭିନ୍ନ ପ୍ରଜାତିର ବାଘ ଶିକାର ଯେମିତି ହେଉଛି; କେଉଁଦିନ ଓଡ଼ିଶା ଜଙ୍ଗଲରୁ ବାଘଲୋପ ହୋଇଯିବ ତାହା କହିହେବ ନାହିଁ। ରାଜ୍ୟ ସଂରକ୍ଷିତ ଜଙ୍ଗଲଗୁଡ଼ିକରେ କଲରାପତିରିଆ ବାଘ ଶିକାର ପାଇଁ ଡେରା ପକାଇଛନ୍ତି ଶିକାରୀ। କଲରାପତିରିଆ ଶିକାର ଏତେ ମାତ୍ରାରେ ବଢ଼ିଛି ଯେ, ବାଘ ଜଙ୍ଗଲରେ ନ ରହି ଜନବସତି ମୁହାଁ ହେଲେଣି। ଜୀବନ ରକ୍ଷା ଲାଗି କେଉଁଠି ମଣିଷକୁ ମାରିଲେଣି ତ ଆଉ କେଉଁଠି ବାଘର ଜୀବନ ଚାଲିଗଲାଣି।

ରାଜ୍ୟରୁ ଗତ ୫୦ ମାସରେ ୫୨ଟି କଲରାପତିରିଆ ବାଘଛାଲ, ଦୁଇଟି ମହାବଳ ଛାଲ ଜବତ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ପ୍ରତି ମାସରେ ହାରାହାରି ଗୋଟିଏ ଲେଖାଏଁ ବାଘଛାଲ ଜବତ କରୁଛି। ଏଇତ ଗଲା ଏସ୍‌ଟିଏଫ୍‌ର ତଥ୍ୟ ବନବିଭାଗ ବି ବାଘଛାଲ ଜବତ କରୁଛି। ଅନୁରୂପ ଭାବେ ଦୁଇଦିନ ତଳେ ୪ବର୍ଷ ତଳର କଲରାପତିରିଆକୁ ହତ୍ୟା ଘଟଣାର ସତ୍ୟ ପ୍ରଦାକୁ ଆଣିଥିଲା ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଓ ରାଜ୍ୟ ବନବିଭାଗ। ମାତ୍ର ୪ଦିନରେ ଏଥିରେ ସମ୍ପୃକ୍ତ ଗଞ୍ଜାମ, କେନ୍ଦ୍ରାପଡ଼ା ଓ ଗଜପତି ଜିଲ୍ଲାର ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚଳିତବର୍ଷ ଓଡ଼ିଶାରୁ ୪ଟି ବାଘଛାଲ ଜବତ ହୋଇଛି। ସମ୍ବଲପୁର କୁଚିଣ୍ଡାରୁ ୨ଟି, କନ୍ଧମାଳ ଓ ବୌଦ୍ଧର ପୁରୁଣା କଟକରୁ ଗୋଟିଏ ଲେଖାଏଁ କଲରାପତରିଆ ବାଘ ଛାଲ ଜବତ ହୋଇଛି। ସେହିଭଳି ୨୦୨୩ରେ ୧୪ଟି ୨୦୨୨ରେ ୧୫, ୨୦୨୧ରେ ୧୨ଟି, ୨୦୨୦ରେ ୭ଟି କଲରାପତରିଆ ବାଘଛାଲ ଜବତ ହୋଇଛି। ଗଲା ୨୦୨୨ ଓ ୨୩ରେ ଗୋଟିଏ ଲେଖାଏଁ ମହାବାଳ ବାଘର ଛାଲ ଠାବ କରିଛି ଏସ୍‌ଟିଏଫ୍। ସେହିପରି ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨ ଅନୁସାରେ ବାଘ ସିଡ୍ୟୁଲ୍ ୧ ପ୍ରାଣୀ। ତେଣୁ ଏହାର ସୁରକ୍ଷା ପାଇଁ ନିୟମକୁ କଡ଼ାକଡ଼ି କରିଛନ୍ତି ସରକାର। ବାଘ ଶିକାର ରୋକିବା ସହ ପୁରୁଣା ମାମଲାଗୁଡ଼ିକର ତଦନ୍ତକୁ ଜୋର୍‌ଦାର୍ କରାଯିବ। ବାଘ ବଂଶ ରକ୍ଷା କରିବା ଲାଗି ଏସ୍‌ଟିଏଫ୍ ସହ ବନବିଭାଗର ମିଳିତ ଟାସ୍କଫୋର୍ସ ତଦନ୍ତ କରୁଛି।

- ଦୁଇ ମହାବଳ ବାଘଛାଲ ମିଳିବା ଓଡ଼ିଶାରେ ପ୍ରଥମ
- ଶିକାର ରୋକିବାକୁ ତଦନ୍ତ କରୁଛି ମିଳିତ ଟାସ୍କଫୋର୍ସ



### ଚୀନକୁ ଲମ୍ବିଛି ସାମ୍ରାଜ୍ୟ

କଲରାପତିରିଆ ବାଘଛାଲର ଚାହିଦା ଥିବାରୁ ଶିକାର ବଢୁଛି। ଓଡ଼ିଶାରୁ ଆର୍ନ୍ତଜାତିକ ବଜାର ଯାଏଁ ବାଘଛାଲ ଚୋରା ଚାଲାଣ ଚେର ଲମ୍ବିଛି। ବାଘଛାଲ, ନଖ ଓ ଦାନ୍ତ ଓଡ଼ିଶାରୁ ଭାୟା ଛତିଶଗଡ଼ ଦେଇ ମିଆଁମାର ଓ ରାୟଗଡ଼ା-ପାର୍ବତୀପୁର ଦେଇ କର୍ଣ୍ଣାଟକ ଯାଉଛି। ସେଠାରୁ ରାଜସ୍ଥାନର ଜୟପୁର, କୋଲକାତା ଓ ବିଶାଖାପାଟଣାକୁ ପଠାଯାଉଛି। ସେଇ ନେଟ୍‌ୱାର୍କରେ ଚୀନ, ନେପାଳ, ଇରାନ୍, ଇରାକ୍, ବର୍ମା, ୟୁଏଇ ଓ ତିବ୍ବତ ଆଦି ଦେଶକୁ ଚାଲାଣ କରାଯାଉଛି। ସେହିପରି କିଛି ମାତ୍ରାରେ ବାଘଛାଲ ଜବତ କରୁଛି ବନବିଭାଗ ଓ ଏସ୍‌ଟିଏଫ୍। ହେଲେ ବାଘଟି କେଉଁ ଅଞ୍ଚଳର ଜଣାପଡୁନାହିଁ। ବୈଜ୍ଞାନିକ କାରଣ ଅନୁସାରେ ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସାଧନା ନାହିଁ। କେବଳ ଡିଏନ୍‌ଏଫ୍ ପ୍ରୋଫାଇଲ ପ୍ରେଜେକ୍ଟ ଆରମ୍ଭ ପ୍ରକ୍ରିୟା ହୋଇଛି। ବାଘଗୁଡ଼ିକର ଡିଏନ୍‌ଏ ନମୁନା ସଂଗ୍ରହ କରି ରଖିହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### କରିଡର୍‌ରେ ପଶ୍ଚିମ ଓଡ଼ିଶା

ବାଘଛାଲ ଶିକାର ଓ ଚୋରା ଚାଲାଣ ପଛରେ ପଶ୍ଚିମ ଓଡ଼ିଶା ଲିଙ୍କ୍ ପଦାକୁ ଆସୁଛି। ସୋନପୁର, ସମ୍ବଲପୁର, ବଲାଙ୍ଗିର, ଭବାନୀପାଟଣା, ବରଗଡ଼, ନୂଆପଡ଼ା, ବୌଦ୍ଧ, ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଭଳି ଜିଲ୍ଲାରେ ଅଧିକ ବନ୍ୟଜନ୍ତୁ ଶିକାର କରାଯାଉଛି। ମୟୂରଭଞ୍ଜର ଶିମିଳିପାଳ ଜଙ୍ଗଲ, ସମ୍ବଲପୁରର କୁଚିଣ୍ଡା, ନୟାଗଡ଼ ଦଶପଲ୍ଲାର ଗିରିପୂଜା ଜଙ୍ଗଲ, ରଣପୁର ମଣିନାଗ ଜଙ୍ଗଲ ଓ ବୌଦ୍ଧର ମନମୁଣ୍ଡା ଜଙ୍ଗଲରୁ କଲରାପତରିଆ ବାଘ ଶିକାର ସଂଖ୍ୟା ବଢ଼ିଛି। ଶିକାରୀମାନେ ଏହି ଅଞ୍ଚଳରେ ନିଜେ ନିଜର ଅସ୍ଥାୟୀ ଆସ୍ଥାନ ଜମାଇ ଏସବୁର ମୂଳଚାଲ୍ କରୁଛନ୍ତି। ସେହିପରି କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ, ଅନୁଗୁଳ, ସୁନ୍ଦରଗଡ଼ ଓ କଟକର ଆଠଗଡ଼ ଜଙ୍ଗଲରୁ ଶିକାର କରାଯାଉଥିବା ତଦନ୍ତରୁ ପଦାକୁ ଆସିଛି। ବାଘଛାଲ ଗୋଟା ପିଛା ୫ରୁ ୭ଲକ୍ଷ ଯାଏଁ ବିକ୍ରି କରାଯାଉଛି। ଏହା ଆର୍ନ୍ତଜାତିକ ବଜାରରେ ୨୦ରୁ ୨୫ ଲକ୍ଷ ପର୍ଯ୍ୟନ୍ତ ବିକ୍ରି ହେଉଥିବା ତଦନ୍ତରୁ ଖୁଲାସା ହୋଇଛି।

### ଛାଲ, ନଖରୁ ଫ୍ୟାନ୍ସି ସାମଗ୍ରୀ ଓ ଔଷଧ

ରାଜ୍ୟରେ ବଢୁଥିବା ଶିକାରକୁ ଦେଖିଲେ ଆଗାମୀ କିଛିବର୍ଷରେ ଜଙ୍ଗଲରୁ କଲରାପତରିଆ ବାଘବଂଶ ବୁଡ଼ିଯିବ ଆଶଙ୍କା ସୃଷ୍ଟି ହୋଇଛି। ବାଘଛାଲ, ନଖ ଓ ଦାନ୍ତର ଚାହିଦା ଥିବାରୁ ବାଘ ଶିକାର ବଢ଼ିଥିବା ବିଶେଷଜ୍ଞ ମତ ଦେଇଛନ୍ତି। ବାଘଛାଲରୁ ଫ୍ୟାନ୍ସି ସାମଗ୍ରୀ ଯଥା-ବିଭିନ୍ନ ବ୍ରାଣ୍ଡର ନାମିଦାମୀ ଜ୍ୟାକେଟ୍, ଜୋତା, ପର୍ସ, ଭ୍ୟାନିଟ ଓ ପୋଷାକ ଆଦି ପ୍ରସ୍ତୁତ କରାଯାଉଛି। ସେହିପରି ନଖ ଓ ଦାନ୍ତକୁ ପାରମ୍ପରିକ ଚାଇନିଜ ମେଡିସିନ୍ ଭାବେ ବ୍ୟବହାର ହୋଇଥାଏ। ଆଲ୍‌ସର, ମ୍ୟାଲେରିଆ, ଡିସେଣ୍ଟ୍ରି, ଗଣ୍ଠିବାତ, ର୍‌ୟୁମାଟିଜିମ ଭଳି ରୋଗରେ ବାଘ ନଖ ଓ ଦାନ୍ତ ଓ ହାଡ଼ ବ୍ୟବହାର କରାଯାଇଥାଏ। ଅନୁରୂପ ଭାବେ ଧନପ୍ରାପ୍ତି, ବାସ୍ତୁଦୋଷ ଛଡ଼ାଇବା ଲାଗି ମଧ୍ୟ ଏହାକୁ ଚଢ଼ା ଦାମ୍‌ରେ କିଣି ଅଳଙ୍କାର କରୁଛନ୍ତି। ବାଘ ନଖ ଗୋଟା ପ୍ରତି ୩ରୁ ୫ହଜାର ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଦାନ୍ତ ମଧ୍ୟ ଗୋଟା ପ୍ରତି ୩ରୁ ୪ହଜାର ଟଙ୍କାରେ ବିକ୍ରି ହେଉଛି।





# ଆଜିଠାରୁ ଖଣ୍ଡଗିରି କୁମ୍ଭମେଳା



## ଭିଡ଼ ଜମାଇଲେଣି ରାଜ୍ୟ ବାହାରର ସାଧୁସନ୍ଥ

**ଭୁବନେଶ୍ୱର, ୧୫।୨(ସମିସ):**

ଖଣ୍ଡଗିରି ଉଦୟଗିରି ପାଦଦେଶରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପ୍ରସିଦ୍ଧ ମାଘ ମେଳା। ମାଘ ସପ୍ତମୀଠାରୁ ଆରମ୍ଭ ହେବାକୁ ଥିବା ଏହି ମେଳା ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରସିଦ୍ଧ କୁମ୍ଭମେଳା ପାଇଁ ସାରା ଦେଶରୁ ଖଣ୍ଡଗିରିକୁ ସାଧୁସନ୍ଥମାନଙ୍କ ସୁଅ ଛୁଟିଛି। ବିଶ୍ୱଶାନ୍ତି ମହାଯଜ୍ଞ ଲାଗି ସାଧୁସନ୍ଥମାନଙ୍କ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଯଜ୍ଞ ଲାଗି କୁଣ୍ଡ ମଧ୍ୟ ପ୍ରସ୍ତୁତ ସରିଲାଣି। ଆସନ୍ତାକାଲି ଭୋରରୁ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ଲାଗି ସାଧୁସନ୍ଥମାନେ ଗୁରୁବାରଠାରୁ ଅର୍କକ୍ଷେତ୍ର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ କୁମ୍ଭରେ ଜଳ ଆଣି ଆସିବା ପରେ ଖଣ୍ଡଗିରି ପାଦଦେଶରେ ଧୁନି ସ୍ଥାପନ କରାଯାଇ ଯଜ୍ଞ ସହିତ ଆରମ୍ଭ ହେବ ଖଣ୍ଡଗିରି ମାଘ ମେଳା। ମହାମେଘବାହାନ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ଆସି ସାଧନା କରୁଛନ୍ତି। ସାରା ଦେଶରୁ ସାଧୁସନ୍ଥମାନେ ଆସି ଖଣ୍ଡଗିରିରେ ଭିଡ଼ ଜମାଇଲେଣି।

ହଜାର ହଜାର ବର୍ଷ ତଳୁ ବହୁ ସାଧୁସନ୍ଥମାନେ ଖଣ୍ଡଗିରିକୁ ଆସି ମା' ବାରଭୁଜାଙ୍କ ପୀଠରେ ତପସ୍ୟା ଓ ସାଧନା କରୁଛନ୍ତି। ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱଶାନ୍ତି ପାଇଁ ସାଧୁସନ୍ଥମାନେ ଅଖଣ୍ଡ ଧ୍ୱନି, ନାମ ଯଜ୍ଞ, ଗୀତା ଜ୍ଞାନ ଯଜ୍ଞ ଆହୁତି, ନାମ ସଂକୀର୍ତ୍ତନ ସହିତ ୯ ଦିନ ଧରି ଯଜ୍ଞ କରିବେ। ଉତ୍ତର ଭାରତର ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସାଧୁସନ୍ଥମାନେ ଅର୍କକ୍ଷେତ୍ର କୋଣାର୍କରେ ଥିବା ଚନ୍ଦ୍ରଭାଗାରେ ବୁଡ଼ପକାଇ କୁମ୍ଭରେ ଜଳ ଆଣିବେ। ଏଠାକୁ ଆସି 'ଖଣ୍ଡଖିରି' ଖାଇସାରି କୁମ୍ଭମେଳା ପାଇଁ ଧୁନି ସ୍ଥାପନ କରିବେ। ଏଥିପାଇଁ ପ୍ରାୟ ୫ଶହରୁ ଅଧିକ ସାଧୁସନ୍ଥ ଆସିଛନ୍ତି। ମା' ବାରଭୁଜାଙ୍କ ସାଧନା ସାଙ୍ଗକୁ ଶିବଶକ୍ତି, ଗାୟତ୍ରୀଙ୍କ ସାଧନା କରିବାପାଇଁ ଯଜ୍ଞକୁଣ୍ଡ ତିଆରି ଚାଲିଛି। ଆସନ୍ତାକାଲି ଠାରୁ ଖଣ୍ଡଗିରିର ଅଧିଷ୍ଠାତ୍ରୀ ମା' ବାରଭୁଜାଙ୍କ ପୀଠରେ ଅଖଣ୍ଡ ଦୀପ ଲଗାଯିବ। ଏଥିସହିତ ଶ୍ରୀହନୁମାନଙ୍କ ନିକଟରେ ରାମଚରିତ ମାନସ ଓ ହନୁମାନ ଚାଳିଶା କରାଯିବ। ସେହିପରି ଆସନ୍ତାକାଲି ରାତିରେ ଲଳିତା କୁଣ୍ଡରେ ପ୍ରଭୁ ଅନନ୍ତ କେଶରୀଙ୍କ ଚାପ ଖେଳ ଅନୁଷ୍ଠିତ ହେବ। ପ୍ରସିଦ୍ଧ ଖଣ୍ଡଗିରି ମେଳା ପାଇଁ ଓଡ଼ିଶା ସମେତ କାଶୀ, ବାରଣାସୀ, ମଥୁରା, ହରିଦ୍ୱାର ଓ ଝାନ୍ସୀ ଆଦିରୁ ନାଗା ବାବାଙ୍କ ସୁଅ ଛୁଟିଲାଣି। ଏପଟେ ପାହାଡ଼ ପାଦଦେଶରେ ଯଜ୍ଞ ଅନୁଷ୍ଠିତ ହେବାକୁ ଥିବାବେଳେ ସେପଟେ ମେଳା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ବ୍ୟବସାୟୀମାନେ ପସରା ମେଳାଉଥିବା ବେଳେ ମୀନାବଜାର ମଧ୍ୟ ପ୍ରସ୍ତୁତ ହେଲାଣି। ଖଣ୍ଡଗିରି ଓ ଉଦୟଗିରି ପାହାଡ଼ଠାରୁ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ବିଭିନ୍ନ ଦୋକାନୀମାନେ ପସରା ମେଲାଇଲେଣି। ଖାଇବା ଠାରୁ ଆରମ୍ଭ କରି ଘର ସଜା ଓ ଗୃହୋପକରଣ ସାମଗ୍ରୀ ପର୍ଯ୍ୟନ୍ତ ସବୁ ଦୋକାନ ଲାଗିଲାଣି। ସେହିଭଳି କୁଲା ବାଉଁସିଆ ଠାରୁ ଆରମ୍ଭ କରି ପଥର ଓ ପିତ୍ତଳ ସାମଗ୍ରୀ ଦୋକାନୀମାନେ ମଧ୍ୟ ଧୀରେ ଧୀରେ ଭିଡ଼ ଜମାଉଛନ୍ତି। କେତେକ ଦୋକାନ ଖୋଲିଥିବାବେଳେ ଆଉ କିଛି ବ୍ୟବସାୟୀ ଆସନ୍ତାକାଲି ଠାରୁ ଦୋକାନ ଖୋଲିବେ।



## ୧୭ରୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

ଶନିବାର ଠାରୁ ଆରମ୍ଭ ହେବ ଏକାମ୍ର କ୍ଷେତ୍ରର ଖଣ୍ଡଗିରି-ଉଦୟଗିରି ମହୋତ୍ସବ। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ ସ୍ୱେଚ୍ଛାସେବୀ ସଂଗଠନ 'କଲ୍ୟାଣ'ର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ଅଧ୍ୟକ୍ଷ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଦର୍ଶକମାନେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ନାରଣଙ୍କ କଣ୍ଠରୁ ସଙ୍ଗୀତ ଶୁଣିବାକୁ ପାଇବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଓ ପ୍ରଜ୍ଞା ହୋତା ଏବଂ ତୃତୀୟ ସନ୍ଧ୍ୟାରେ ସତ୍ୟଜିତ ପ୍ରଧାନ ଓ ଭାଗ୍ୟଶ୍ରୀ ମହାନ୍ତିଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶୀ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯିବ।

## ମୂତୟନ ହେବେ ୬ ପ୍ଲାଟୁନ୍ ପୁଲିସ

କୁମ୍ଭମେଳାରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମେଳା ଓ ଯାତ୍ରାକୁ ସୂଚାରୁରୂପେ ପରିଚାଳନା ପାଇଁ ପୁଲିସ ପକ୍ଷରୁ ୬ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ କରାଯିବ। ଦିନ ୨ଟାରୁ ରାତି ୧୧ଟା ଓ ରାତି ୧୧ଟାରୁ ପରଦିନ ସକାଳ ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ୧୦ଜଣ ପୁଲିସ ଅଧିକାରୀ ନିୟୋଜିତ ହେବେ। ଏଥିସହିତ ୪୦ଟି ସ୍ଥାନରେ ସିସିଟିଭି ଖଞ୍ଜା ହେଲାଣି। ପୁଲିସର ଅସ୍ଥାୟୀ କଣ୍ଟ୍ରୋଲ୍ ରୁମ୍‌ରେ ବସି ଅଧିକାରୀମାନେ ସିସିଟିଭି ମାଧ୍ୟମରେ ମେଳା ଉପରେ ନଜର ରଖିବେ। ଏହାସହିତ ସାଦା ପୋଷାକରେ ମହିଳା ଓ ପୁରୁଷ ପୁଲିସ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ସେମାନେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଫୁଟ୍ ପାଟ୍ରୋଲିଂ କରିବେ। ଏ ନେଇ ସବୁ ଯାତ୍ରା କମିଟି ଓ ଅନନ୍ତ କେଶରୀ ଦେବଙ୍କ ପରିଚାଳନା କମିଟି ସହିତ ଖଣ୍ଡଗିରି ଥାନା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥାର ପରିଚାଳନା ପାଇଁ ଟ୍ରାଫିକ୍ ପୁଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି। ୨୦ଜଣ ଟ୍ରାଫିକ୍ କନେଷ୍ଟବଳ ଓ ଜଣେ ଅଧିକାରୀ ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ରହିବେ। ଏହାକୁ ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରା ତଦାରଖ କରିବେ ବୋଲି ଜଣାପଡ଼ିଛି।

● ଆସିଲା ମାର୍ଗଦର୍ଶିକା; ଅଶ୍ଳୀଳତାକୁ ଦିଆଯିବନି ପ୍ରଶ୍ରୟ

## ଯାତ୍ରା ପେଣ୍ଡାଲ୍‌ରେ ଲାଗିବ ସିସିଟିଭି

**ଭୁବନେଶ୍ୱର, ୧୫।୨(ସମିସ):** ଖଣ୍ଡଗିରି ଯାତ୍ରାକୁ ନେଇ ବିଏମ୍‌ସି ପକ୍ଷରୁ ଜାରି ହୋଇଛି ମାର୍ଗଦର୍ଶିକା। ଏହି ମାର୍ଗଦର୍ଶିକାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଯାତ୍ରରେ କୌଣସି ପ୍ରକାର ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସେହିପରି ନୃତ୍ୟ ଓ ନାଟକ ମାଧ୍ୟମରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଧର୍ମୀୟ ଭାବନା ଯେପରି ପ୍ରଭାବିତ ନହେବ ସେଥିପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମାର୍ଗଦର୍ଶିକାରେ ଶବ୍ଦ ପ୍ରଦୂଷଣ ଉପରେ ମଧ୍ୟ କଟକଣା ଲଗାଯାଇଛି। ଯାତ୍ରାକୁ ନେଇ ପ୍ରଚାର ପ୍ରସାର କରୁଥିବା ଗାଡ଼ି ଉପରେ ଏହି କଟକଣା ଲଗାଯାଇଛି। ପେଣ୍ଡାଲଗୁଡ଼ିକରେ ଅଗ୍ନି କିମ୍ବା ଅନ୍ୟ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ପୂର୍ତ୍ତ ଓ ଅଗ୍ନିଶମ ବିଭାଗରୁ ପ୍ରମାଣପତ୍ର ସଂଗ୍ରହ କରିବାକୁ ଯାତ୍ରା କମିଟିକୁ କୁହାଯାଇଛି। ଯାତ୍ରାକମିଟି ଯଥେଷ୍ଟ ପରିମାଣରେ ଅଗ୍ନି ନିର୍ବାପକ ଯନ୍ତ୍ର ମହଜୁଦ୍ ରଖିବାକୁ କୁହାଯାଇଛି। ଏଥିସହିତ ଯାତ୍ରା ପେଣ୍ଡାଲରେ ସିସିଟିଭି କ୍ୟାମେରା ଲଗାଯିବ। ଯାହାଫଳରେ ଅପରାଧିକ କାର୍ଯ୍ୟକଳାପକୁ ମନିଟର କରାଯିବ। ସେହିପରି ପୁରୁଷ ଓ ମହିଳା ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା ସହିତ ଆବଶ୍ୟକ ପରିମାଣର ଡଷ୍ଟବିନ୍ ରଖିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଦିନ ସକାଳେ ଯାତ୍ରା ଶେଷ ହେବା ପରେ ଯାତ୍ରା ପଡ଼ିଆ ପରିସରରେ ସ୍ୱଚ୍ଛତା ରକ୍ଷା କରିବାକୁ କୁହାଯାଇଛି। ଭିଡ଼ ନିୟନ୍ତ୍ରଣ ସହିତ ଅପ୍ରୀତିକର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ସଂଖ୍ୟକ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ ଯାତ୍ରା କମିଟିକୁ କୁହାଯାଇଛି।




## ଟ୍ରେନ୍ ଧକ୍କାରେ ଯୁବକ ମୃତ

**ଭୁବନେଶ୍ୱର, ୧୫।୨(ସମିସ):** ବାଣୀବିହାର ରେଳ ଷ୍ଟେସନରେ ଟ୍ରେନ୍ ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ସ୍ଥାନୀୟ ବସ୍ତିର ହୋଇଥିବା ଜିଆରପି ସନ୍ଦେହ କରୁଛି। ତେଣୁ ଜିଆରପି ସ୍ଥାନୀୟ ବସ୍ତିରେ ପଚରାଉଚରା କରୁଛି। ଏପରିକି ଯୁବକ ଜଣଙ୍କ ଗାଡ଼ି ମଧ୍ୟ ଟ୍ରେନ୍ ଲାଇନ୍‌ରେ ଭଙ୍ଗାରୁଜା ହୋଇପଡ଼ିଥିବା ଜଣାପଡ଼ିଛି। ପୁଲିସ ସନ୍ଦେହ କରୁଛି ଯେ, ଯୁବକ ଜଣଙ୍କ ନିଶାଗ୍ରସ୍ତ ଅବସ୍ଥାରେ ବାଇକ୍ ଧରି ଟ୍ରେନ୍ ଲାଇନକୁ ପଳାଇ ଆସିଛି। ଯେଉଁଥି ପାଇଁ ଏକ ଦ୍ରୁତଗାମୀ ଟ୍ରେନ୍ ଯୁବକଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଜିଆରପି ଏନେଇ ତଦନ୍ତ କରୁଛି। ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

## ନିସ୍‌ର ରୌପ୍ୟ ଜୟନ୍ତୀର ଶୁଭାରମ୍ଭ




**ଭୁବନେଶ୍ୱର, ୧୫।୨(ସମିସ):** ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀର ଶୁଭ ଉଦ୍‌ଘାଟନ ଉତ୍ସବ ପାଳିତ ହୋଇଯାଇଅଛି। ଉତ୍ସବରେ ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ଡକ୍ଟର ମନୋରଂଜନ ମିଶ୍ର ଓ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ରୌପ୍ୟ ଜୟନ୍ତୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା, ଫୁଲତୋଡ଼ା ପ୍ରତିଯୋଗିତା ଓ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠାନର ସହ ଅତିଥିଙ୍କୁ ପ୍ରତିଷ୍ଠାତା ପ୍ରଫେସର୍ ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ରାଜେଶ ସ୍ୱାଇଁ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧୀକାରୀ ପିତାମ୍ବର ଚୟନୀ ଉପସ୍ଥିତ ଥିଲେ।

## ସ୍ଥପତି ଗୋକୁଳ ଦାସଙ୍କ ପରଲୋକ



**ଭୁବନେଶ୍ୱର, ୧୫।୨(ସମିସ):** ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ସ୍ଥପତି ଗୋକୁଳ ଦାସଙ୍କର ଗୁରୁବାର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଜନ୍ମ ଗ୍ରହଣ କରିଥିଲେ। ମୁମ୍ବାଇସ୍ଥିତ ଜେ ଜେ କଲେଜ ଅଫ୍ ଆର୍କିଟେକଚର୍ ଅଧ୍ୟୟନ କରିଥିଲେ। ଜଣେ ସୁନାମଧନ୍ୟ ସ୍ଥପତି ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ଏଥିପାଇଁ ସେ ଏକାଧିକବାର ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏଥିସହ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍'ରୁ ସେ ଜୀବନବ୍ୟାପୀ ସାଧାନା ସମ୍ମାନ ପାଇଥିଲେ। ୧୯୮୩ ମସିହାରେ 'ଇନ୍ଦିରା ଗାନ୍ଧୀ ରୁରାଲ ହାଉସିଂ ସ୍କିମ୍ ଅଫ୍ ଇଣ୍ଡିଆ'ର କାରୁକାର୍ଯ୍ୟ କରି ସେ ପୁରସ୍କୃତ ହୋଇଥିଲେ। ଏହାସହ ସେ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡର ୧୩ମହଲା ବିଶିଷ୍ଟ କୋଠାର ପ୍ଲାନ୍ କରିଥିଲେ। ସେ ଇଡ୍‌କୋ ସିଜିଏମ୍(ସ୍ଥପତି) ଭାବେ ନୂଆଦିଲ୍ଲୀସ୍ଥିତ ମର୍ଯ୍ୟାଦାସମ୍ପନ୍ନ ପ୍ରକଳ୍ପ ଓଡ଼ିଶା ନିବାସକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିଥିଲେ।

'କଥା'ର ୩୭ତମ ବାର୍ଷିକ ଉତ୍ସବ

## 'ଅସମ୍ଭବକୁ ସମ୍ଭବ କରିବାର ସ୍ୱପ୍ନ ଦେଖନ୍ତି ଯୁବ ପ୍ରତିଭା'




**ଭୁବନେଶ୍ୱର, ୧୫।୨(ସମିସ):** ଗଳ୍ପ ପତ୍ରିକା 'କଥା'ର ୩୭ତମ ବାର୍ଷିକୋତ୍ସବ ଓ ନବପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ ଗୁରୁବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିନେତ୍ରୀ ତଥା ଲେଖିକା ଦିପ୍ତୀ ନଭଲ୍ ଯୋଗଦେଇ ପ୍ରତ୍ୟେକ ଅଭିଭାବକଙ୍କୁ କାହାଣୀ ପଛର ନାୟକ ଭାବେ ଅଭିହିତ କରିଥିଲେ।

ସେ କହିଥିଲେ ଯେ, ଅନେକ ସମୟରେ ଯୁବପ୍ରତିଭାଙ୍କ ଦକ୍ଷତାକୁ ଆମେ ଗୁରୁତ୍ୱ ଦେଇ ନ ଥାଉ। କିନ୍ତୁ ସେମାନେ ସମସ୍ତ ପ୍ରତିବନ୍ଧକକୁ ପାରହେବା ଏବଂ ଅସମ୍ଭବକୁ ସମ୍ଭବ କରିବାର ସ୍ୱପ୍ନ ଦେଖନ୍ତି। ତେଣୁ ଯୁବ ପ୍ରତିଭାମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇ ଆଗକୁ ବଢ଼ିବାରେ ସହଯୋଗ କରିବାକୁ ଅଭିଭାବକ, ଶିକ୍ଷକ ଓ ସେମାନେ ଆଦର୍ଶମାନୁଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଅଭିଭାବକ ହେଉଛନ୍ତି ପ୍ରତ୍ୟେକ କାହାଣୀ ପଛରେ ଥିବା ଅକୀର୍ତ୍ତିତ ନାୟକ। ମୁଖ୍ୟ ବକ୍ତା ଭାବେ କଥାକାର ତରୁଣକାନ୍ତି ମିଶ୍ର ଯୋଗଦେଇ ନବାଗତ ଲେଖକମାନେ ସେମାନଙ୍କ ଚିନ୍ତନ, ଅନ୍ୱେଷଣ, ଅନୁଭବ ଓ ଅଭିବ୍ୟକ୍ତିରେ ଆମକୁ ଅତିକ୍ରମ କରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୋନିକା ନୈୟାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। 'କଥା'ର ସମ୍ପାଦକ ଗୌରହରି ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ 'କଥାଟିଏ'ର ତୃତୀୟ ଭାଗ ଉନ୍ମୋଚିତ ହେବା ସହ 'କଥା ନବପ୍ରତିଭା ପ୍ରତିଯୋଗିତା-୨୦୨୩'ର ୧୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଚିତ୍ତରଞ୍ଜନ ଚିରଞ୍ଜିତ ଧନ୍ୟବାଦ ଅର୍ପଣ କରିଥିଲେ।

## କୟର ବୋର୍ଡ ପକ୍ଷରୁ ରପ୍ତାନି ପରିଚାଳନା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୫।୨(ସମିସ):** ରୋଜଗାର ସୃଷ୍ଟି ଏବଂ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି କୟର ବୋର୍ଡ (ସୁକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରାଳୟ, ଭାରତ ସରକାର) ଭୁବନେଶ୍ୱର ପକ୍ଷରୁ ଏକ ଦୁଇଦିନିଆ ରପ୍ତାନି ପରିଚାଳନା ବିକାଶ କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ଏକ ହୋଟେଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟର କତା ଉଦ୍ୟୋଗୀ ଓ ଉତ୍ପାଦକମାନଙ୍କ ପାଇଁ ସହାୟକ ହେବ। ଏହାସହ କତା ଉତ୍ପାଦ ରପ୍ତାନି ମଧ୍ୟ ବୃଦ୍ଧି ପାଇବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅତିଥିଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ କ୍ଷେତ୍ରୀୟ ଅଧିକାରୀ ବି ସୁନୀଲ କୁମାର, ବିକାଶ ଅଧିକାରୀ (ରପ୍ତାନି) ଜର୍ଜ ଆବ୍ରାହମ୍, ନିର୍ଦ୍ଦେଶକ ଓ ବରିଷ୍ଠ ଅଧ୍ୟାପକ ସିୟୁଏସ୍‌ଏଟି ପ୍ରଫେସର ଏମ୍ ବଂଶୀ ଏବଂ ପ୍ରବନ୍ଧକ, କୟର ବୋର୍ଡ, ଭୁବନେଶ୍ୱରର ଅପରାଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରୁ ୩୫ ଜଣ ଇଚ୍ଛୁକ ପ୍ରାର୍ଥୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରି ଅଂଶଗ୍ରହଣ କରିଥିଲେ।




# ପରିଣତ ବୟସରେ ବାପାଙ୍କୁ ଘରୁ ତଡ଼ିଦେଲା ପୁଅ

**ଭୁବନେଶ୍ୱର, ୧୫।୨(ସମିସ):**

ପୁତ୍ର ସନ୍ତାନଟିଏ ପାଇବାକୁ ବାର ବ୍ରତ ତେର ଓଷା କରିଥିଲେ ବାପା-ମା'। ୨ଝିଅଙ୍କ ପରେ ପୁଅଟିଏ ପାଇଁ ଉଭୟ ଦିଅଁ ଦେବତାଙ୍କୁ ପୂଜା କରି ଉପବାସ କରିଥିଲେ। ସ୍ୱପ୍ନ ଥିଲା ପରିଣତ ବୟସରେ ବାପାର କାନ୍ଧରେ କାନ୍ଧ ମିଶାଇ ପୁଅ କେବଳ ଛିଡ଼ା ହେବନି ବରଂ ଶେଷ ସମୟରେ ସାହାରା ପାଲଟିବ। ଏଥିପାଇଁ ପୁଅ ଜନ୍ମବେଳେ ଖୁସିରେ କେତେ ମିଠା ବାଣ୍ଟିଥିଲେ। ହେଲେ ପୁଅ ଜନ୍ମ ସମୟର ମିଠା ବାଣ୍ଟିବାକୁ ନେଇ ଆଜି ପଶ୍ଚାତାପ କରୁଛି ବୋଲି କହିଛନ୍ତି ଜଣେ ବରିଷ୍ଠ ନାଗରିକ ବାପା। ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ପୁଅ ପାଇଁ ଘରଟିଏ ତିଆରି କଲେ। ଯାହା ଅର୍ଜିତ ଅର୍ଥ ଥିଲା ଘର ତିଆରିରେ ଖର୍ଚ୍ଚ କରି ଭାବିଥିଲେ ପରିଣତ ବୟସରେ ପୁଅ ପାଖରେ ଆଶ୍ରା ନେବେ। ହେଲେ ପାଖରେ ରଖିବା ତ ଦୂର କଥା, ଦୁଇଓଳି ଖାଇବାକୁ ନଦେଇ ଗାଁରୁ ତଡ଼ିଦେଲା ପୁଅ। ଏବେ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି ବୃଦ୍ଧ ବାପା ଦୁଃଖୀଶ୍ୟାମ ସାହୁ। କଥା କହିବା ବି ତାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଏପଟେ ପତ୍ନୀ ପରିଣତ ବୟସରେ ବାବୁଘରେ କାମ କରି ଦୁଇ ପ୍ରାଣୀଙ୍କ ପାଇଁ ଖାଦ୍ୟ ସିନା ଯୋଗାଇ ଦେଉଛନ୍ତି ହେଲେ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ନ ପାରି ଦିନକୁ ଦିନ ଗୁରୁତର ଆଡ଼କୁ ଗତି କରୁଛନ୍ତି ଦୁଃଖୀଶ୍ୟାମ।

### ଚିକିତ୍ସା ପାଇଁ ସରକାରଙ୍କୁ ଗୁହାରିକଲେ ବରିଷ୍ଠ ନାଗରିକ

ଖୋର୍ଦ୍ଧା ଜିଲ୍ଲା ଜରିପଡ଼ା ଗ୍ରାମରେ ଦୁଃଖୀଶ୍ୟାମଙ୍କ ଘର। ଝାଲ୍ ମଟର ବ୍ୟବସାୟ କରି ପରିବାର ଚଳାଉଥିଲେ। ଜୀବନକାଳ ମଧ୍ୟରେ ଯାହା କିଛି ସମ୍ବଳ ଥିଲା ତାହା ଏକମାତ୍ର ପୁଅପାଇଁ ବିକିଭାଙ୍ଗି ସର୍ବସ୍ୱାନ୍ତ ହୋଇଗଲେ। ଏହାପରେ ଅକଥନୀୟ ଅତ୍ୟାଚାର ଦେଲା ପୁଅ। ଫଳରେ ଜୀବନବିକଳରେ ଉଭୟ ପତିପତ୍ନୀ ଭୁବନେଶ୍ୱର ଚାଲିଆସିଲେ। ତମାଣ୍ଡୋରେ ଏକ ଘର ଭଡ଼ା ନେଇ ରହିଲେ। ୪ବର୍ଷ ହେବ ଦୁଃଖୀଶ୍ୟାମ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଏବେ କାମ କରିବାକୁ ଅକ୍ଷମ। ଔଷଧ ଖର୍ଚ୍ଚ ସାଙ୍ଗକୁ ଘରଭଡ଼ା, ଉଭୟଙ୍କ ପେଟପାଟଣା ପାଇଁ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପତ୍ନୀ ସଫେଇ କର୍ମଚାରୀ ଭାବେ କାମ କରୁଛନ୍ତି। ହେଲେ ସେଥିରୁ ମିଳୁଥିବା ସ୍ୱଳ୍ପ ଅର୍ଥରେ ଘରଭଡ଼ା ଦେବା ପରେ ଦୁଇପ୍ରାଣୀଙ୍କ ପାଇଁ ପେଟପୂରା ଖାଦ୍ୟ ବି ହୋଇପାରୁନି। ଏପଟେ ଯନ୍ତ୍ରଣାରେ ଛଟପଟ ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି ଦୁଃଖୀଶ୍ୟାମ। ଏହି ସମୟରେ ପୁଅର ଦେଖା ନାହିଁ। ନିଶ୍ୱାସ ନେବାରେ କଷ୍ଟ ହେଉଥିବାରୁ ଦୁଇପାଦ ଚାଲିବା ବି ତାଙ୍କ ପକ୍ଷେ କଷ୍ଟକର। କଷ୍ଟ ସହି ନପାରି ଦିନରାତି ଆଖିରୁ ଲୁହ ଝରାଉଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁସାରେ, ନିୟମିତ ନେବୁଲାଇଜର ଓ ଅନ୍ୟ ଏକ ମେସିନ୍ ଲଗାଇବାକୁ ହେବ। ଅର୍ଥାଭାବରୁ ଏକ ଘରୋଇ ଚିକିତ୍ସା କେନ୍ଦ୍ରରୁ ଭଡ଼ାରେ ଆଣି ଏହି ଉପକରଣ ଲଗାଯାଉଥିଲେ ବି ଭଡ଼ା ଟଙ୍କା ଦେବାକୁ ସେମାନେ ଅସମର୍ଥ। ମେସିନ୍ କିଣିବାକୁ ୫୦ରୁ ୬୦ ହଜାର ଟଙ୍କାର ଆବଶ୍ୟକ ଥିବାବେଳେ ଏତେ ଟଙ୍କା କେଉଁଠୁ ଆସିବ ବୋଲି ଭାବି ପତ୍ନୀ ମଧ୍ୟ ବିଛଣା ଧରିବାକୁ ଲାଗିଲେଣି। ତେଣୁ ସରକାର ଗରିବ ଓ ଅସହାୟଙ୍କ ସହଯୋଗର ହାତ ବଢ଼ାଉଛନ୍ତି, ଯଦି ଆମକୁ ସାହାଯ୍ୟ କରନ୍ତେ ତେବେ ମୁଁ ଆଉ କିଛିଦିନ ବଞ୍ଚି ଯାଆନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି ଦୁଃଖୀଶ୍ୟାମ। ଯଦି କେହି ତାଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି ତେବେ ମୋବାଇଲ୍ ନମ୍ବର -୯୫୫୬୨୭୪୧୩ରେ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।



## ରଙ୍ଗ କାରଖାନାରେ ଅଗ୍ନିକାଣ୍ଡ, ୭ ମୃତ

ନୂଆଦିଲ୍ଲୀ,୧୫।୨(ଏଜେନ୍ସି): ଦିଲ୍ଲୀର ଆଲିପୁର ଅଞ୍ଚଳରେ ଥିବା ରଙ୍ଗ କାରଖାନାରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।ଘଟଣାସ୍ଥଳରେ ୨୨ଟି ଦମକଳ ବାହିନୀ ପହଞ୍ଚି ପ୍ରାୟ ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଛନ୍ତି। ଏଥିସହିତ କାରଖାନାରେ ଫସି ରହିଥିବା କିଛି ଲୋକଙ୍କୁ ମଧ୍ୟ ଉଦ୍ଧାର କରିଛନ୍ତି ବୋଲି ଅଗ୍ନିଶମ ନିର୍ଦ୍ଦେଶକ ଅତୁଲ ଗର୍ଗ ସୂଚନା ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଅଗ୍ନିକାଣ୍ଡର କାରଣ ଅନୁସନ୍ଧାନ କରୁଛି।ଅପରାହ୍ନ ପ୍ରାୟ ୫ଟା ବେଳେ ଏଚ୍ ବ୍ଲକ ଦୟାଲ ମାର୍କେଟ ଆଲିପୁରରେ ଥିବା ରଙ୍ଗ କାରଖାନାରେ ଅଗ୍ନିକାଣ୍ଡ ଘଟିଥିବା ନେଇ ପୁଲିସକୁ ଖବର ମିଳିଥିଲା। ଅଗ୍ନିକାଣ୍ଡ ଯୋଗୁଁ କାରଖାନା ସମ୍ପୂର୍ଣ୍ଣ ଜଳିଯାଇଛି ।

■ ଅଜିତ ଗୋଷ୍ଠୀ ଅସଲ ଏନ୍‌ସିପି

## ବିଧାୟକଙ୍କ ସଦସ୍ୟତା ରଦ୍ଦକୁ ବାଚସ୍ପତିଙ୍କ ନା

ମୁମ୍ବାଇ,୧୫।୨(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି) ର ଅଜିତ ପାୱାରଙ୍କ ଗୋଷ୍ଠୀକୁ ଅସଲ ଏନସିପି ମାନ୍ୟତା ଦେଇଛନ୍ତି। ଏନସିପିର ଦୁଇ ଗୋଷ୍ଠୀ (ଅଜିତ ପାୱାର) ଏବଂ (ଶରଦ ପାୱାର) ଗୋଷ୍ଠୀ ପରସ୍ପରର ବିଧାୟକମାନଙ୍କୁ ଦଳବଦଳ ଆଇନ ଅନୁଯାୟୀ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ବାଚସ୍ପତିଙ୍କୁ ଦାବି ଜଣାଇଥିଲେ। ବାଚସ୍ପତି ତାଙ୍କ ରୁଲିଂରେ କହିଛନ୍ତି, ରାଜ୍ୟ ବିଧାନସଭାରେ ଶରଦ ପାୱାର ଗୋଷ୍ଠୀ ତୁଳନାରେ ଅଜିତ ଗୋଷ୍ଠୀର ବହୁଅଧିକ ବିଧାୟକ ଅଛନ୍ତି। ତେଣୁ ଅସଲ ଏନସିପି ଭାବେ ଅଜିତ ଗୋଷ୍ଠୀକୁ ମାନ୍ୟତା ଦେବାକୁ ସେ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ରୁଲିଂ ଅନୁଯାୟୀ ଗତବର୍ଷ ଜୁନ୍ ୩୦ରୁ ଜୁଲାଇ ୨ ତାରିଖ ମଧ୍ୟରେ ଅଜିତ ଗୋଷ୍ଠୀ ଯାହା କରିଛନ୍ତି ବା କହିଛନ୍ତି ତାହା ଦଳବଦଳ ନୁହେଁ, ବରଂ ଦଳର ଆନ୍ତଃକନ୍ଦଳ ଥିଲା। ସମ୍ବିଧାନର ୧୦ମ ସିଡ୍ୟୁଲରେ ଦଳବଦଳ କାରଣରୁ ବିଧାୟକ ଅଯୋଗ୍ୟ ଘୋଷିତ ହେବାର ଯେଉଁ ବିଧାନ ରହିଛି ତାହାକୁ ଦଳ ଭିତରେ ବିରୋଧୀ ସ୍ୱର ଚପାଇଦେବାରେ ବ୍ୟବହାର କରାଯାଇନପାରେ। ଏଥିପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଜାତୀୟ ନିର୍ବାଚନ କମିଶନ ଅଜିତ ଗୋଷ୍ଠୀକୁ ଏନସିପିର ନାମ ଓ ଘଡ଼ି ଚିହ୍ନ ଦେଇଛନ୍ତି।





## ମହୁଆ ମୋଇତ୍ରାଙ୍କୁ ଇଡି ସମନ

କୋଲକାତା,୧୫।୨(ଏଜେନ୍ସି): ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରାଙ୍କୁ ଆସନ୍ତା ୧୯ ତାରିଖରେ ହାଜର ହେବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ ଜାରି କରାଯାଇଛି। ମହୁଆ ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଫେମା) ଭାଙ୍ଗିଥିବା ଅଭିଯୋଗ ରହିଛି। ମହୁଆଙ୍କ କେତେକ ବେଆଇନ କାମ ନେଇ ଲୋକପାଳ ଯେଉଁ ଅଭିଯୋଗ ପତ୍ର ପଠାଇଛନ୍ତି ବର୍ତ୍ତମାନ ସିବିଆଇ ତାହାର ତଦନ୍ତ କରୁଛି। ମହୁଆ ଟଙ୍କା ଓ ଉପହାର ନେଇ ଲୋକସଭାରେ ସରକାର ଓ ଗୌତମ ଆଦାନୀଙ୍କୁ ଟାର୍ଗେଟ କରି ପ୍ରଶ୍ନ ପଚାରୁଥିବା ଅଭିଯୋଗରେ ଗତ ଡିସେମ୍ବର ମାସରେ ଲୋକସଭାରୁ ବହିଷ୍କୃତ ହୋଇଛନ୍ତି।



■ ପାକିସ୍ତାନରେ ସରକାର ଗଠନକୁ ନେଇ ଅଙ୍କକଷା

## ଉମର ଆୟୁବଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲା ପିଟିଆଇ

ଇସଲାମାବାଦ,୧୫।୨(ଏଜେନ୍ସି): ପାକିସ୍ତାନରେ ସରକାର ଗଠନ ପାଇଁ ଅଙ୍କକଷା ଚାଲିଛି। ନୱାଜ୍ ସରିଫ ଏବଂ ବିଲାୱଲ ଭୁଟ୍ଟୋଙ୍କ ଦଳ ମେଣ୍ଟ କରି ସରକାର ଗଠନ କରିବାକୁ ଏକପ୍ରକାର ନିଷ୍ପତ୍ତି ହୋଇସାରିଥିଲା ବେଳେ ଇମ୍ରାନ ଖାନଙ୍କ ନେତୃତ୍ୱାଧୀନ ପିଟିଆଇ ଉମର ଆୟୁବଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଗୁରୁବାର ଘୋଷଣା କରିଛି। ନୱାଜ ସରିଫ ତାଙ୍କ ଭାଇ ଶେହବାଜ ସରିଫଙ୍କୁ ପିଏମଏଲ-ଏନ ନେତା ଏବଂ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରିବାର ଦିନକ ପରେ ପିଟିଆଇ ଏଭଳି ଘୋଷଣା କରିଛି। ଇମ୍ରାନ ଏବେ ଜେଲରେ ରହିଥିଲା ବେଳେ ତାଙ୍କ ସମର୍ଥିତ ସର୍ବାଧିକ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଛନ୍ତି। ଏହିକ୍ରମରେ ଇମ୍ରାନ ହିଁ ପ୍ରଧାନମନ୍ତ୍ରୀ ବାଛିବାକୁ ତାଙ୍କ ସମର୍ଥକମାନେ ଜିଦ୍ ଧରିଛନ୍ତି। ସେପଟେ ସେନାର ପରୋକ୍ଷ ସମର୍ଥନରେ ନୱାଜ୍-ବିଲାୱଲ ମେଣ୍ଟ ସରକାର ଗଢିବାକୁ ଅଣ୍ଟା ଭିଡିଥିବାରୁ ଏହାକୁ ପିଟିଆଇ ତୀବ୍ର ବିରୋଧ କରିବାରେ ଲାଗିଛି। ତେଣୁ ଆଗକୁ ପାକିସ୍ତାନରେ ପୁଣି ରାଜନୈତିକ ସଙ୍କଟ ଦେଖାଯିବାର ଆଶଙ୍କାକୁ ଏଡାଇ ଦିଆଯାଇପାରୁନି।



### ନିର୍ବାଚନୀ ବଣ୍ଡକୁ ନେଇ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି

# ରାଜନୈତିକ ଦଳଙ୍କୁ ଶକ୍ତ ଧକ୍କା

ନୂଆଦିଲ୍ଲୀ,୧୫।୨(ଏଜେନ୍ସି)

ନିର୍ବାଚନୀ ବଣ୍ଡକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ପ୍ରକାଶ କରିଥିବା ରାୟ ରାଜନୈତିକ ଦଳଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ଏହି ବଣ୍ଡ ବ୍ୟବସ୍ଥାରେ ରାଜନୈତିକ ଦଳ ଗ୍ରହଣ କରୁଥିବା ଦାନ ବେଆଇନ ଏବଂ ଅସାମ୍ବିଧାନିକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିବା ସହିତ ଏହାକୁ ରଦ୍ଦ କରିଛନ୍ତି।୨୦୨୪ ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ସବୁ ଦଳଙ୍କ ପାଇଁ ଭିନ୍ନ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ବିଶେଷ କରି ଶାସକ ଦଳ ବିଜେପି ପାଇଁ ଏହି ନିଷ୍ପତ୍ତି ବଡ଼ ଧକ୍କା ହେବ ବୋଲି କୁହାଯାଉଛି। କାରଣ ଶାସକ ଦଳ ଭାବେ ବିଜେପି କର୍ପୋରେଟ୍ ହାଉସଗୁଡ଼ିକରୁ ସର୍ବାଧିକ ଗୋପନ ଚାନ୍ଦା ପାଉଥିଲା। ଏଡିଆର ରିପୋର୍ଟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଦଳ ନିର୍ବାଚନୀ ବଣ୍ଡ ସ୍କିମ ଜରିଆରେ ମୋଟ ୧୩୦୦ କୋଟି ଟଙ୍କା ଚାନ୍ଦା ପାଇଥିଲା ବେଳେ କଂଗ୍ରେସ ପାଇଥିଲା ୧୭୧ କୋଟି ଟଙ୍କା। ସେହିପରି ଅନ୍ୟାନ୍ୟ ଦଳଙ୍କୁ ମଧ୍ୟ ଦାନ ଆକାରରେ ଅର୍ଥ ମିଳିଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସବୁ ଦଳଙ୍କ ପାଇଁ ଧକ୍କା ହେବ ବୋଲି ଆକଳନ କରାଯାଉଛି।ଉଲ୍ଲେଖଯୋଗ୍ୟ ଯେ,ରାଜନୈତିକ ଦଳମାନଙ୍କୁ ବିଭିନ୍ନ ସୂତ୍ରରୁ ମିଳୁଥିବା ଚାନ୍ଦା କିମ୍ବା ଦାନକୁ ନେଇ ସ୍ୱଚ୍ଛତା ରକ୍ଷା କରିବାର ଲକ୍ଷ୍ୟ ନେଇ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ପ୍ରଥମେ ୨୦୧୭ କେନ୍ଦ୍ର ବଜେଟରେ ଏ ସମ୍ପର୍କିତ ଏକ ପ୍ରସ୍ତାବ ଆଣିଥିଲେ। ଦଳମାନଙ୍କୁ ମିଳୁଥିବା ଦାନର ଅଧିକାଂଶ ଭାଗ ନଗଦ ଟଙ୍କା ଆକାରରେ ଆସୁଥିବାରୁ ଏଥିରେ ସ୍ୱଚ୍ଛତା ରଖାଯିବା କଷ୍ଟ ଥିଲା। ତେଣୁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଦାନ ଅର୍ଥ ଗ୍ରହଣ କରିବାକୁ ଜେଟଲୀ ପ୍ରସ୍ତାବ ଆଣିଥିଲେ। ଏହାପରେ ୨୦୧୮ ରେ ଆରମ୍ଭ ହୋଇଥିଲା ନିର୍ବାଚନୀ ବା ଇଲେକଟୋରାଲ ବଣ୍ଡ ବ୍ୟବସ୍ଥା। କୌଣସି କମ୍ପାନୀ କିମ୍ବା ବ୍ୟକ୍ତି ରାଜନୈତିକ ଦଳକୁ ଦାନ କରିବାକୁ ଚାହିଁଲେ ସଂପୃକ୍ତ ବ୍ୟକ୍ତି ବିଶେଷ ବା କମ୍ପାନୀ ଏକମାତ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରୁ ବଣ୍ଡ କିଣି ଦାନ କରିପାରିବେ ବୋଲି ବ୍ୟବସ୍ଥା କରାଯାଇଥିଲା। ସେହି ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏସବିଆଇ ମାଧ୍ୟମରେ ସର୍ବାଧିକ ନିର୍ବାଚନୀ ବଣ୍ଡ ବିକ୍ରି ହୋଇଛି। ଯେଉଁମାନେ ଦାନ କରୁଥିଲେ ସେମାନଙ୍କ ତଥ୍ୟ କେବଳ ଏସବିଆଇ ନିକଟରେ ରହୁଥିଲା। ଯଦି କୌଣସି ବଣ୍ଡକୁ ୧୫ ଦିନ ମଧ୍ୟରେ ବିନିମୟ କରାଯାଉ ନଥିଲା ତେବେ ସେହି ବଣ୍ଡ ଅର୍ଥ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଚାଲି ଯାଉଥିଲା। କିନ୍ତୁ ଏଭଳି ବ୍ୟବସ୍ଥାକୁ ବିଭିନ୍ନ ସ୍ତରରେ ବିରୋଧ କରାଯାଇ ଆସୁଥିଲା ବେଳେ ସିପିଆଇ(ଏମ) ସମେତ 'କମନ କଜ୍' ଏବଂ ଏଡିଆର ଭଳି କେତେକ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ




ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏହି ମାମଲାରେ ପକ୍ଷ ରଖି ଦାନ ପାଉଥିବା ରାଜନୈତିକ ଦଳଙ୍କ ସମ୍ପର୍କରେ ପ୍ରତ୍ୟେକ ନାଗରିକ ଜାଣିବାର ଅଧିକାର ରହିଛି ବୋଲି ଯୁକ୍ତି କରିଥିଲେ। ବର୍ତ୍ତମାନ ଦେଶରେ ୨୩ ଲକ୍ଷ ପଞ୍ଜିକୃତ କମ୍ପାନୀ ରହିଥିବା ବେଳେ ନିର୍ବାଚନୀ ବଣ୍ଡ ମାଧ୍ୟମରେ କିଏ କେଉଁ ଦଳକୁ କେତେ ଦାନ ଦେଉଛି ତାହା ଜଣେ ସାଧାରଣ ନାଗରିକ ପକ୍ଷେ ଜାଣିବା ଅସମ୍ଭବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଦାନ ସମ୍ପର୍କରେ ସାର୍ବଜନୀନ ସ୍ତରରେ ପ୍ରକାଶ କରାଯାଉ ନଥିବାରୁ ଏହାର ଫାଇଦା ଅଧିକାଂଶ ଭାବେ ଶାସକ ଦଳ ଉଠାଉଛି। ପରୋକ୍ଷରେ ସରକାର ଦାନ ଦେଇଥିବା କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ରରେ ଆପ୍ୟାୟିତ କରୁଥିବା ପ୍ରଶାନ୍ତ ଯୁକ୍ତି ବାଢିଥିଲେ। ସମସ୍ତ ଯୁକ୍ତି ଶୁଣିବା ପରେ ଭୋଟ ପାଇଁ ରାଜନୈତିକ ଦଳମାନଙ୍କୁ ମିଳୁଥିବା ଦାନ ସମ୍ପର୍କରେ ସୂଚନା ମିଳିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଥିଲେ। ରାଜନୈତିକ ସ୍ତରରେ କରାଯାଉଥିବା ଦାନ ଅର୍ଥରେ କଳାଧନକୁ ରୋକିବା ଲାଗି ସୂଚନା ଅଧିକାରକୁ ବାଦ୍ ଦେବା ଆଦୌ ସମୀଚିନ ନୁହେଁ ବୋଲି ଏ ସମ୍ପର୍କିତ ମାମଲାର ବିଚାର କରୁଥିବା ଖଣ୍ଡପୀଠ କହିଥିଲେ। ଏହିକ୍ରମରେ ସଂପୃକ୍ତ ଖଣ୍ଡପୀଠ ନିର୍ବାଚନୀ ବଣ୍ଡ ସ୍କିମ ସମ୍ପର୍କିତ ବିଭିନ୍ନ ଆଇନରେ ବିଶେଷ କରି ଜନ ପ୍ରତିନିଧିତ୍ୱ ଆଇନ, କମ୍ପାନୀ ଆଇନ ଓ ଆୟକର ଆଇନରେ ଅଣାଯାଇଥିବା କେତେକ ସଂଶୋଧନକୁ ଅସିଦ୍ଧ କରିଛନ୍ତି। ୨୦୧୮ ରେ ଆରମ୍ଭ ହୋଇଥିବା ଏହି ସ୍କିମରେ ୨୦୧୯ ଏପ୍ରିଲ୍ ୧୨ ତାରିଖ ପରଠାରୁ କେଉଁ କର୍ପୋରେଟ୍ ହାଉସ କେତେ ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛନ୍ତି, କେଉଁ ଦଳ କାହାଠାରୁ ଏହି ସ୍କିମରେ କେତେ ଚାନ୍ଦା ପାଇଛନ୍ତି ତାହା ନିର୍ବାଚନ କମିସନଙ୍କୁ ଜଣାଇବା ପାଇଁ ଖଣ୍ଡପୀଠ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜନୈତିକ ଦଳଙ୍କୁ ଚାନ୍ଦା ଦେବାକୁ ଇଚ୍ଛୁକ କମ୍ପାନୀ, କର୍ପୋରେଟ୍ ହାଉସଗୁଡ଼ିକ ଏସବିଆଇରୁ ନିର୍ବାଚନୀ ବଣ୍ଡ କ୍ରୟ କରୁଥିବା ବେଳେ ଏଣିକି ଆଉ କାହାରିକୁ ଏହି ବଣ୍ଡ ଇସ୍ୟୁ ନ କରିବାକୁ ଏସବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବଣ୍ଡ ବିକ୍ରି ହୋଇଛି ଅଥଚ ଭଙ୍ଗାଯାଇନାହିଁ ସେଗୁଡ଼ିକୁ କ୍ରେତାଙ୍କୁ ଫେରାଇ ଦେବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ସୁଦ୍ଧା ୧୬୦୦୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ବିକ୍ରି ହୋଇଛି। ୨୦୨୪ ଜାନୁଆରୀ ୨ରୁ ୧୧ ତାରିଖ ମଧ୍ୟରେ ୫୭୧ କୋଟି ୮୦ଲକ୍ଷ ଟଙ୍କା ମୂଲ୍ୟର ମୋଟ ୮୯୭ଟି ଇଲେକ୍ଟୋରାଲ ବଣ୍ଡ ବିକ୍ରି ହୋଇଥିବା ଏସବିଆଇ ସୂତ୍ରରୁ ଜଣାପଡ଼ିଛି। କର୍ପୋରେଟ୍ ଦାତା, କମ୍ପାନୀ ଫାଇଦା ପାଇବା ଉଦ୍ଦେଶ୍ୟରେ ହିଁ କିଛି ଦାନ ବା ଚାନ୍ଦା ଦେଇଥାନ୍ତି। ଏହାକୁ 'ଦିଅ ଓ ନିଅ' ବା 'କ୍ୱିଡ ପ୍ରୋ କ୍ୱୋ' ବୋଲି ବିଚାର କରାଯାଇଥାଏ।ତେଣୁ ଏକ୍ଷେତ୍ରରେ ଦାନ ଦେଇ ପ୍ରତିବଦଳରେ ସେତିକି କିମ୍ବା ତାହାଠାରୁ ଅଧିକ ଫାଇଦା ଉଠାଇବାକୁ ଇଚ୍ଛୁକ ଅଜଣା ଦାତାଙ୍କ ପରିଚୟ ସାର୍ବଜନୀନ ହେବା ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଛି।

### କେବେ ଆରମ୍ଭ ହୋଇଥିଲା ନିର୍ବାଚନୀ ବଣ୍ଡ ବ୍ୟବସ୍ଥା

୨ ଜାନୁଆରୀ ୨୦୧୮ ରେ କେନ୍ଦ୍ର ସରକାର ଏହି ନିର୍ବାଚନୀ ବଣ୍ଡ ସ୍କିମ୍ ଆଣିଥିଲେ। ଏହି ବଣ୍ଡ ହେଉଛି ' ପ୍ରମିଜାରୀ ନୋଟ ଓ ବିୟରର ବଣ୍ଡ' ଭଳି ଏକ ପ୍ରକାରର ବିତ୍ତୀୟ ସଂସାଧନ। ଯାହାକୁ ଯେକେହି ବ୍ୟକ୍ତି, ଅନୁଷ୍ଠାନ, ପ୍ରତିଷ୍ଠାନ, କମ୍ପାନୀ ଓ କର୍ପୋରେଟ୍ ହାଉସଗୁଡ଼ିକ ଇସ୍ୟୁଇଂ ବ୍ୟାଙ୍କରୁ କିଣିପାରିବେ। ଏହି ବଣ୍ଡ କିଣିବା ବ୍ୟକ୍ତି ଭାରତୀୟ ନାଗରିକ ହୋଇଥିବା ଦରକାର। ପୁଣି ଯେଉଁ ଅନୁଷ୍ଠାନ, ପ୍ରତିଷ୍ଠାନ, କମ୍ପାନୀ ଓ କର୍ପୋରେଟ୍ ହାଉସଗୁଡ଼ିକ ଏହି ବଣ୍ଡ କିଣିବେ ସେଗୁଡ଼ିକ ଭାରତରେ ପଞ୍ଜିକୃତ, ପରିଚାଳିତ ହେଉଥିବା ଦରକାର। ସ୍କିମ୍ ଅଣାଯିବା ବେଳେ କୁହାଯାଇଥିଲା ଯେ ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଆକାରରେ ନଗଦ ରାଶି ନନେଇ ନିର୍ବାଚନୀ ବଣ୍ଡ ସ୍କିମ୍ ଜରିଆରେ ପାଣ୍ଠି ସଂଗ୍ରହ କଲେ ସେଥିରେ ସ୍ୱଚ୍ଛତା ରହିବ ଓ ରାଜନୀତିରେ କଳାଧନର ବ୍ୟବହାର, ପ୍ରୟୋଗ ଓ ପ୍ରାଦୁର୍ଭାବ କମିବ। ଜନ ପ୍ରତିନିଧିତ୍ୱ ଆଇନ ୧୯୫୧ର ଧାରା ୨୯(ଏ) ଅନୁଯାୟୀ ପଞ୍ଜିକୃତ ହୋଇଥିବା ରାଜନୈତିକ ଦଳଗୁଡ଼ିକ ଯଦି ପୂର୍ବ ଲୋକସଭା ବା ବିଧାନସଭା ନିର୍ବାଚନରେ ପଡ଼ିଥିବା ମୋଟ ଭୋଟ୍‌ର ଅତିକମରେ ୧ ପ୍ରତିଶତ ଭୋଟ ପାଇଥିବେ ତେବେ ସେହି ଦଳଗୁଡ଼ିକ ନିର୍ବାଚନୀ ବଣ୍ଡ ସ୍କିମ ଜରିଆରେ ଚାନ୍ଦା ସଂଗ୍ରହ କରିପାରିବେ ବୋଲି ଏହି ସ୍କିମରେ ବ୍ୟବସ୍ଥା ଥିଲା। ତେବେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାୟର ହୋଇଥିବା କେତେକ ପିଟିସନର ବିଚାର କରି ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୨୦୨୩ ନଭେମ୍ବର ୨ ତାରିଖରେ ଶୁଣାଣୀ ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଯାହାର ରାୟ ଗୁରୁବାର ପ୍ରକାଶ ପାଇଛି। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି ଯେ ରାଜନୈତିକ ପୁଞ୍ଜି ସଂଗ୍ରହରେ ସ୍ୱଚ୍ଛତା, ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳଗୁଡ଼ିକୁ ସମାନ ସୁବିଧା ସୁଯୋଗ ଯେପରି ମିଳେ ତାହା ସୁନିଶ୍ଚିତ କରାଯିବା ନିମନ୍ତେ ନିର୍ବାଚନୀ ବଣ୍ଡ ସ୍କିମକୁ ରଦ୍ଦ କରାଯିବାର ଯଥେଷ୍ଟ ଆବଶ୍ୟକତା ଥିଲା।

■ ଇଣ୍ଡିଆ ମେଣ୍ଟକୁ ଝଟ୍‌କା ପରେ ଝଟକା

## ଏକାକୀ ଲଢ଼ିବ ନ୍ୟାସନାଲ କନଫରେନ୍ସ

ଶ୍ରୀନଗର,୧୫।୨(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଇଣ୍ଡିଆ ମେଣ୍ଟର ସ୍ଥିତି ସେତିକି ବେହାଲ ହେବାରେ ଲାଗିଛି। ଆଗାମୀ ନିର୍ବାଚନରେ କେନ୍ଦ୍ରରୁ ବିଜେପି ସରକାରକୁ ହଟାଇବା ଲାଗି ୨୮ଟି ଦଳଙ୍କୁ ନେଇ ଗଠନ ହୋଇଥିବା ଏହି ମେଣ୍ଟରୁ ଗୋଟିଏ ପରେ ଗୋଟିଏ ଦଳ ମୋହ ତୁଟାଇବାରେ ଲାଗିଛନ୍ତି। ପୂର୍ବରୁ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ, ଆପ୍ ନେତା ଅରିବନ୍ଦ କେଜ୍ରିୱାଲ ଏବଂ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବଙ୍କ ଭଳି ବହୁ ପ୍ରମୁଖ ନେତା ଇଣ୍ଡିଆ ମେଣ୍ଟ ଆଭିମୁଖ୍ୟରୁ ଓହରିଯାଇଥିଲା ବେଳେ ଏହି ମେଣ୍ଟକୁ ସଂଗଠିତ କରିଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ଏନ୍‌ଡିଏରେ ଯୋଗ ଦେବା ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ନୀତୀଶଙ୍କ ଏଭଳି ପଦକ୍ଷେପ ଇଣ୍ଡିଆ ମେଣ୍ଟକୁ ଏକପ୍ରକାର ଧରାଶାୟୀ କରିଦେଇଥିଲା। କିନ୍ତୁ ଏତିକିରେ ବି କଥା ଶେଷ ହୋଇନାହିଁ। ବାକି ଦଳ ମଧ୍ୟ ଏହି ମେଣ୍ଟରୁ ଓହରିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏହି ମେଣ୍ଟର ଅନ୍ୟତମ ସଦସ୍ୟ ରହିଥିବା ଫାରୁକ ଅବଦୁଲ୍ଲାଙ୍କ ନ୍ୟାସ୍‌ନାଲ କନଫେରନ୍ସ(ଏନ୍‌ସି) ମଧ୍ୟ ଏକାକୀ ଲଢ଼ିବାକୁ ଘୋଷଣା କରିଛି।



ଏନ୍‌ଡିଏରେ ସାମିଲ ନେଇ ସଙ୍କେତ

ଗୁରୁବାର ଦଳୀୟ ପ୍ରମୁଖ ଫାରୁକ ଅବଦୁଲ୍ଲା ଏ ସମ୍ପର୍କରେ ଘୋଷଣା କରି ଜାମ୍ମୁ-କାଶ୍ମୀରରେ ଏନସି ନିଜ ଦମ୍‌ରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି। ତାଙ୍କ ଦଳ କୌଣସି ମେଣ୍ଟରେ ଯୋଗ ଦେବ ନାହିଁ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ ,ଭବିଷ୍ୟତରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ମଧ୍ୟ ତାଙ୍କ ଦଳ ସାମିଲ ହୋଇପାରେ ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ଅଟଳବିହାରୀଙ୍କ ସମୟରେ ତାଙ୍କ ଦଳ ଏନ୍‌ଡିଏରେ ସାମିଲ ଥିଲା। ତାଙ୍କର ଏଭଳି ବୟାନ ଏନ୍‌ଡିଏରେ ସାମିଲ ହେବାର ସଂକେତ ବହନ କରୁଛି। ଉଲ୍ଲେଖଯୋଗ୍ୟ ଯେ,ଜମ୍ମୁ-କାଶ୍ମୀରରେ ତିନି ତିନିଥର ମୁଖ୍ୟମନ୍ତ୍ରୀ ହୋଇଥିବା ଫାରୁକ ଅବଦୁଲ୍ଲା ଇଣ୍ଡିଆ ମେଣ୍ଟର ଦୃଢ଼ ସମର୍ଥକ ଥିଲେ। ସେ ମେଣ୍ଟର ସମସ୍ତ ବୈଠକରେ ସାମିଲ ହୋଇ ବିଜେପି ସରକାରକୁ କଡ଼ା ବିରୋଧ କରି ଆସିଥିଲେ। କିନ୍ତୁ ଅଚାନକ ଭାବେ ତାଙ୍କ ସ୍ୱର କାହିଁକି ବଦଳିଗଲା ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଅର୍ଥ ହେରଫେର ମାମଲାରେ ଫାରୁକଙ୍କୁ ନିକଟରେ ଇଡି ପକ୍ଷରୁ ସମନ କରାଯାଇଥିବାରୁ ସେ ଭୟଭୀତ ହୋଇ ଏନଡିଏ ଆଡକୁ ଢଳିଥିବା କୁହାଯାଉଛି।

### ୭ କେନ୍ଦ୍ରମନ୍ତ୍ରୀଙ୍କୁ ମିଳିଲାନି ରାଜ୍ୟସଭା ଟିକଟ୍

## ଲୋକସଭା ଲଢ଼ିବାକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୫।୨(ଏଜେନ୍ସି)

ଆସନ୍ତା ୨୭ ତାରିଖରେ ରାଜ୍ୟସଭା ପାଇଁ ନିର୍ବାଚନ ହେବାକୁ ରହିଥିବା ବେଳେ ଗୁରୁବାର ନାମାଙ୍କନ ଦାଖଲ ଅବଧି ଶେଷ ହୋଇଛି। ଏହାପୂର୍ବରୁ ବିଭିନ୍ନ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିବା ସହିତ ସେମାନେ ନାମାଙ୍କନ ଦାଖଲ କରିସାରିଛନ୍ତି। ଏପ୍ରିଲ ସୁଦ୍ଧା ରାଜ୍ୟସଭାର ୫୬ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ବେଳେ ଏଥିମଧ୍ୟରୁ କେବଳ ବିଜେପିର ୨୮ ସାଂସଦ ରହିଛନ୍ତି। ଯେଉଁମାନଙ୍କ ଅନେକ ସାଂସଦ କେନ୍ଦ୍ରରେ ମନ୍ତ୍ରୀ ରହିଛନ୍ତି। କିନ୍ତୁ ବିଜେପି କେବଳ ୪ ସାଂସଦଙ୍କୁ ବାଦ୍ ଦେଇ ଅନ୍ୟ ୭ ଜଣଙ୍କୁ ରାଜ୍ୟସଭା ପାଇଁ ପ୍ରାର୍ଥୀ କରି ନାହିଁ। ବିଜେପି ରାଜ୍ୟସଭା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମତ୍ସ୍ୟ ବିଭାଗ ମନ୍ତ୍ରୀ ଏଲ ମୁରୁଗାନ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଏବଂ ଦଳୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀଙ୍କୁ ଟିକଟ ଦେଇଛି। ହେଲେ କେନ୍ଦ୍ରରେ ମନ୍ତ୍ରୀ ରହିଥିବା ଧର୍ମେନ୍ଦ୍ର ପ୍ରଧାନ, ମନସୁଖ ମାଣ୍ଡଭିୟ, ଭୁପେନ୍ଦର ଯାଦବ, ପୁରୁଷୋତ୍ତମ ରୁପାଲା, ନାରାୟଣ ରାଣେ , ଭି ମୁରଲିଧରନ ଏବଂ ରାଜୀବ ଚନ୍ଦ୍ରଶେଖରଙ୍କ ଭଳି ନେତାଙ୍କୁ ଟିକଟ୍ ଦେଇ ନାହିଁ। ତେଣୁ ଏହି ନେତାମାନେ ଏବେ ଲୋକସଭା ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି।




ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡକର, ସୁଶୀଲ ମୋଦୀ ଏବଂ ଅନିଲ ବଲୁନୀଙ୍କ ନାଁ ମଧ୍ୟ ସୂଚୀରେ ନାହିଁ । ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ଗୁଜରାଟ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା, ଆଇଟି ରାଷ୍ଟ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କୁ ବେଙ୍ଗାଲୁରୁରୁ ଲୋକସଭା ପାଇଁ ମଇଦାନକୁ ଓହ୍ଲାଯାଇପାରେ ବୋଲି ଚର୍ଚ୍ଚା ହେଉଛି।

### ରାଏବରେଲି ବାସିନ୍ଦାଙ୍କୁ ସୋନିଆଙ୍କ ଆବେଗପୂର୍ଣ୍ଣ ଚିଠି

# 'ଆପଣମାନଙ୍କ ବିନା ମୋ ପରିବାର ଅଧୁରା'

ନୂଆଦିଲ୍ଲୀ,୧୫।୨(ଏଜେନ୍ସି)

'ମୋ ପରିବାରକୁ ସମ୍ଭାଳିବେ। ଆପଣମାନେ ମୋର ଏବଂ ମୋ ପରିବାରର। ତେଣୁ ଯେକୌଣସି ସ୍ଥିତିରେ ଏବଂ ପ୍ରତି ଅସୁବିଧାରେ ମଧ୍ୟ ଯତ୍ନ ନେବେ। ଆପଣମାନଙ୍କ ବିନା ମୋ ପରିବାର ଅଧୁରା'। ଏଭଳି କିଛି ଶବ୍ଦାବଳୀକୁ ନେଇ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅତ୍ୟନ୍ତ ଭାବାବେଗ ଭାବେ ତାଙ୍କ ନିର୍ବାଚନ ମଣ୍ଡଳୀ ରାଏବରେଲି ଭୋଟର୍‌ଙ୍କ ପାଇଁ ଚିଠି ଲେଖିଛନ୍ତି। ଗୋଟିଏ ପକ୍ଷରେ ସୋନିଆଙ୍କ ସ୍ୱାସ୍ଥ୍ୟ ବେଳକୁ ବେଳ ଅବନତି ଘଟୁଥିବା ବେଳେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରିଯାଇଛନ୍ତି। ସେ ରାଜସ୍ଥାନରୁ ରାଜ୍ୟସଭା ଯିବା ପାଇଁ ନାମାଙ୍କନ ଦାଖଲ କରିବା ପରେ ଏହି ବିଷୟ ସ୍ପଷ୍ଟ ହୋଇଯାଇଛି। ୧୯୯୯ରେ ପ୍ରଥମଥର ପାଇଁ ସେ ଲୋକସଭା ସାଂସଦ ଭାବେ ବିଜୟୀ ହେବା ପରେ ବହୁବାର ସାଂସଦ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଗାନ୍ଧୀ ପରିବାରର ଦ୍ୱିତୀୟ ବ୍ୟକ୍ତି ଭାବେ ସେ ଏଥରକ ରାଜ୍ୟସଭା ପାଇଁ



ନାମାଙ୍କନ ଦାଖଲ କରିଛନ୍ତି। ଏହାପୂର୍ବରୁ କେବଳ ଇନ୍ଦିରା ଗାନ୍ଧୀ ୧୯୬୪ ରୁ ୧୯୬୭ ଯାଏଁ ରାଜ୍ୟସଭା ସାଂସଦ ଥିଲେ। ସୋନିଆ ରାଜ୍ୟସଭା ଯାଉଥିବାରୁ ରାଏବରେଲି ସହ ତାଙ୍କର ୨୦ ବର୍ଷର ପୁରୁଣା ସମ୍ପର୍କ ମଧ୍ୟ ଭାଙ୍ଗିବାକୁ ଯାଉଛି। ଏହାକୁ ନେଇ ସେ ଭାବୁକ ହୋଇପଡିଛନ୍ତି। ଏଥିପାଇଁ ସେ ରାଏବରେଲିର ଭୋଟର୍‌ଙ୍କ ପାଇଁ ଏଭଳି ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦର୍ଶାଇ ସେ ଆଗାମୀ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୋନିଆ ଘୋଷଣା କରିଛନ୍ତି। ସେ କହିଛନ୍ତି, 'ଏହି ନିଷ୍ପତ୍ତି ପରେ ମୁଁ ଆପଣଙ୍କୁ ସିଧାସଳଖ ସେବା କରିବାର ସୁଯୋଗ ପାଇବି ନାହିଁ, କିନ୍ତୁ ନିଶ୍ଚିତ ଭାବରେ ମୋର ହୃଦୟ ଏବଂ ଆତ୍ମା ସର୍ବଦା ଆପଣମାନଙ୍କ ସହିତ ରହିବ।' ସେ ଆହୁରି କହିଛନ୍ତି, ମୋ ପରିବାର ଦିଲ୍ଲୀରେ ଅସମ୍ପୂର୍ଣ୍ଣ । ରାଏବରେଲିବାସୀଙ୍କୁ ଭେଟିବା ଦ୍ୱାରା ଏହା ସମ୍ପୂର୍ଣ୍ଣ ହୁଏ। ଏହି ଘନିଷ୍ଠ ସମ୍ପର୍କ ବହୁତ ପୁରୁଣା। ମୋ ଶାଶୁ ଘରଠାରୁ ମୋତେ ଏହି ସୌଭାଗ୍ୟ ମିଳିଛି। ରାଏବରେଲି ସହ ଆମ ପରିବାରର ସମ୍ପର୍କର ବେଶ୍ ଗଭୀର ବୋଲି ସୋନିଆ କହିଛନ୍ତି।

ସ୍ୱାଧୀନତା ପରେ ପ୍ରଥମ ଲୋକ ସଭା ନିର୍ବଚନରେ ଆପଣମାନେ ମୋ ଶ୍ୱଶୁରୁ ଫିରୋଜ ଗାନ୍ଧି ଜୀଙ୍କୁ ଏଠାରୁ ଜିତାଇ ଦିଲ୍ଲୀ ପଠାଇଥିଲେ। ପରେ ମୋ ଶାଶୁ ଇନ୍ଦିରା ଗାନ୍ଧି ଜୀଙ୍କୁ ମଧ୍ୟ ଜିତାଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଏହି ଧାରା ଲାଗି ରହିଛି। ଏହାସହିତ ଆପଣମାନଙ୍କ ସହ ସମ୍ପର୍କ ଅଧିକ ଦୃଢୀଭୂତ ହୋଇଛି।ମୋ ଶାଶୁ ଏବଂ ମୋ ସ୍ୱାମୀଙ୍କୁ ହରାଇବା ପରେ ମୁଁ ଆପଣମାନଙ୍କ ପାଖକୁ ଆସିଥିଲି। ଆଉ ଆପଣମାନେ ମୋତେ ଯଥେଷ୍ଟ ଶ୍ରଦ୍ଧା ଏବଂ ସମ୍ମାନ ଦେଇଥିଲେ। ତେଣୁ ଆପଣମାନଙ୍କ ବିନା ଆମ ପରିବାର ଅଧୁରା ବୋଲି ସୋନିଆ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସୋନିଆଙ୍କ ଏଭଳି ଚିଠିକୁ ନେଇ ରାଏବରେଲିବାସୀ ମଧ୍ୟ ବେଶ ଭାବବିହ୍ୱଳ ହୋଇପଡ଼ିଛନ୍ତି।

■ ଟିଏମସିକୁ ଧକ୍କା

## ଇସ୍ତଫା ଦେଲେ ସାଂସଦ ମିମି ଚକ୍ରବର୍ତ୍ତୀ

କୋଲକାତା,୧୫।୨(ଏଜେନ୍ସି): ତୃଣମୂଳ କଂଗ୍ରେସ ସାଂସଦ ମିମି ଚକ୍ରବର୍ତ୍ତୀ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ନିକଟକୁ ସେ ନିଜ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ମିମି ଏବେ ରାଜନୀତି ଅପେକ୍ଷା ଅଭିନୟକୁ ଗୁରୁତ୍ୱ ଦେଉଥିବାରୁ ସେ ଇସ୍ତଫା ଦେଇଥିବା କହିଥିଲେ ହେଁ ଟିଏମ୍‌ସିର ସ୍ଥାନୀୟ ନେତୃତ୍ୱକୁ ନେଇ ସେ ଖୁସି ନଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। କିନ୍ତୁ ତାଙ୍କର ଇସ୍ତଫା ଦଳ ପାଇଁ ଏକପ୍ରକାର ଧକ୍କା ସଦୃଶ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ଲୋକସଭା ନିର୍ବାଚନରେ ମିମି ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗର ଯାଦବପୁର ଆସନରୁ ବିଜୟୀ ହୋଇଥିଲେ। ମିମି ଚକ୍ରବର୍ତ୍ତୀ ଜଣେ ଅଭିନେତ୍ରୀ ଭାବେ ବଙ୍ଗଳା ଚଳଚ୍ଚିତ୍ର ଜଗତରେ ବେଶ ଜଣାଶୁଣା ଚେହେରା।



# ଆଜିଠୁ +୨ ପରୀକ୍ଷା

**ଭୁବନେଶ୍ୱର,୧୫ ।୨(ସମିସ):** ଶୁକ୍ରବାରଠାରୁ ଆରମ୍ଭ ହେବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ +୨ ପରୀକ୍ଷା । ଏଥିପାଇଁ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି । ପରୀକ୍ଷା ହଲ୍ ସମେତ ପ୍ରଶ୍ନପତ୍ର ଥିବା ହବ୍ରୁ ସିସିଟିଭିର ଲାଇଭ୍ ଷ୍ଟ୍ରିମିଂ ହେବ । ଏହାକୁ ଦେଖି ପରୀକ୍ଷା ପରିଚାଳନା କରିବା ପାଇଁ ପରିଷଦ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ସେଠାରୁ ପରୀକ୍ଷାକୁ ନିରୀକ୍ଷଣ କରିବା ସହ ଆବଶ୍ୟକସ୍ଥଳେ ନିର୍ଦ୍ଦେଶ ଦେବାର ବ୍ୟବସ୍ଥା କରାଯାଇଛି ।

- କଡ଼ାକଡ଼ି ଯାଞ୍ଚ କରିବେ ତ୍ରିସ୍ତରୀୟ ସ୍କ୍ୱାଡ୍
- ସିସିଟିଭି ନଜରରେ ପରୀକ୍ଷାର୍ଥୀ
- କଣ୍ଟ୍ରୋଲ ରୁମ୍ରୁ ହେବ ପରୀକ୍ଷା କେନ୍ଦ୍ର ଓ ହବ୍ ନିରୀକ୍ଷଣ
- ପରୀକ୍ଷା ଦେବେ ୩, ୮୬, ୨୫୦ ଛାତ୍ରଛାତ୍ରୀ

ସୂଚନା ଅନୁଯାୟୀ, ସକାଳ ସାଢ଼େ ୧୦ଟାରେ ପରୀକ୍ଷା ଆରମ୍ଭ ହେବ । ପରୀକ୍ଷା ଆରମ୍ଭ ହେବାର ଅଧଘଣ୍ଟା ପୂର୍ବରୁ ପହଞ୍ଚିବାକୁ ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି । ୧୫ ମିନିଟ୍ ପୂର୍ବରୁ ହଲ୍ରେ ପ୍ରବେଶ କରିବେ ଓ ୧୦ ମିନିଟ୍ ପୂର୍ବରୁ ଉତ୍ତରଖାତା ଓ ୫ ମିନିଟ୍ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନପତ୍ର ଦିଆଯିବ । ପ୍ରଶ୍ନପତ୍ରରେ ରୋଲ୍ ନମ୍ବର ବ୍ୟତୀତ ଦାଗ ମଧ୍ୟ ଲଗାଇବାକୁ ବାରଣ କରାଯାଇଛି । ଅନ୍ୟଥା ମାଲ୍ପ୍ରାକ୍ଟିସ୍(ଏମପି) ହୋଇଯିବେ ବୋଲି ଦର୍ଶାଯାଇଛି । ପରୀକ୍ଷାର୍ଥୀଙ୍କୁ ଉତ୍ତର ଖାତା ବ୍ୟତୀତ ଆଡିସନାଲ୍ ସିଟ୍ ଦିଆଯିବ ନାହିଁ । ଲେଖିବା ପାଇଁ କଳା ବଲ୍ ପେନ୍ ଏବଂ ଆଡମିଟ୍ କାର୍ଡ ବ୍ୟତୀତ ଅନ୍ୟ କିଛି ନନେବାକୁ ପରିଷଦ ପକ୍ଷରୁ କୁହାଯାଇଛି । ସେହିପରି ଭିନ୍ନକ୍ଷମ ପିଲାଙ୍କ ପାଇଁ ଅଧିକ ୧ଘଣ୍ଟା ସମୟ ରହିଛି ।

ଚଳିତ ବର୍ଷ ୩ଲକ୍ଷ ୮୬ ହଜାର ୨୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ତନ୍ମଧ୍ୟରେ ୩ ଲକ୍ଷ ୬୦ ହଜାର ୧୯୮ ଜଣ ରେଗୁଲାର ଏବଂ ୨୬ ହଜାର ୫୨ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି । ଲିଙ୍ଗ ଅନୁପାତରେ ସର୍ବାଧିକ ଛାତ୍ରୀ ଚଳିତଥର ପରୀକ୍ଷା ଦେଉଛନ୍ତି । ସମୁଦାୟ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୧ ଲକ୍ଷ ୮୬ ହଜାର ୮୮୯ ରହିଛି । କଳା ବିଭାଗରେ ୨ ଲକ୍ଷ ୩୭ ହଜାର ୭୫୦ଜଣ ପରୀକ୍ଷାର୍ଥୀ ଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଜଣ ଓ ଧନ୍ଦାମୂଳକରେ ୫ହଜାର ୭୯୧ଜଣ ପରୀକ୍ଷାର୍ଥୀ ରହିଛନ୍ତି । ଏହି ପରୀକ୍ଷା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ ଅର୍ଥାତ ଶୁକ୍ରବାର ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେବେ । ପ୍ରତ୍ୟେକ ଦିନ ଗୋଟିଏ ବିଷୟ ପରୀକ୍ଷା ହେବ । ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଥିବା ମାଟ୍ରିକ ପରୀକ୍ଷା ସୂଚୀକୁ ଦେଖି +୨ ପରୀକ୍ଷା କରାଯାଇଛି । ଗୋଟିଏ ଦିନ ଦଶମ ଓ +୨ ପରୀକ୍ଷା ରହିବ ନାହିଁ । ପୂର୍ବପରି ସମସ୍ତ ପ୍ରସ୍ତୁତି କରିବା ସହ ସମୀକ୍ଷା ମଧ୍ୟ କରାଯାଇଛି । ଏଣୁ ପ୍ରଶ୍ନପତ୍ର ବିଭ୍ରାଟ ହେବ ନାହିଁ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ।

# ଗଛରେ ପିଟି ହେଲା ଗାଡ଼ି; ୨ ମୃତ

**କେନ୍ଦୁଝର/ଘଟଗାଁ,୧୫ ।୨(ସମିସ):** ଘଟଗାଁ ନିକଟସ୍ଥ ନାକଝରି ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟାଟା ଏସି ଗାଡ଼ି ଗଛକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଯାଇଛି । ଏଥିରେ ୬ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି । ଗାଡ଼ିଟି କାଳିମାଟି ଡ୍ୟାମରେ ଭୋଜି ସାରି ଫେରୁଥିବା ବେଳେ ଚାଳକ ଭରସାମ୍ୟ ହରାଇବାରୁ ଏହି ଅଘଟଣ ଘଟିଥିଲା । ମୃତକଦ୍ୱୟ ହେଲେ, ଘଟଗାଁ ଥାନା ଅନ୍ତର୍ଗତ ବୀଣାଝରି ଗ୍ରାମର ଅଭିମନ୍ୟୁ ପାତ୍ର (୫୫) ଏବଂ ଘଟଗାଁ ଥାନା ଅନ୍ତର୍ଗତ ଉପରଡିହା ଗ୍ରାମର ଶମଦ ଖାଁ (୪୦) । ଗୁରୁତରମାନେ ହେଲେ, ଭଦ୍ରକର ରଞ୍ଜନ ନାଥ, ବଉଳା ଅନ୍ତର୍ଗତ ଶଙ୍ଖୁଳା ଗ୍ରାମର ରାହୁଲ ନାଏକ (୧୮) । ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁକୁନ୍ଦପୁରପାଟଣାର ରୁଦ୍ର ନାଏକ (୧୮), ତୀର୍ଥ ପଲେଇ(୩୫), ରଞ୍ଜନ ପଲେଇ (୨୭), ଝାଡ଼ଖଣ୍ଡର ଟିଙ୍କୁ କୁମାର ଚିକିତ୍ସିତ ହେଉଛନ୍ତି । ଗାଡ଼ି ଚାଳକ ସୁଦାମ ଚରଣ ଜେନା ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲେ ।

# ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନ ଗୁରୁତର

**ଭୁବନେଶ୍ୱର/ବଲାଙ୍ଗୀର/ବୌଦ୍ଧ, ୧୫ ।୨(ସମିସ):** ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ଜଣ ଏସ୍ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ନଳୀକୂପା ଜଙ୍ଗଲରେ ଏହି ଘଟଣା ଘଟିଛି । ଗୁରୁତର ଯବାନଦ୍ୱୟ ହେଲେ, ଉତ୍କଳ ପଟେଲ ଓ ଆର.ଏସ୍ ନାୟକ । ଜଣଙ୍କର ଗୋଡ଼ରେ ଓ ଅନ୍ୟଜଣଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଛି । ସେମାନଙ୍କୁ ପ୍ରଥମେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେମାନଙ୍କର ସିଟି ସ୍କାନ୍ କରାଯିବା ପରେ ଅଧିକ ଚିକିତ୍ସା ଲାଗି ଏୟାରଲିଫ୍ଟ ମାଧ୍ୟମରେ ଭୁବନେଶ୍ୱର ନିଆଯାଇଛି । ଯବାନଦ୍ୱୟଙ୍କୁ ଏମ୍ସରେ ଚିକିତ୍ସା କରାଯାଉଛି । ଆସନ୍ତାକାଲି ପୁଲିସ ଡିଜି ଏମ୍ସକୁ ଯାଇ ସେମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିବେ ବୋଲି ଜଣାପଡ଼ିଛି । ଅପରପକ୍ଷେ, ନଳୀକୂପା ଜଙ୍ଗଲରେ କମ୍ବିଂ ଅପରେସନ୍କୁ ଜୋରଦାର କରିଦିଆଯାଇଛି । ପୂରା ଜଙ୍ଗଲକୁ ଘେରାବନ୍ଦୀ କରି ଯବାନମାନେ ଖାନତଲାସ ଚଳାଇଛନ୍ତି । ଏଥିପାଇଁ ଡ୍ରୋନ୍ର ସହାୟତା ନିଆଯାଉଥିବା ଜଣାଯାଇଛି ।

- ଗୁରୁତର ଯବାନଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ
- ଏମ୍ସରେ ଚିକିତ୍ସା କରାଯାଉଛି
- ନଳୀକୂପା ଜଙ୍ଗଲରେ ଚାଲିଛି କମ୍ବିଂ ଅପରେସନ୍

ସୂଚନାନୁସାରେ, ବଡ଼ଧରଣର ହିଂସାକାଣ୍ଡ ଘଟାଇବା ପାଇଁ କିଛି ନକ୍ସଲ ନଳୀକୂପା ଜଙ୍ଗଲରେ ଏକ ଶିବିର କରିଥିବା ଖବର ମିଳିବା ପରେ ଆଜି ପୂର୍ବାହ୍ଣରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସେଠାରେ କମ୍ବିଂ ଅପରେସନ୍ କରାଯାଇଥିଲା । ଏସ୍ଓଜି ଯବାନଙ୍କ ୧୬ଜଣିଆ ଏକ ଟିମ୍ ଜଙ୍ଗଲରେ ଖାନତଲାସି କରିଥିଲେ । ତେବେ ସକାଳ ପ୍ରାୟ ୯ଟା ୪୫ରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଲ୍ୟାଣ୍ଡମାଇନ୍ ଉପରେ ଦୁଇ ଯବାନଙ୍କ ଗୋଡ଼ ପଡ଼ିଯିବାରୁ ତାହା ବିସ୍ଫୋରଣ ହୋଇଥିଲା । ଏଥିରେ ଯବାନଦ୍ୱୟ ଆହତ ହୋଇଥିଲେ । ସୂଚନା ପାଇ କନ୍ଧମାଳରୁ ତୁରନ୍ତ ଏକ ଡାକ୍ତରୀ ଟିମ୍ ଜଙ୍ଗଲରେ ପହଞ୍ଚି ଆହତ ଯବାନଙ୍କୁ ପ୍ରାରମ୍ଭିକ ଚିକିତ୍ସା ଯୋଗାଇ ଦେଇଥିଲେ । ପରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ କନ୍ଧମାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରୁ ପୁଣି ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା । ସେଠାରେ କୌଣସି ଚିକିତ୍ସା ସୁବିଧା ନଥିବାରୁ ଦୁଇ ଯବାନଙ୍କୁ ଏୟାରଲିଫ୍ଟ ମାଧ୍ୟମରେ ଭୁବନେଶ୍ୱର ଅଣାଯାଇ ଏମ୍ସ୍ରେ ଭର୍ତ୍ତି କରାଯାଇଥିଲା ।



ଉଲ୍ଲେଖଯୋଗ୍ୟ, ବୌଦ୍ଧ ଜିଲ୍ଲାରେ କିଛି ଦିନ ହେଲା ମାଓ ଗତିବିଧି ବଢ଼ିଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପୁଲିସ, ଡିଭିଏଫ୍, ଏସ୍ଓଜି ମିଳିତ ଭାବେ ଉଦ୍ୟମ ଜାରି ରଖିଛନ୍ତି । ବିଭିନ୍ନ ସମୟରେ ମାଓ କ୍ୟାମ୍ପ ଉପରେ ଚଢ଼ଉ କରି ବିସ୍ଫୋରକ ସାମଗ୍ରୀ ଜବତ କରିବାରେ ଜିଲ୍ଲା ପୁଲିସ୍କୁ ସଫଳତା ମିଳିଛି ।

# ମଦ ଓ ଜୁଆ ଆଡ୍ଡାରେ ଚଢ଼ଉବେଳେ ପୁଲିସ ଉପରକୁ ଢେଲାମାଡ଼

ନନ୍ଦପୁର,୧୫।୨(ସମିସ): ବୁଧବାର ବିଳମ୍ବିତ ରାତ୍ରରେ ମଦ ଓ ଜୁଆ ଆଡ୍ଡା ଉପରେ ଚଢ଼ଉ ପାଇଁ ଯାଇଥିବା ପୁଲିସ ଅଧିକାରୀଙ୍କ ଉପରେ ଢେଲାମାଡ଼ ହୋଇଛି । ଏଥିରେ ଦୁଇ ପୁଲିସ ଅଧିକାରୀ ଆହତ ହୋଇଛନ୍ତି । ଯାହା ଏବେ ସେହି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସେପଟେ ଖବର ପାଇ କୋରାପୁଟ ଅତିରିକ୍ତ ଏସପି ବଳଭଦ୍ର ଦୀପ୍ ନନ୍ଦପୁର ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ସୂଚନାନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ସହ ଆଇଆଇସି ଆଶ୍ରିତା ଖାଲକୋ , ଏସ୍ଆଇ ଦୀପ୍ତିମୟୀ ଧାରୁଆଙ୍କ ସହ ପୁଲିସ ଟିମ୍ ଟିକ୍କରପଡ଼ା ପଞ୍ଚାୟତ ଅଧୀନସ୍ଥ ଦେବତାହଞ୍ଜାର ଗ୍ରାମରେ ମଦ କାରବାର ସହ ଜୁଆ ଆଡ୍ଡା, ଖୁଡ଼ୁଖୁଡ଼ି ଖେଳ ଚାଲିଥିବା ଖବର ପାଇ ଚଢ଼ଉ ପାଇଁ ଯାଇଥିଲେ । ଏହି ସମୟରେ ପୁଲିସ ଆସିବା ଦେଖି କିଛି ଜୁଆଡ଼ି ଅଧାରୁ ପଳେଇବା ସହ ଅତର୍କିତ ଭାବେ ସେମାନଙ୍କ ଉପରେ ଢେଲା ଓ ପଥର ବର୍ଷା କରିଥିଲେ । ହଠାତ୍ ଢେଲା ପଥରମାଡ଼ ଯୋଗୁଁ ପୁଲିସ ଘଟଣାସ୍ଥଳରେ ନିରୁପାୟ ହୋଇ ପଡ଼ିଥିଲା । ସେପଟେ ନିକଟରେ ଏକ ବିବାହ ଭୋଜିରେ ନାଚଗୀତର ଆସର ଜମି ଥିବା ବେଳେ ସେହି ସୁଯୋଗ ନେଇ ଦୁର୍ବୃତ୍ତମାନେ ପୁଲିସ ଉପରେ ଢେଲାମାଡ଼ କରିଥିଲେ । ତେବେ କୌଣସି ପ୍ରକାରେ ସେଥିମଧ୍ୟରୁ ଚାରି ଜଣଙ୍କୁ କାବୁ କରି ଧରିବାରେ ପୁଲିସ ସଫଳ ହୋଇଥିବାବେଳେ ଜୁଆଡ଼ିଙ୍କ ଆକ୍ରସର ଶିକାର ହୋଇ ଦୁଇ ପୁଲିସ ଅଧିକାରୀ ଏସଡିପିଓ ଶ୍ରୀ ମାଝୀ ଓ ଆଇଆଇସି ଆଶ୍ରିତା ଖାଲୋକୋ ଆହତ ହୋଇଥିବା ଖବର ମିଳିଛି । ସେପଟେ ଖବର ପାଇ କୋରାପୁଟ ଅତିରିକ୍ତ ଏସପି ବଳଭଦ୍ର ଦୀପ୍ ନନ୍ଦପୁର ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଏହି ଘଟଣାକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି, ପୁଲିସ ଅଧିକାରୀ ତାଙ୍କ କର୍ତ୍ତବ୍ୟ କରୁଥିବା ବେଳେ ଲୋକେ ଢେଲାମାଡ଼ କରିବା ଅଶୋଭନୀୟ ବୋଲି କହିବା ସହ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ନନ୍ଦପୁର ପୁଲିସ ଉପରେ ପଥର ଢେଲାମାଡ଼ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଏପରି ଘଟଣା ନନ୍ଦପୁର ପୁଲିସ ପାଇଁ ଦ୍ୱିତୀୟ ହୋଇଥିବାବେଳେ ଆଗକୁ ପୁଲିସର ଆଭିମୁଖ୍ୟ କ'ଣ ରହିବ ତାହାକୁ ନେଇ ଏବେ ସାଧାରଣରେ ଆଲୋଚନା ଜୋର୍ ଧରିଛି । ଅନ୍ୟପଟେ ଘଟଣାସ୍ଥଳରୁ ୪ ଦୁର୍ବୃତ୍ତଙ୍କୁ ଉଠାଇ ଆଣିଥିବାବେଳେ ପୁଲିସ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଏସ୍ଆଇ ବେଦବର ସାହୁଙ୍କୁ ତଦନ୍ତ ଭାର ପ୍ରଦାନ କରାଯାଇଛି ।

**ଆଇଆଇସି ଓ ଏସଡିପିଓ ଆହତ; ୪ ଅଟକ**

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ । ଆପଣଙ୍କ ପାଇଁ ସମୟ ବହୁତ ଭଲ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଧନ ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି । କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ଆର୍ଥିକ ମାମଲାରେ ସାବଧାନ ରହିବେ । କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ । ଅକସ୍ମାତ୍ ଧନ ଲାଭ ଯୋଗ ରହିଛି । ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ । ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ । ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି ।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ । ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ । ସମୟର ସଦୁପଯୋଗ କରନ୍ତୁ । ପାରିବାରିକ କଳହ ସମାପ୍ତ ହେବ । ମାତାପିତାଙ୍କ କଥାକୁ ପାଳନ କରନ୍ତୁ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍କୁ ପୂରା କରନ୍ତୁ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । କାର୍ଯ୍ୟରୁ ସଫଳତା ମିଳିବ ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ । ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ । ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି । ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକିପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ଅନ୍ୟମାନଙ୍କୁ ସାହାଯ୍ୟ କରି ଉଦାହରଣ ସୃଷ୍ଟି କରିବେ । ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି । ପାରିବାରିକ ସମସ୍ୟା ସମାଧାନ ହେବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

# MATRIC MATE

BSE ODISHA MATRIC EXAM-2024



**SUBJECT : TLH**

PROBABLE QUESTION PAPER

## OBJECTIVE

1. स्वामीजी ने भारतवासियों के किसे प्राप्त करने को ललकारा?
   (A) ज्ञान (B) स्वाभिमान (C) दान (D) स्वतंत्रता
2. 1857 के वाद लोग किसमें डूब गए थे?
   (A) कर्महीनता में (B) कर्मसंधान में (C) कर्जो नें (D) आतंक में
3. स्वामी विवेकानन्द थे प्रचंड ——-।
   (A) प्रतिभाशाळी (B) क्रोधीं (C) अभिमानी (D) वित्तशाळी
4. संन्यासी क्यों परिबार छोडते हैं?
   (A) संसार के मोह से (B) आपनी इच्छा से (C) क्रोध से (D) गुरू की इच्छा से
5. कलिंग के साहसी सपुत थे
   (A) अरविंद (B) खुदीराम (C) चन्द्रशेखर आजाद (D) बक्सि जगबंधु
6. चाखि खुंटिआ कहाँ के सपुत थे?
   (A) कोशल के (B) मगध के (C) बिहार के (D) कलिंग के
7. कलिंग के वीरत्व की कहानी को कौन आगे बढ़ाते हैं?
   (A) अशौक (B)कारूवाकी (C) खारबेल (D) चोडगंगदेव
8. धर्माशोक ने क्या छोड दिया?
   (A) युद्ध (B) रागगद्दी (C)अहिंसा (D) क्रोध
9. "एक तिनका" कविता का मुल भाव क्या है?
   (A) दु:ख दूर करने की (B) अहंकार दूर करने की
   (C) सुख दूर करने की (D) कलंक दूर करने की
10. जाडे में चाँद किस तरह मरता है?
    (A) ठिठुर-ठिठुर कर (B) तिस - तिस कर
    (C) पिस - पिस कर (D) घिस - घिस कर
11. "इच्छा" - सही पर्यायवाची शब्द चुनिए।
    (A) गुस्सा (B) किस्सा (C) अभिलाषा (D) नाराज
12. "कृतज्ञ" सही विलोम शब्द है
    (A) रंक (B) झूठा (C) ऊँचा (D) कृतघ्न
13. अव्य पहचानिए -
    (A) राष्ट्रीय (B) पराया (C) धन्यवाद (D) धनवान
14. "मन" - विशोषण रूप चुनिए।
    (A) माना (B)मानस (C) मानसिक (D) मानसी
15. "निंदा" विशौषण रूप चुनिए।
    (A) निंदा (B) निंदित (C) निंदाने (D) निदांनी
16. वह उस पर कब्जा जमाना चाहता है।
    (A) निश्चयवाचक (B) निजवाचक (C) प्रश्नवाचक (D) पुरूषवाचक
17. यह उसके उत्थान और पतन की कहानी है।
    (A) निश्चयवाचक (C) संबंधवाचक(ण) प्रश्नवाचक (D) पुरूषवाचक
18. जो अपने से नीचे हैं उनका आदर करो, इस वाक्य में प्रयुक्त अव्यय है
    (A) जो (B) नीचे (C) अपने (D) करो
19. माँ किसे "सलोने" कहकर संबोधोत करती है?
    (A) धरती को (B) चाँद को (C) प्रकृति को (D) सूरज को
20. चाँद कहाँ सफर करता है?
    (A) पृथ्वी पर (B) सागर में (C) आसमान में (D) देवलोक में
21. सही अव्यय पद है
    (A) अपितु (B) तुम्हारा (C) पौधा (D) घर
22. "गरीबी" का विलोम शब्द है
    (A) निर्धन (B) अमीरी (C) गरीबी (D) धनी
23. विशोषण शब्द चुनिए
    (A) हृदय (B) बचन (C) मनुष्य (D) सूखा
24. "हे उत्फल के सपूतो" - कौन कहा है?
    (A) मधुसूदन ने (B) गोपबंधु ने (C) रमादेवी ने (D) गोदावरीश ने
25. "गरीबी" का विलोम शब्द है
    (A) अमीरी (B) धनी (C) सुखी (D) दुखी
26. खेतों में सिंचाई होने से किसका पैदावार बढ़ा?
    (A) मकई का (B) गेहूँ का (C) रवी फसलों का (D) अनाज का
27. कौन - सा बाँध बनने से खेतों की सिंचाई हुई?
    (A) संबलपुर (B) हीराकुद (C)बडमाल (D) नागार्जुन सागर
28. वीसवीं सदी के आरंभ में ओडिशा के इतिहास को किसने पढ़ा?
    (A)मधुसूदन (B) गोपबंधु (C) चाखि खुंटिआ (D) चक्रधर बिसोई
29. उत्कल किस का विलास सरोवर है?
    (A) साधवों का (B) चिलिका माता का (C) ओडिशा का (D) चिलिका- लक्ष्मी का
30. साधब कहाँ जाकर व्यापार करते थे?
    (A) पूर्वी द्वीपों में (B) पूर्वोत्तर द्वीपों में (C) पुर्वोत्तर राज्यों में (D) युरोप में
31. ________ स्वामी विवेकानंद के गुरू थे।
    (A) अभिराम परमहंस (B) श्री अरविंद (C) दयानंद सरस्वती (D) रामकृष्ण परमहंस
32. स्वामी जी ________ साल इंग्लैंड में रहे।
    (A) एक (B) दो (C) तीन (D) चार
33. भारत मेरे बचपन का ________ है।
    (A) आनंद-लोक (B) हिंडोला (C) प्यारा स्थान (D) वैकुंठ
34. स्वामी जी ने अमेरीका की धर्म सभा में किस भाषा में भाषण दिया?
    (A) संस्कृत (B) अग्रेजी (C) बंगला (D) हिन्दी
35. स्वामी जी ने धर्म सभा में किनके चिंतनों के बारे में बताया?
    (A) अपने (B) ऋषि-मुनियों के (C) संतों के (D) वेंदों के
36. हम कर्णकटु शब्दों में कहते हैं।
    (A)अन्यपुरूष (B) मध्यमपुरूष (C) संबंधपुरूष (D) उत्तमपुरूष
37. उसी को हम मधुर बना सकते है।
    (A) अन्यपुरूष (B) निश्चयवाचक (C) मध्यमपुरूष (D)अनिश्चयवाचक
38. उसने अपने दोनों लडकों को बुलाया।
    (A) अन्यपुरूष (B) प्रश्यवाचक (C) संबंधवाचक (D) अनिश्चयवाचक
39. तुम उसको किस प्रकार व्यक्त करोगे?
    (A) अन्यपुरूष (B) मध्यमपुरूष (C) उत्तमपुरूष (D) निजवाचक
40. विशोषण पद है:
    (A) दरवाजा (B) कमरा (C) नीला (D) आँख

## SUBJECTIVE

1. निम्नलिखित में से किसी एक का उत्तर दीजिए:
   सन 1857 के समय भारतीयों की स्थिति कैसी थी?
   अथबा मधुबाबू के पुकार सुनकर क्या हुआ?
2. निम्नलिखित में से किसी एकका भाव स्पष्ट कीजिए।
   कभी एक उँगल भर चौडा, कभी एक फुट मोटा
   बडा किसी दिन हो जाता है, और किसी दिन छोटा
   अथवा मैं झिझक उठा, हुआ बेचैन सा।
   लाल होकर आँख भी दुखने लगी।
3. निर्देशानुसार उत्तर दीजिए:
   **(i)** "मध्यम पुरुष सर्वनाम" का प्रयोग करके एक वाक्य बनाइए।
   **(ii)** अनिश्चित संख्यावाचक का प्रयोग करके एक वाक्य बनाइए।
   **(iii)** "संबंध बोधक" अव्यय का प्रयोग करके एक वाक्य बनाइए।
   **(iv)** अनिश्चयवाचक सर्वनाम का दो उदाहरण दीजिए।
   **(v)** सर्वनाम किसे कहते है?

**Answer:** 1. (D), 2. (A), 3. (A), 4. (B), 5. (D), 6. (D), 7. (C), 8. (A), 9.(B), 10. (A), 11. (C), 12. (D), 13. (C), 14. (C), 15. (B), 16. (A), 17. (A), 18. (B), 19. (B), 20. (C), 21. (A), 22. (B), 23. (D), 24. (A), 25. (A), 26. (D), 27. (B), 28. (A), 29. (D), 30. (A), 31. (D), 32. (A), 33. (B), 34. (B), 35. (B), 36. (D), 37. (B), 38. (A), 39. (B), 40. (C)

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

**Courtesy:**
**SARASWATI VIDYA MANDIR**
Neelakantha Nagar, Berhampur, GM.

■ ଦଣ୍ଡ ନାଚରେ ସାମିଲ ନହେବାରୁ ପରିବାରକୁ ବାସନ୍ଦ ଘଟଣା

## ସାମାଜିକ ବାସନ୍ଦ ଆଇନ ଆଣିବାକୁ ପରାମର୍ଶ

**ଭୁବନେଶ୍ୱର, ୧୫ ।୨ (ସମିସ):** ଦଣ୍ଡନାଚରେ ସାମିଲ ନ ହେବାରୁ ଗୋଟିଏ ପରିବାରକୁ ଗ୍ରାମବାସୀ ସାମାଜିକ ବାସନ୍ଦ କରିବା ଘଟଣାରେ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍ଆର୍ସି) ହସ୍ତକ୍ଷେପ କରିଛନ୍ତି। କଟକ ଜିଲ୍ଲା ନରସିଂହପୁର ବ୍ଲକ ସାନଗାଁରେ ଘଟିଥିବା ଏହି ଘଟଣାକୁ ଆୟୋଗ ଦୃଢ଼ ନିନ୍ଦା କରିଛନ୍ତି। ସାମାଜିକ ବାସନ୍ଦ ହେବା ଦ୍ୱାରା ଏହି ପରିବାରର ମାନବାଧିକାର କ୍ଷୁଣ୍ଣ ହୋଇଛି। ତେଣୁ କଙ୍ଗାରୁ କୋର୍ଟ କରି ଏଭଳି ବାସନ୍ଦ କରିବା ସହ ଜରିମାନା କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଆସନ୍ତା ଜୁନ୍ ୩ ତାରିଖ ସୁଦ୍ଧା ମାମଲାର କାର୍ଯ୍ୟାନୁଷ୍ଠାନ ସଂପର୍କିତ ରିପୋର୍ଟ ଦେବାକୁ ଆୟୋଗ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ସାମାଜିକ ବାସନ୍ଦ ବିରୋଧରେ ମହାରାଷ୍ଟ୍ରରେ ଥିବା ଆଇନ ଓଡ଼ିଶାରେ ମଧ୍ୟ ପ୍ରଣୟନ କରିବାକୁ ଆୟୋଗ ମୁଖ୍ୟ ଶାସନ ସଚିବଙ୍କୁ ପରାମର୍ଶ ଦେଇଛନ୍ତି।



ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ: ପ୍ରଥମ ଦିନ ଭାରତ ନିୟନ୍ତ୍ରଣରେ

# ରୋହିତ ଓ ଜାଡେଜାଙ୍କ ଶତକ



**ରାଜକୋଟ, ୧୫।୨(ଏଜେନ୍ସି)**

ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଦମ୍‌ଦାର ଶତକ ଓ ଏମାନଙ୍କ ଚତୁର୍ଥ ୱିକେଟ ଭାଗୀଦାରିରୁ ୨୦୪ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଇଂଲଣ୍ଡ ସହ ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନ ଭାରତ ନିୟନ୍ତ୍ରଣରେ ରହିଛି। ଟେଷ୍ଟ ଜୀବନରେ ରୋହିତ ୧୧ତମ ଶତକ ସହ ୧୩୧ ଓ ଜାଡେଜା ଚତୁର୍ଥ ଶତକ (ଅପରାଜିତ) ସହ ୧୧୦ ରନ୍ କରିବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ପାଳିରେ ୫ ୱିକେଟରେ ହରାଇ ୩୨୬ ରନ୍ ସଂଗ୍ରହ କରିଛି। ଗୁରୁବାର ପ୍ରଥମ ଦିନ ଖେଳ ଶେଷ ବେଳକୁ ଜାଡେଜାଙ୍କ ସହ ରାତ୍ରଜଗୁଆଳି କୁଲଦୀପ ଯାଦବ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଟେଷ୍ଟ ପଦାର୍ପଣ କରିଥିବା ସର୍ଫରାଜ ଖାନ୍ ୬୬ ବଲ୍‌ରେ ଚମତ୍କାର ୬୨ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଛନ୍ତି। ସର୍ଫରାଜଙ୍କୁ ବାଦ୍ ଦେଲେ ଅନ୍ୟ ଯୁବ ବ୍ୟାଟର ବିଫଳ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ଦ୍ରୁତଗତିରେ ବୋଲିଂ କରୁଥିବା ମାର୍କ ଉଡ୍ ୩ଟି ଓ ଟମ୍ ହର୍ଟଲୀ ଗୋଟିଏ ୱିକେଟ ପାଇଛନ୍ତି। ଜେମ୍ସ ଆଣ୍ଡରସନଙ୍କୁ କୌଣସି ୱିକେଟ ମିଳି ନ ଥିଲାବେଳେ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ୧୦୦ତମ ଟେଷ୍ଟ ପଦାର୍ପଣ କରିଛନ୍ତି। ବିଶାଖାପାଟଣାରେ ଦ୍ୱିତୀୟ ଟେଷ୍ଟ ଜିତିଥିବା ଭାରତୀୟ ଦଳ ଏହି ମ୍ୟାଚ୍ ଲାଗି ୪ ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରିଥିଲାବେଳେ ସର୍ଫରାଜ ଖାନ୍ ଏବଂ ୱିକେଟରକ୍ଷକ ଧ୍ରୁବ୍ ଜୁରେଲଙ୍କୁ ଟେଷ୍ଟ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରିବାର ସୁଯୋଗ ଦେଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ୧-୧ ସମାନ ସ୍ତରରେ ରହିଛି।

### ବିପଦରୁ ରକ୍ଷା କଲା ଦ୍ୱିଶତକୀୟ ଭାଗୀଦାରି

ଏଠାରେ ଟସ୍ ଜିତି ଘରୋଇ ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ମାତ୍ର ୩୩ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଚଳିତ ସିରିଜ୍‌ରେ ଶତକ ହାସଲ କରିଥିବା ଦଳର ଦୁଇ ଯୁବ ତାରକା ଯଶସ୍ୱୀ ଜୟସ୍ୱାଲ (୧୦), ଶୁବମାନ ଗିଲ (୦) ଓ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ରଜତ ପଟିଦାର (୫) ଦଳୀୟ ସ୍କୋର ମାତ୍ର ୩୩ ରନ୍ ମଧ୍ୟରେ ଆଉଟ ହୋଇଯାଇଥିଲେ। ଏହି ସମୟରେ କ୍ରିଜ୍‌ରେ ଥିବା ରୋହିତ ଶର୍ମାଙ୍କ ସହ ଯୋଗ ଦେଇଥିଲେ ସ୍ଥାନୀୟ ଖେଳାଳି ରବୀନ୍ଦ୍ରଜାଡେଜା। ଜାଡେଜାଙ୍କୁ ବ୍ୟାଟିଂ ଅର୍ଡରରେ ଆଗୁଆ ପଠାଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଏକାଥରରେ ଦୁଇଟି ସମସ୍ୟାର ସମାଧାନ କରିଥିଲେ। ପ୍ରଥମେ ପଦାର୍ପଣକାରୀ ସର୍ଫରାଜ ଖାନ୍‌ଙ୍କୁ ସୁରକ୍ଷା ଓ ପରେ ଜଣେ ବାମହାତୀ ବ୍ୟାଟରଙ୍କୁ ଖେଳାଳିଙ୍କୁ ଲଢ଼େଇକୁ ଛାଡ଼ିବା। ଭାରତର ଏହି ଯୋଜନା କାମ ଦେଇଥିଲା। ଉଭୟ ଧୈର୍ଯ୍ୟର ସହ ଖେଳୁଥିବାବେଳେ ୨୭ ରନ୍ କରିଥିବା ରୋହିତ ସ୍ଲିପ୍‌ରେ ଏକ କ୍ୟାଚ୍ ଦେଇଥିଲେ। ଏହି ନିୟମିତ କ୍ୟାଚ୍‌କୁ ଜୋ ରୁଟ୍ ଧରି ନ ପାରିବା ଫଳରେ ଭାରତୀୟ ଅଧିନାୟକଙ୍କୁ ଏକ ଜୀବନ ଦାନ ମିଳିଥିଲା। ଜେମ୍ସ ଆଣ୍ଡରସନ ବୋଲିଂ କରିଥିବା ଏହାର ପର ଓଭରରେ ଅମ୍ପାୟାର ଜୋଏଲ ୱିଲସନ ଅଧିନାୟକ ରୋହିତଙ୍କୁ ଏଲବିଡବ୍ଲ୍ୟୁ ଆଉଟ ଦେଇଥିଲେ। କିନ୍ତୁ ଡିଆର୍‌ଏସ୍‌ରେ ରୋହିତ ବର୍ତ୍ତିଯାଇଥିଲେ। ଏହା ପରେ ରୋହିତ ଓ ଜାଡେଜା ଆଉ କୌଣସି ସୁଯୋଗ ନ ଦେଇ ଚତୁର୍ଥ ୱିକେଟରୁ ୨୦୪ ରନ୍ ଉଠାଇବା ସହ ଭାରତକୁ ବିପଦମୁକ୍ତ କରିଥିଲେ। ଇଂଲଣ୍ଡ ଦଳ ୱିକେଟ ନେବାରେ ସଫଳ ନ ହେବାରୁ ଯୋଜନାବଦ୍ଧ ଭାବେ ସର୍ଟ ପିଚ୍ ବଲ ପକାଇଥିଲେ। ଏହି ସମୟରେ ଉଡ୍‌ଙ୍କ ଗୋଟିଏ ବଲ୍‌କୁ ରୋହିତ ପୁଲ କରିବାକୁ ଯାଇ ରୋହିତ ବେନ୍ ଷ୍ଟୋକ୍ସଙ୍କ ହାତରେ ଧରାପଡ଼ିଥିଲେ। ଇଂଲଣ୍ଡ ଦଳର ଏହି ଯୋଜନା କାମ ଦେଇଥିଲା। ରୋହିତ ୧୯୬ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୩୧ ରନ୍ କରିଥିଲେ।

### ପଦାର୍ପଣରେ ବିଶ୍ୱସନୀୟ ଅର୍ଦ୍ଧଶତକ

ରୋହିତଙ୍କ ଆଉଟ ପରେ ଜାଡେଜାଙ୍କ ସହ ଯୋଗ ଦେଇଥିଲେ ପଦାର୍ପଣକାରୀ ସର୍ଫରାଜ। ଜଣେ ନବାଗତ ଖେଳାଳି ହୋଇଥିଲେ ମଧ୍ୟ ସର୍ଫରାଜ ଇଂଲଣ୍ଡ ସ୍ପିନରଙ୍କୁ ଆରମ୍ଭରୁ ଧୂଳେଇ କରିଥିଲେ। ଏଠାରେ ସେ ମାତ୍ର ୪୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ତାଙ୍କ ସାମିଲକୁ ଯଥାର୍ଥତା ପ୍ରତିପାଦିତ କରିଥିଲେ। ୬୬ ବଲ୍‌ରେ ୯ ଚୌକା ଓ ୧ ଛକା ସହ ୬୨ ରନ୍ କରିଥିବାବେଳେ ଜାଡେଜାଙ୍କୁ ଶତକ ପୂରଣ କରିବାକୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଆଗକୁ ଯାଇ ଉଡ୍‌ଙ୍କ ସିଧାସଳଖ ଥ୍ରୋ'ରେ ରନ୍‌ଆଉଟ ହୋଇଯାଇଥିଲେ। ପଦାର୍ପଣରେ ସର୍ଫରାଜ ଉଲ୍ଲେଖନୀୟ ବ୍ୟାଟିଂ କରୁଥିବାବେଳେ ରନ୍‌ଆଉଟ ହେବାରୁ ଡ୍ରେସିଂରୁମ୍‌ରେ ଅଧିନାୟକ ରୋହିତ କ୍ଷୁବ୍ଧ ହୋଇ ତାଙ୍କ କ୍ୟାପ୍ ଫିଙ୍ଗିଦେଇଥିଲେ। ଏମାନଙ୍କ ୫ମ ୱିକେଟ ଭାଗୀଦାରିରୁ ୭୭ ରନ୍ ମିଳିଥିଲା ଓ ଏହା ମଧ୍ୟରେ ସର୍ଫରାଜଙ୍କ ଯୋଗଦାନ ଥିଲା ୬୨। ସର୍ଫରାଜଙ୍କ ଆଉଟ ପରେ ଜାଡେଜା ତାଙ୍କ ଟେଷ୍ଟ ଜୀବନର ଚତୁର୍ଥ ଶତକ ପୂରଣ କରିଥିଲେ। ଜାଡେଜା ୨୧୨ଟି ବଲ୍ ଖେଳି ୯ ଚୌକା ଓ ୨ ଛକା ସହ ୧୧୦ ରନ୍‌ରେ ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଜାଡେଜା, ଅଶ୍ୱିନ ଓ ଅନ୍ୟତମ ପଦାର୍ପଣକାରୀ ଧ୍ରୁବ ଜୁରେଲଙ୍କଠାରୁ ଭଲ ସ୍କୋର ଆଶା କରୁଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି** : ୩୨୬/୫, ୮୬ ଓଭର (ରୋହିତ ଶର୍ମା-୧୩୧, ରବୀନ୍ଦ୍ରଜାଡେଜା-୧୧୦*, ସର୍ଫରାଜ ଖାନ୍-୬୨, ମାର୍କ ଉଡ୍-୩/୬୯, ଟମ୍ ହର୍ଟଲୀ-୧/୮୧)।

## ରାଜକୋଟରେ ଭାରତୀୟ ଖେଳାଳିଙ୍କ ରେକର୍ଡ

ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମା ୧୩୧, ରବୀନ୍ଦ୍ରଜାଡେଜା ୧୧୦* ଓ ସର୍ଫରାଜ ଖାନ୍ ୬୨ ରନ୍ କରିଛନ୍ତି। ଏହି ରନ୍ ସଂଗ୍ରହ ଫଳରେ ଭାରତୀୟ ଖେଳାଳିମାନେ ଏଠାରେ ଏକାଧିକ ରେକର୍ଡ କରିବାରେ ସମର୍ଥ ହୋଇଛନ୍ତି।

**ଓପନର ଭାବେ ୮ ଶତକ** : ଏଠାରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ତାଙ୍କ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ଏହା ଫଳରେ ଚଳିତ ଟେଷ୍ଟ ଚାମ୍ପିଅନସିପ୍ (୨୦୧୯ରୁ ଏଯାଏ)ରେ ଜଣେ ଓପନର ଭାବେ ସେ ୮ଟି ଓ ଅଧିନାୟକ ଭାବେ ତୃତୀୟ ଶତକ ହାସଲ କରିଛନ୍ତି। ଏହା ସହ ଇଂଲଣ୍ଡ ବିପକ୍ଷ ୨୩ଟି ପାଳିରେ ସେ ମଧ୍ୟ ୧,୦୦୦ ରନ୍ ପୂରଣ କରିଛନ୍ତି।

**ଛକାରେ ଧୋନିଙ୍କୁ ଟପିଲେ** : ରୁଟଙ୍କୁ ଛକା ମାରିବା ଫଳରେ ରୋହିତ ଭାରତୀୟ ଭାବେ ସର୍ବାଧିକ ଛକା ମାରିବାରେ ଭାରତର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ଏହା ତାଙ୍କର ୭୯ତମ ଛକା ହୋଇଥିଲାବେଳେ ସେ ମହେନ୍ଦ୍ର ସିଂ ଧୋନି (୭୮)ଙ୍କୁ ଅତିକ୍ରମ କରିଛନ୍ତି। ସେହିପରି ଜଣେ ଅଧିନାୟକ ଭାବେ ୨୧୧ଟି ଛକା ମାରି ଏମ୍‌ଏସ୍ ଧୋନିଙ୍କ ସହ ସମକକ୍ଷ ହୋଇଛନ୍ତି। କେବଳ ଇଂଲଣ୍ଡ ଅଧିନାୟକ ଇଓନ ମୋର୍ଗାନ ସର୍ବାଧିକ ୨୩୩ଟି ଛକା ମାରିଛନ୍ତି।

**ଶତକ ହାସଲ କରିବାରେ ବୟୋଜ୍ୟେଷ୍ଠ ଅଧିନାୟକ** : ଏହି ଟେଷ୍ଟରେ ରୋହିତ ଶର୍ମା ୩୬ ବର୍ଷ ୨୯୧ ଦିନରେ ଟେଷ୍ଟ ଶତକ ହାସଲ କରି ଭାରତର ଦ୍ୱିତୀୟ ବୟୋଜ୍ୟେଷ୍ଠ ଅଧିନାୟକ ହୋଇଛନ୍ତି। ତାଙ୍କଠାରୁ କମ୍ ବୟସରେ ବିଜୟ ମର୍ଚ୍ଚାଣ୍ଟ ୩୬ ବର୍ଷ ୨୭୮ ଦିନରେ ଶତକ ହାସଲ କରି ଭାରତର ଦ୍ୱିତୀୟ ବୟୋଜ୍ୟେଷ୍ଠ ଅଧିନାୟକ ରହିଛନ୍ତି।

ସେହିପରି ଅନ୍ତର୍ଜାତୀୟ କ୍ରିକେଟରେ ଜଣେ ଓପନର ଭାବେ ରୋହିତ ଶର୍ମା ୪୨ତମ ଶତକ ହାସଲ କରି କ୍ରିସ ଗେଲଙ୍କ ସହ ସମକକ୍ଷ ହୋଇଛନ୍ତି। ଡେଭିଡ୍ ୱାର୍ଣ୍ଣର (୪୯) ଓ ସଚିନ ତେନ୍ଦୁଲକର (୪୫) କେବଳ ତାଙ୍କଠାରୁ ଅଧିକ ଶତକ ହାସଲ କରିଛନ୍ତି।

ସେହିପରି ଅନ୍ତର୍ଜାତୀୟ କ୍ରିକେଟରେ ସୌରଭ ଗାଙ୍ଗୁଲି (୧୮,୫୭୫)ଙ୍କୁ ପଛରେ ପକାଇଛନ୍ତି ରୋହିତ ଭାରତର ଚତୁର୍ଥ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହୋଇଛନ୍ତି। ଏହି ତାଲିକାରେ ବିରାଟ କୋହଲି (୨୬,୭୩୩), ସଚିନ ତେନ୍ଦୁଲକର (୨୪, ୨୦୮) ଓ ରାହୁଲ ଦ୍ରାବିଡ଼ (୨୪,୨୦୮) ରୋହିତଙ୍କଠାରୁ ଆଗରେ ଅଛନ୍ତି।

**୩୦୦୦ ରନ୍ ଓ ୨୫୦ ୱିକେଟ** : ଏଠାରେ ଜାଡେଜା ଶତକ ହାସଲ କରିବା ଫଳରେ ଟେଷ୍ଟ କ୍ରିକେଟରେ ତୃତୀୟ ଭାରତୀୟ ଖେଳାଳିଭାବେ ୩୦୦୦ ରନ୍ ଓ ୨୫୦ ୱିକେଟ ନେବାର ରେକର୍ଡ କରିଛି। ଏହି ସଫଳତା ପାଇବାରେ ସେ କପିଳ ଦେବ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପରେ ତୃତୀୟ ଭାରତୀୟ ଅଲରାଉଣ୍ଡର ହୋଇଛନ୍ତି। ସମସ୍ତ ପ୍ରଥମଶ୍ରେଣୀ କ୍ରିକେଟରେ ସେ ୭,୦୦୦ ରନ୍ ଓ ୫୦୦ ୱିକେଟ ପୂରଣ କରିଛନ୍ତି।

## ପଦାର୍ପଣ କଲେ ସର୍ଫରାଜ, ଜୁରେଲ

**ରାଜକୋଟ,୧୫ ।୨(ଏଜେନ୍ସି)**: ଗୁରୁବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ତରଫରୁ ୨୬ ବର୍ଷୀୟ ମଧ୍ୟକ୍ରମ ବ୍ୟାଟର ସର୍ଫରାଜ ନୌଶାଦ ଖାନ୍ ଓ ୨୩ ବର୍ଷୀୟ ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ ପଦାର୍ପଣ କରିଛନ୍ତି। ସର୍ଫରାଜ ଆହତ ଶ୍ରେୟସ ଆୟରଙ୍କ ସ୍ଥାନରେ ଓ ଜୁରେଲ କେଏସ୍ ଭରତଙ୍କ ସ୍ଥାନରେ ଭାରତ ପାଇଁ ଖେଳିବାର ସୁଯୋଗ ପାଇଛନ୍ତି।

### ପିତାଙ୍କୁ ସର୍ଫରାଜଙ୍କ ଆଲିଙ୍ଗନ



ମୁମ୍ବଇ ତରଫରୁ ରଣଜୀ ଖେଳୁଥିବା ସର୍ଫରାଜଙ୍କୁ ଡେବ୍ୟୁ କ୍ୟାପ ମିଳିବା ପରେ ଭାବପ୍ରବଣ ହୋଇପଡିଥିଲେ। ଗ୍ରାଉଣ୍ଡରେ ଉପସ୍ଥିତ ପିତା ନୌଶାଦ ଖାନ୍ ଓ ପରିବାରର ଅନ୍ୟ ସଦସ୍ୟଙ୍କ ମିଶି ସମସ୍ତଙ୍କୁ ଆଲିଙ୍ଗନ କରିଥିଲେ। ମ୍ୟାଚ୍‌ରେ ସର୍ଫରାଜ ପଦାର୍ପଣ କରିବା ନେଇ ଘୋଷଣା କରାଯିବା ପରେ ନୌଶାଦଙ୍କ ଆଖିରେ ଲୁହ ଆସିଯାଇଥିଲା। ଏହି ଅବସରରେ ସର୍ଫରାଜଙ୍କ ପତ୍ନୀ ମଧ୍ୟ ଉପସ୍ଥିତ ଥିଲେ। ସର୍ଫରାଜଙ୍କ ପିତା ମଧ୍ୟ କ୍ରିକେଟର ଥିଲେ। କିନ୍ତୁ ଦେଶ ପାଇଁ ଖେଳିବା ନେଇ ତାଙ୍କ ସ୍ୱପ୍ନ ଅଧୁରା ରହିଥିଲା। ସେ ଆଜମଗଡ଼ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ସର୍ଫରାଜଙ୍କ ସାନଭାଇ ମୁସିର ଓ ମୋଇନ ଖାନ ମଧ୍ୟ କ୍ରିକେଟର ରହିଛନ୍ତି। ମୁସିର ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳି ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଟି-୨୦ ବିଶ୍ୱକପ୍‌ରେ ଦ୍ରାବିଡ୍ ପ୍ରଶିକ୍ଷକ ରହିବେ

**ରାଜକୋଟ,୧୫ ।୨(ଏଜେନ୍ସି)**: ଆଗାମୀ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ପୂର୍ବତନ କ୍ରିକେଟର ରାହୁଲ ଦ୍ରାବିଡ୍ ପୂର୍ବପରି ପ୍ରଶିକ୍ଷକ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଦ୍ରାବିଡ୍‌ଙ୍କ ସହ ଆଲୋଚନା କରିବା ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ସେ ମଧ୍ୟ ରୋହିତ ଶର୍ମା ଟି-୨୦ ବିଶ୍ୱକପ୍‌ରେ ଅଧିନାୟକ ରହିବେ ବୋଲି ସୂଚନା ଦେଇଥିଲେ। ଉଭୟ ଦ୍ରାବିଡ ଓ ରୋହିତଙ୍କ ଯୋଡି ଭାରତକୁ ଆଇସିସି ଟାଇଟଲ ଦେବେ ବୋଲି ଜୟ ଶାହ ଆଶା ପ୍ରକାଶ କରିଛନ୍ତି।

## ବିଜୟଠାରୁ ୨୨୭ ରନ ଦୂରରେ ନ୍ୟୁଜିଲାଣ୍ଡ

**ହାମିଲଟନ,୧୫ ।୨(ଏଜେନ୍ସି)**: ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ବିଜୟର ନିକଟତର ହୋଇଛି। ପ୍ରଥମ ପାଳିରେ ୩୧ ରନର ଅଗ୍ରଣୀ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳିରେ ୬୯.୫ ଓଭରରେ ୨୩୫ ରନକରି ଅଲଆଉଟ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୬୭ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ଗୁରୁବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୩.୫ ଓଭରରେ ଗୋଟିଏ ୱିକେଟ ହରାଇ ୪୦ ରନ ସଂଗ୍ରହ କରିଛି। ନ୍ୟୁଜିଲାଣ୍ଡ ବିଜୟ ପାଇଁ ଆଉ ୨୨୭ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଟମ୍ ଲାଥମ ୨୧ ରନକରି ଅପରାଜିତ ରହିଛନ୍ତି। ଗୁରୁବାର ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ୬୯.୫ ଓଭରରେ ୨୩୫ ରନକରି ଅଲଆଉଟ ହୋଇଥିଲା। ଦଳର ଡେଭିଡ୍ ବେଡିଂହାମ୍ ୧୧୦ ରନ କରି କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ।

**ହାମିଲଟନ୍ ଟେଷ୍ଟ**

● ଫିଫା ମାନ୍ୟତାରେ ଭାରତ

## ୭ ବର୍ଷରେ ସବୁଠୁ ଖରାପ୍ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୧୫ ।୨(ଏଜେନ୍ସି)**: ସଦ୍ୟ ପ୍ରକାଶିତ ଫିଫା ମାନ୍ୟତାରେ ଭାରତୀୟ ପୁରୁଷ ଫୁଟବଲ ଦଳ ୧୫ଟି ସ୍ଥାନ ତଳକୁ ଖସି ୧୧୭ତମ ସ୍ଥାନରେ ରହିଛି। ଗତ ୭ ବର୍ଷ ମଧ୍ୟରେ ଭାରତ ପାଇଁ ଏହା ସବୁଠାରୁ ଖରାପ୍ ର୍ୟାଙ୍କିଙ୍ଗ୍ ସାବ୍ୟସ୍ତ ହୋଇଛି। କତାରରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କାରଣରୁ ଭାରତ ଫିଫା ମାନ୍ୟତାରେ ଏଭଳି ଅବନତୀ କରିଛି। ଭାରତ ଏସିଆନ୍ କପ୍‌ର ସବୁ ୩ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଶେଷଥର ପାଇଁ ୨୦୧୭ରେ ଜାନୁଆରୀରେ ଭାରତ ଏଭଳି ଅବନତୀ କରି ୧୨୯ତମ ସ୍ଥାନରେ ରହିଥିଲା। ୨୦୧୫ରେ ଭାରତ ୧୭୩ତମ ସ୍ଥାନକୁ ଖସି ଫିଫା ମାନ୍ୟତାରେ ସବୁଠାର ଖରାପ ପ୍ରଦର୍ଶନ କରିଥିଲା। ଫିଫା ମାନ୍ୟତାର ଶ୍ରେଷ୍ଠ-୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ।

## ନେଦରଲାଣ୍ଡସ ମହିଳା ଦଳର କ୍ରମାଗତ ଏକାଦଶ ବିଜୟ

**ରାଉରକେଲା, ୧୫ ।୨ (ସମିସ)**: ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ରେ ବିଶ୍ୱର ଏକ ନମ୍ବର ମାନ୍ୟତା ଦଳ ନେଦରଲାଣ୍ଡସ ଏହାର ବିଜୟ ଧାରା ଜାରି ରଖି ଏକାଦଶ ବିଜୟ ହାସଲ କରିଛି। ଗୁରୁବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିବା ମୁକାବିଲାରେ ନେଦରଲାଣ୍ଡସ ମହିଳା ଦଳ ୪-୨ ଗୋଲରେ ସହଜରେ ଚୀନକୁ ପରାସ୍ତ କରିଥିଲା। ବିଶ୍ୱ ହକିର ଏହି ସମ୍ମାନଜନକ ପ୍ରତିଯୋଗିତାରେ ନେଦରଲାଣ୍ଡସ ମହିଳା ଦଳ ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍ ଖେଳି ୧୧ ବିଜୟ ସହ ୩୩ ପଏଣ୍ଟ ପାଇ ଏକକ ଅଗ୍ରଣୀ ହାସଲ କରିଛି। ଅପରପକ୍ଷରେ ଚୀନ ୭ମ ମ୍ୟାଚରୁ ୩ୟ ପରାଜୟ ସହ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ନେଦରଲାଣ୍ଡସ ଏହି ଗ୍ରାଉଣ୍ଡରେ ତାହାର ଶେଷ ମ୍ୟାଚରେ ରବିବାର ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

**ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍**

### ଆମେରିକାର ୬ଷ୍ଠ ପରାଜୟ

ଏଥିପୂର୍ବରୁ ଗୁରୁବାର ଅପରାହ୍ଣରେ ବିର୍ସା ମୁଣ୍ଡାରେ ଖେଳାଯାଇଥିବା ମହିଳା ପ୍ରୋ ଲିଗ୍‌ର ଅନ୍ୟ ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୪-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ବିଜୟୀ ଅଷ୍ଟ୍ରେଲିଆ ମହିଳା ଦଳ ପ୍ରଥମ ଓ ୩ୟ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଏବଂ ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲା। ଚତୁର୍ଥ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା। ଚଳିତ ଲିଗ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳ ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଆମେରିକା ମହିଳା ଦଳ ପ୍ରତିଯୋଗିତାରେ ୬ଷ୍ଠ ମ୍ୟାଚରୁ ୬ଷ୍ଠ ପରାଜୟ ସହ ପଏଣ୍ଟ ଟେବଲରେ ଖାତା ଖୋଲିପାରି ନାହିଁ।

**ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍**

## ଭାରତର ପ୍ରଥମ ପରାଜୟ

**ଭୁବନେଶ୍ୱର, ୧୫ ।୨ (ସମିସ)**

ଚଳିତ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ରେ ଗୁରୁବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକ ମୁକାବିଲାରେ ଅଷ୍ଟ୍ରେଲିଆ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬-୪ ଗୋଲରେ ଘରୋଇ ଭାରତକୁ ପରାସ୍ତ କରିଛି। ବିଜୟୀ ଅଷ୍ଟ୍ରେଲିଆ ଦଳର ବ୍ଲାକ ଗ୍ରୋଭର ଡବଲ୍ ଗୋଲ୍ ଦେଇ ଦଳକୁ ହ୍ୟାଟ୍ରିକ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦଳ ୩ ମ୍ୟାଚରୁ ୯ ପଏଣ୍ଟ ପାଇଛି। ଅପରପକ୍ଷରେ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ପ୍ରତିଯୋଗିତାରେ ପ୍ରଥମ ପରାଜୟବରଣ କରି ୩ ମ୍ୟାଚରୁ ୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଭାରତ ଶୁକ୍ରବାର କଳିଙ୍ଗରେ ଏହାର ଶେଷ ମ୍ୟାଚରେ ଆୟର୍ଲାଣ୍ଡକୁ ଭେଟିବ। ବିଏମ୍‌ସି ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୪-୨ ଗୋଲ୍‌ରେ ଆଗୁଆ ରହିଥିଲା। କିନ୍ତୁ ଅଷ୍ଟ୍ରେଲିଆ ୪ର୍ଥ ତଥା ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଏହି ମ୍ୟାଚ୍‌କୁ ୬-୪ ଗୋଲ ବ୍ୟବଧାନରେ ଜିତି ନେଇଥିଲା।



### ଆୟର୍ଲାଣ୍ଡର ହ୍ୟାଟ୍ରିକ ପରାଜୟ

ଏଠାରେ ପୂର୍ବରୁ ଖେଳାଯାଇଥିବା ମ୍ୟାଚରେ ସ୍ପେନ ୪-୨ ଗୋଲରେ ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ସ୍ପେନ ଏହି ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି। ବିଜୟୀ ଦଳର ଏନରିକ୍ ଗୋଞ୍ଜାଲେ ୨ଟି ଗୋଲ୍ ଦେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଅପରପକ୍ଷରେ ଆୟର୍ଲାଣ୍ଡ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ପରାଜୟବରଣ ସହ ଖାତା ଖୋଲିବାରେ ଅସମର୍ଥ ହୋଇଛି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

● ଡଲାର ୮୩.୦୪ ● ପାଉଣ୍ଡ ୧୦୪.୫୭ ● ୟୁରୋ ୮୯.୩୫ ● ୟେନ୍ ୦.୫୫

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

● ସୁନା : ୫୬,୯୦୦ (ନୂଆଦିଲ୍ଲୀ)
● ରୁପା : ୭୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

● ସେନ୍‌ସେକ୍ସ ୭୨,୦୫୦.୦୦
● ନିଫ୍ଟି ୨୧,.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

● ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
● ଡିଜେଲ୍ - ୯୪.୮୬



# ଜାପାନକୁ ଗ୍ରାସିଲା ଆର୍ଥିକ ମାନ୍ଦାବସ୍ଥା

**ନୂଆଦିଲ୍ଲୀ,୧୫ା୨(ଏଜେନ୍ସି)**



ଜାପାନରେ ଦେଖାଦେଇଛି ବଡ଼ ଆର୍ଥିକ ମାନ୍ଦାବସ୍ଥା । କ୍ରମାଗତ ଭାବେ ଦୁଇଟି ତ୍ରୈମାସିକରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ହ୍ରାସ ପରିଲକ୍ଷିତ ହୋଇଛି । ଯାହାର ପରିଣାମ ସ୍ୱରୂପ ଜାପାନ ମାନ୍ଦାବସ୍ଥା କବଳକୁ ଚାଲିଆସିଛି । ଏଠାରେ ସୂଚନାଯୋଗ୍ୟ ଯେ, ଜାପାନ ବିଶ୍ୱର ତୃତୀୟ ସବୁଠାରୁ ବଡ ଅର୍ଥ ବ୍ୟବସ୍ଥା ରହିଥିଲା । ମାନ୍ଦାବସ୍ଥା ଯୋଗୁ ଏବେ ଜାପାନ ତୃତୀୟ ବୃହତ୍

| ଦେଶ | ର୍‍ୟାଙ୍କ | ଜିଡିପି (ଟ୍ରିଲିୟନ୍ ଡଲାରରେ) |
|---|---|---|
| ଆମେରିକା | ୧ | ୨୭.୯୭ |
| ଚୀନ୍ | ୨ | ୧୮.୫୬ |
| ଜର୍ମାନୀ | ୩ | ୪.୭୩ |
| ଜାପାନ | ୪ | ୪.୨୯ |
| ଭାରତ | ୫ | ୪.୧୧ |
| ବ୍ରିଟେନ୍ | ୬ | ୩.୫୯ |
| ଫ୍ରାନ୍ସ | ୭ | ୩.୧୮ |
| ଇଟାଲୀ | ୮ | ୨.୨୮ |
| ବ୍ରାଜିଲ୍ | ୯ | ୨.୨୭ |
| କାନାଡା | ୧୦ | ୨.୨୪ |

ଅର୍ଥନୀତିର ମାନ୍ୟତା ହରାଇଛି । ଜର୍ମାନୀ ଏବେ ଜାପାନ ସ୍ଥାନରେ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ର ହୋଇଛି । ଜାପାନ ବର୍ତ୍ତମାନ ଏକ ଦୁର୍ବଳ ମୁଦ୍ରା, ବୟସାଧିକ ଜନ ସମ୍ବଳ ଏବଂ ଜନସଂଖ୍ୟାରେ ବୃହତ୍ ହ୍ରାସ ସହ ସଂଘର୍ଷ କରୁଛି । ଏହାପୂର୍ବରୁ ୨୦୧୦ରେ ଚାଇନା ଅର୍ଥନୀତିର ଅଭିବୃଦ୍ଧି ହେତୁ ଜାପାନ ମାନ୍ୟତାରେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଆସିଥିଲା । ତେବେ ଆମେରିକା ଏବେ ବି ବିଶ୍ୱର ଏକ ନମ୍ବର ଅର୍ଥନୀତି ହୋଇ ରହିଛି । ଅପରାପକ୍ଷେ ଏଭଳି ସମୟରେ ଭାରତ ପାଇଁ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ସୁଯୋଗ ରହିଛି ।

ଗତ ତିନିମାସ ମଧ୍ୟରେ ଜାପାନର ଅର୍ଥ ବ୍ୟବସ୍ଥାରେ ୩.୩ ପ୍ରତିଶତ ହ୍ରାସ ଘଟିଛି । ଜାପାନର ଅର୍ଥନୀତି ଆଶାଠାରୁ ୦.୪% ଅଧିକ ହ୍ରାସ ପାଇଛି । ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଜାପାନର ଅର୍ଥ ବ୍ୟବସ୍ଥା ୦.୪ ପ୍ରତିଶତ ହ୍ରାସ ଘଟିଥିଲା । ଜାପାନର କ୍ୟାବିନେଟ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶର ଜିଡିପି ୨୦୨୩ର ଶେଷ ତିନି ମାସରେ ପୂର୍ବ ବର୍ଷର ସେହି ସମୟ ତୁଳନାରେ ୦.୪% ହ୍ରାସ ଘଟିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଯଦି କୌଣସି ଦେଶର ଅର୍ଥନୀତି କ୍ରମାଗତ ଭାବେ ଦୁଇ ଚତୁର୍ଥାଂଶ ପାଇଁ ହ୍ରାସ ହୁଏ, ତେବେ ଏହାକୁ ମାନ୍ଦାବସ୍ଥା ଭାବେ ବିବେଚନା କରାଯାଏ । ଅକ୍ଟୋବରରେ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପୂର୍ବାନୁମାନ କରିଛି ଯେ ଜର୍ମାନୀ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇପାରେ । ଜାପାନର ସରକାରଙ୍କ ସୂଚନା ଅନୁସାରେ ୨୦୨୩ରେ ଜାପାନର ଜିଡିପି ୪.୨ ଟ୍ରିଲିୟନ ଆମେରିକୀୟ ଡଲାରର ରହିଥିଲା । ହେଲେ ଜର୍ମାନୀର ଜିଡିପି ୪.୫ ଟ୍ରିଲିୟନ ଆମେରିକୀୟ ଡଲାରର ରହିଥିଲା । ସେହପରି ଡଲାର ତୁଳନାରେ ୟେନ୍‌ର ମୂଲ୍ୟ ମଧ୍ୟ ହ୍ରସ ପାଇଛି । ଡଲାର ତୁଳନାରେ ୨୦୨୨ ଏବଂ ୨୩ ଆର୍ଥିକ ବର୍ଷରେ ଏହା ୧୮ ପ୍ରତିଶତ ହ୍ରାସ ପାଇଛି ।

**ଜର୍ମାନୀ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି**

**ଜାପାନକୁ ଟପିଯିବ କି ଭାରତ !**

ଜାପାନ ୧୯୬୦ ମସିହାରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ରହିଥିଲା । ଯୁବ ସଂଖ୍ୟା ଉଚ୍ଚ ବିକାଶ ହାର ଯୋଗୁଁ ଚଳିତ ଦଶକର ଅନ୍ତବେଳକୁ ଆମେରିକା ଏବଂ ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବିକଶିତ ଅର୍ଥ ବ୍ୟବସ୍ଥା ହୋଇଯିବାର ସମ୍ଭାବନା ରହିଛି । ୨୦୨୬ ବେଳକୁ ଏହା ଜାପାନ ଏବଂ ଜର୍ମାନକୁ ଟପିଯିବ ବୋଲି ଅନୁମାନ କରାଯାଉଛି ।

# ବ୍ରିଟେନ୍‌ର ଅର୍ଥନୀତିକୁ ଶକ୍ତ ଝଟ୍‌କା

**ମାନ୍ଦାବସ୍ଥାକୁ ଆସିଲା ୟୁକେ**

**ସୁନକଙ୍କୁ ଘାରିଲାଣି ଚୌକି ଚିନ୍ତା**

ନୂଆଦିଲ୍ଲୀ,୧୫ା୨(ଏଜେନ୍ସି): ବ୍ରିଟେନ୍‌ର ଅର୍ଥନୀତିକୁ ଶକ୍ତ ଝଟ୍‌କା ଲାଗିଛି । ୨୦୨୩ ଆର୍ଥିକବର୍ଷର ଶେଷ ଭାଗରେ ବ୍ରିଟେନ୍ ଅର୍ଥନୀତି ବଡ଼ ମାନ୍ଦାବସ୍ଥାକୁ ଚାଲିଯାଇଛି । ଯାହା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ପାଇଁ ଅଡୁଆ ପରସ୍ଥିତି ସୃଷ୍ଟି କରିଛି । ୨୦୨୪ରେ ଦେଶରେ ନିର୍ବାଚନ ଥିବାରୁ ଅର୍ଥନୀତିର ଦୁରାବସ୍ଥା ତାଙ୍କ ଆଗରେ ଏକ ଆହ୍ୱାନ ସୃଷ୍ଟି କରିପାରେ । ବ୍ରିଟେନ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଓଏନ୍‌ଏସ୍)ର ସୂଚନା ଅନୁସାରେ, ବର୍ଷର ଅନ୍ତିମ ତ୍ରୈମାସିକରେ ଦେଶର ଜିଡିପି ଆକଳନଠାରୁ ଅଧିକ ୦.୩ ପ୍ରତିଶତ ହ୍ରାସ ପାଇଛି । ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ଏହା ୦.୧ ପ୍ରତିଶତ ହ୍ରାସ ହୋଇଥିଲା । ନିକଟରେ ରଏଟର୍ସର ସର୍ଭେ ଅଫ୍ ଇକୋନୋମିଷ୍ଟରେ ଆକଳନ କରାଯାଇଥିଲା ଯେ ୨୦୨୩ ଶେଷ ତ୍ରୈମାସିକ(ଅକ୍ଟୋବର- ଡିସେମ୍ବର) ଜିଡିପି ୦.୧ ପ୍ରତିଶତ ହ୍ରାସ ପାଇବ । ହେଲେ ଏହା ୦.୩ ପ୍ରତିଶତ ଖସିଆସିଛି । ୨୦୨୧ ର ପ୍ରଥମ ତ୍ରୈମାସିକ ରିପୋର୍ଟ ପରେ ଜିଡିପିରେ ଏହି ହ୍ରାସ ସର୍ବାଧିକ ବୋଲି ଓଏନ୍‌ଏସ୍ କହିଛି । ଗତ ଦୁଇ ବର୍ଷ ହେ । ବ୍ରିଟେନ୍ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ହେଉନାହିଁ । ଏହା ଏକ ପ୍ରକାର ସ୍ଥିର ରହିଛି । ତେବେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଅନୁମାନ ୨୦୨୪ରେ ସ୍ଥିତିରେ ସୁଧାର ଆସିବ । ଓଏନ୍‌ଏସ୍ ଜିଡିପି ଡାଟା ରିଲିଜ୍ କରିବା ପରେ ୟୁରୋ ଓ ଡଲାର ତୁଳନାରେ ବ୍ରିଟେନ୍ ଟଙ୍କା ପାଉଣ୍ଡ ସାମାନ୍ୟ ଦୁର୍ବଳ ହୋଇଛି ।



## ଜେଇଇ ମେନ୍‌ରେ ୯୯.୧୧% ମାର୍କ ରଖିଛନ୍ତି ଫିଜିକ୍ସୱାଲା ଛାତ୍ର



**ଭୁବନେଶ୍ୱର, ୧୫ା୨(ସମିସ):** ଭୁବନେଶ୍ୱରସ୍ଥିତ ଫିଜିକ୍ସୱାଲାର ଅଫ୍‌ଲାଇନ୍ ବିଦ୍ୟାପୀଠ ସେଣ୍ଟର ଛାତ୍ର ରିତେଶ ସାହୁ ଜେଇଇ ମେନ୍ ୨୦୨୪ ସେଶନ ୱାନରେ ୯୯.୧୧% ମାର୍କ ରଖିଛନ୍ତି । ୯୮%ରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓମ୍ ପ୍ରଧାନ (୯୮.୬୭%), ମନୀଷ ବିଶ୍ୱାଳ (୯୮.୦୬%) ଓ ଆଶୁତୋଷ କର (୯୮.୦୪%) ରହିଛନ୍ତି । ଅଗ୍ରଣୀ ଏଡ୍-ଟେକ୍ ପ୍ଲାଟଫର୍ମ ଫିଜିକ୍ସ ୱାଲା (ପିଡବ୍ଲ୍ୟୁ) ପକ୍ଷରୁ ଏହାର ଜେଇଇ ମେନ୍ ୨୦୨୪ର ଫଳାଫଳ ଘୋଷଣା କରାଯାଇଛି ଯେଉଁଥିରେ ଏହାର ୨୯୦୦ରୁ ଅଧିକ ଛାତ୍ରଛାତ୍ରୀ ୯୮%ରୁ ଅଧିକ ମାର୍କ ରଖିଛନ୍ତି । ସେହିପରି ଏହାର ୫୦୭ ଜଣ ଛାତ୍ରଛାତ୍ରୀ ୯୯.୫% ମାର୍କ ହାସଲ କରିଛନ୍ତି ଯାହାକି ପ୍ଲାଟଫର୍ମର ଇତିହାସରେ ସର୍ବାଧିକ । ୧୧୯୪ରୁ ଅଧିକ ଜଣ ଛାତ୍ରଛାତ୍ରୀ ୯୯% ମାର୍କ ରଖିଛନ୍ତି । ଏହି ଫଳାଫଳଗୁଡିକ ଶିକ୍ଷା ପ୍ରତି ଏକ ସମନ୍ୱିତ ଆଭିମୁଖ୍ୟ ଏବଂ ଏକ ବିସ୍ତୃତ ଶିକ୍ଷା ଅନୁଭୂତି ପ୍ରଦାନ କରିବା ପାଇଁ ଏହାର ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକୁ ଏକତ୍ରିତ କରିବା ମାଧ୍ୟମରେ ସମ୍ଭବ ହୋଇପାରିଛି । ଏହି ଫଳାଫଳ ସମ୍ପର୍କରେ ପିଡବ୍ଲ୍ୟୁର ଅଫ୍‌ଲାଇନ୍ ସିଇଓ ଅଙ୍କିତ ଗୁପ୍ତା କହିଛନ୍ତି, ଆମର ବିଦ୍ୟାପୀଠ ସେଣ୍ଟରଗୁଡିକର ଛାତ୍ରଛାତ୍ରୀ ଏଭଳି ଉଚ୍ଚ ପ୍ରତିଶତ ହାସଲ କରିବା ଏବଂ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ସମସ୍ତ ଶିକ୍ଷକଙ୍କୁ ସ୍ୱତନ୍ତ୍ର ଧନ୍ୟବାଦ ।

## କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଯୋଗାଣ ଆରମ୍ଭ

**ମୁମ୍ବାଇ, ୧୫ା୨(ସମିସ):** ଦେଶର ଦ୍ୱିତୀୟ ପୁରାତନ ମ୍ୟୁଚୁଆଲ୍ ଫଣ୍ଡ କାନାରା ରୋବେକୋ ମ୍ୟୁଚୁଆଲ୍ ଫଣ୍ଡ ଆଜି ଭାରତର ପରବର୍ତ୍ତୀ ଉତ୍ପାଦନ ହବ୍ ହେବାର ସମ୍ଭାବନାକୁ ସାକାର କରିବା ପାଇଁ କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଯୋଗାଣ ଆରମ୍ଭ କରିବାକୁ ଘୋଷଣା କରିଛି । ଏହି ପାଣ୍ଠି ହେଉଛି ଏକ ଖୋଲା ସମାପ୍ତ ଇକ୍ୱିଟି ସ୍କିମ୍ ଯାହା ଭାରତର ଉତ୍ପାଦନ ଥିମକୁ ପ୍ରତିନିଧିତ୍ୱ କରେ ଏବଂ ଏସଏଣ୍ଡପି ବିଏସଇ ଇଣ୍ଡିଆ ଉତ୍ପାଦନ ଟ୍ରାଇ ପାଇଁ ମାନଦଣ୍ଡ ହେବ । ଏନଏଫଓ ଫେବୃଆରୀ ୧୬, ୨୦୨୪ ରେ ଖୋଲିବ ଏବଂ ଉତ୍ପାଦନ କ୍ଷେତ୍ରକୁ ଏକ ଉତ୍ସର୍ଗୀକୃତ ଆବଣ୍ଟନ ଯୋଗାଇବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବା ସହିତ ଆସନ୍ତା ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ଏନଏଫଓ ଖୋଲା ରହିବ ।

**ଆଜି ଚାଷୀଙ୍କ ଭାରତ ବନ୍ଦ ଡକରା**

# ସାମିଲ ହେବ ଟ୍ରକ୍ ସଂଘ

**ନୂଆଦିଲ୍ଲୀ, ୧୫ା୨(ଏଜେନ୍ସି):** ୧୨ ଦଫା ଦାବି ନେଇ ଦିଲ୍ଲୀ ଅଭିଯାନରେ ବାହାରିଥିବା ହଜାର ହଜାର ଚାଷୀ ଆସନ୍ତାକାଲି ଭାରତ ବନ୍ଦ ଡକରା ଦେଇଛନ୍ତି । ପଞ୍ଜାବରୁ ଆସିଥିବା ଏହି ଚାଷୀକୁ ହରିୟାଣାରେ ଅଟକା ଯାଇଥିଲା ବେଳେ ଦିଲ୍ଲୀରେ ମଧ୍ୟ ସେମାନଙ୍କୁ ପ୍ରବେଶ ନ କରାଇଦେବା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । କିନ୍ତୁ ଚାଷୀମାନେ ଦିଲ୍ଲୀ ଅଭିଯାନରେ ଯିବାକୁ ପ୍ରୟାସ ଜାରି ରଖିଛନ୍ତି । ଏହିକ୍ରମରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତାକାଲି ଭାରତ ବନ୍ଦ ଡକରା ଦିଆଯାଇଛି । ଟ୍ରକ ସଂଘ ସହିତ ସମଭାବାପନ୍ନ ସଂଗଠନ ବନ୍ଦ ଡକରାରେ ସାମିଲ ହେବେ ବୋଲି କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପଞ୍ଜାବରୁ ପ୍ରାୟ ତିନି ଦିନ ତଳେ ହଜାର ହଜାର ଚାଷୀ ଟ୍ରକ ଏବଂ ଟ୍ରାକ୍ଟର ଯୋଗେ ଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ ସେମାନଙ୍କୁ ହରିୟାଣା ପୁଲିସ ଶମ୍ଭୁ ସୀମାରେ ଅଟକ ରଖିଛି । ଗୁରୁବାର ମଧ୍ୟ ଚାଷୀମାନଙ୍କ ଉପରେ ପାଣିମାଡ଼ କରାଯିବା ସହିତ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଛି । ଅନ୍ୟପକ୍ଷରେ ଚାଷୀନେତାଙ୍କ ସହ ଗୁରୁବାର ସନ୍ଧ୍ୟାରେ ତିନି କେନ୍ଦ୍ର ମନ୍ତ୍ରୀଙ୍କ ଆଲୋଚନା ହୋଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଯ୍ୟାସ ବାହାରି ପାରିନଥିବା ଜଣାପଡ଼ିଛି ।



## କାତାର ଅମୀରଙ୍କୁ ଧନ୍ୟବାଦ ଜଣାଇଲେ ମୋଦୀ

**ଦୋହା, ୧୫ା୨(ଏଜେନ୍ସି):** ଦୁଇ ଦିନିଆ ବିଦେଶ ଗସ୍ତ କାର୍ଯ୍ୟକ୍ରମର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାତାର ଗସ୍ତ କରି ରାଷ୍ଟ୍ରମୁଖ୍ୟ ଅମୀର ଶେଖ ତମିମ ବିନ ହମାଦଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହି ଅବସରରେ ସେ ଅମୀରଙ୍କୁ ସାଧୁବାଦ ଜଣାଇବା ସହ ଉଭୟ ରାଷ୍ଟ୍ର ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି । କାତାର ସରକାର ଭାରତର ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତି କରିଥିବାରୁ ମୋଦୀ ଅମୀର ଶେଖ ତମିମଙ୍କୁ କୃତଜ୍ଞତା ଜଣାଇଛନ୍ତି । ମୋଦୀ କାତାରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସଂଖ୍ୟାରେ ଭାରତୀୟ ସମୁଦାୟ ସ୍ୱାଗତ କରିଥିଲେ ।

## ରିଲାଏନ୍ସ ଫାଉଣ୍ଡେସନ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ ମଧ୍ୟରେ ସହଯୋଗିତା


**ଭୁବନେଶ୍ୱର, ୧୫ା୨(ସମିସ):** ରିଲାଏନ୍ସ ଫାଉଣ୍ଡେସନ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ମଧ୍ୟରେ ଏକ ସହଯୋଗିତା ସ୍ଥାପନ ହୋଇଛି । ଏଥିରେ ୫ ଲକ୍ଷ ଭାରତୀୟ ଯୁବକଯୁବତୀଙ୍କ ପାଇଁ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ଉପରେ ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ । ପାଠ୍ୟକ୍ରମ ବିକାଶ ଏବଂ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସହିତ ଏଡ୍‌ଟେକ୍, ସାଇବର ସୁରକ୍ଷା, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ପରିବେଶ ସ୍ଥାୟିତ୍ୱ, ନୀତି-ବିଶ୍ଳେଷଣ ଭଳି ବିଭିନ୍ନ କ୍ଷେତ୍ର ଉପରେ ଏହି ସହଯୋଗିତାରେ ଗୁରୁତ୍ୱ ପ୍ରଦାନ କରାଯିବ । ରିଲାଏନ୍ସ ଫାଉଣ୍ଡେସନର 'ଡିଜିଟାଲ ଫରୱାର୍ଡ ଆପ୍ରୋଚ୍' ଭବିଷ୍ୟତର ନୂଆ କ୍ୟାରିୟର ପାଇଁ ଆଗ୍ରହୀ ଯୁବବର୍ଗଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିବ ବୋଲି ଆଶା କରାଯାଉଛି । ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେସନର ସିଇଓ ଜଗନ୍ନାଥ କୁମାର କହିଛନ୍ତି ଯେ, ଭାରତରେ ବିଶ୍ୱର ସବୁଠାରୁ ଅଧିକ ଯୁବ ଜନସଂଖ୍ୟା ରହିଛି ଏବଂ ସେମାନଙ୍କୁ 'ଭବିଷ୍ୟତ ପାଇଁ ପ୍ରସ୍ତୁତ' ଦକ୍ଷତା ପ୍ରଦାନ କରିବାକୁ ଆମେ ପ୍ରୟାସ କରୁଛୁ । ରିଲାଏନ୍ସ ଫାଉଣ୍ଡେସନର ଆମେ ବିଶ୍ୱାସ କରୁ ଯେ ସେମାନଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ଏହି ସହଯୋଗିତା ଏକ ଅନନ୍ୟ ପଦକ୍ଷେପ । ଏନଏସଡିସି ସହିତ ଏହି ସହଯୋଗିତା ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶରେ ସହାୟକ ହେବ ।

## ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଆରମ୍ଭ



**ଭୁବନେଶ୍ୱର, ୧୫ା୨(ସମିସ):** ଫ୍ୟୁଚରେକ୍ସ ଟ୍ରେଡ଼ ଫେୟାର ଆଣ୍ଡ ଇଭେନ୍‌ଟ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଆୟୋଜିତ ଏବଂ ବହୁ ପ୍ରତିକ୍ଷିତ ଦ୍ୱିତୀୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ୨୦୨୪ ଆଜି ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ସରକାରଙ୍କ ଶକ୍ତି, ଏମଏସଏମଇ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଏହି ଏକ୍ସପୋକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଓସ୍ମି ଅଧ୍ୟକ୍ଷ ସାଲିନ ଅଗ୍ରୱାଲ, ଓଡିଶା ଏମ୍‌ଏସ୍‌ଏମ୍‌ଇ ବିଭାଗର ନିର୍ଦ୍ଦେଶକ ପୱନ ଗୁପ୍ତା, ଏଏମ୍/ଏନଏସ୍ ଇଣ୍ଡିଆର ହେଡ୍ ମାଇନିଂ ଅମିତ ଦୁବେ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ ଓଡିଶା ଚାପ୍ଟରର ଚେୟାରମ୍ୟାନ୍, ଆର୍କିଟେକ୍ଟ ସ୍ୱପ୍ନାଦତ୍ତ ମହାନ୍ତି, ପରିଚୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ରୋଟାରୀ ଇଣ୍ଟରନ୍ୟାସନାଲ ୩୨୬୨ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର, ରୋଟାରିଆନ ଜୟଶ୍ରୀ ମହାନ୍ତି, ଫ୍ୟୁଚରେକ୍ସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀଜୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ୪ ଦିବସୀୟ ବାଣିଜ୍ୟ ଶୋ' ୧୮ ଫେବୃଆରୀ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡିଆ ଠାରେ ଦୈନିକ ସକାଳ ୧୧ ରୁ ରାତ୍ର ୮ ଟା ପର୍ଯ୍ୟନ୍ତ ଚାଲିବ ।

## ୧୭୦ ନିୟୁତରୁ ଅଧିକ ଫେକ୍ ରିଭ୍ୟୁକୁ ହଟାଇଲା ଗୁଗୁଲ୍




**ନୂଆଦିଲ୍ଲୀ, ୧୫ା୨(ଏଜେନ୍ସି):** ନୂତନ ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) ଆଲଗୋରିଦମ ବ୍ୟବହାର କରି ମ୍ୟାପ୍ ଏବଂ ସର୍ଚ୍ଚରେ ଫେକ୍ ରିଭ୍ୟୁ ଦେଉଥିବା ୧୭୦ ନିୟୁତରୁ ଅଧିକ ନିୟମ ଉଲ୍ଲଂଘନକାରୀ ରିଭ୍ୟୁକୁ ହଟାଇଦେଇଛି ଗୁଗଲ୍ । ୨୦୨୩ ମସିହାରେ ଏହି ନୂତନ ଆଲଗୋରିଦମ ଟେକ୍ ଜଏଣ୍ଟକୁ ପୂର୍ବ ବର୍ଷ ତୁଳନାରେ ୪୫ ପ୍ରତିଶତ ଅଧିକ ଫେକ୍ ରିଭ୍ୟୁକୁ ହଟାଇବାରେ ସହାୟକ କରିଛି । ଏତାଛଡା କମ୍ପାନୀ ୧୨ ନିୟୁତରୁ ଅଧିକ ଫେକ୍ ବିଜ୍ନେସ ପ୍ରୋଫାଇଲ୍ ମଧ୍ୟ ନିଷିଦ୍ଧ କରିଥିବା ଜଣାପଡିଛି ।

ଗୁଗୁଲ ପକ୍ଷରୁ ଏକ ବ୍ଲଗ୍ ପୋଷ୍ଟରେ କୁହାଯାଇଛି ଯେ, ଗତ ବର୍ଷ ଆମେ ଏକ ନୂତନ ମେସିନ୍ ଲର୍ଣ୍ଣିଂ ଆଲଗୋରିଦମ ଆରମ୍ଭ କରିଥିଲୁ, ଯାହା ସନ୍ଦିଗ୍ଧମାନଙ୍କୁ ଶୀଘ୍ର ଚିହ୍ନଟ କରିଥାଏ । ଏହା ଦୈନିକ ଭିତ୍ତିରେ ଦୀର୍ଘକାଳୀନ ଲମ୍ବା ସମୟ ଧରି ସିଗନାଲକୁ ଯାଞ୍ଚ କରିଥାଏ । ଯଦି ଜଣେ ସମୀକ୍ଷକ ଏକାଧିକ ବ୍ୟବସାୟ ଉପରେ ସମାନ ରିଭ୍ୟୁ ଦିଅନ୍ତି କିମ୍ବା ଯଦି ଏକ ବିଜନେସ୍ ହଠାତ୍ ୧ କିମ୍ବା ୫-ଷ୍ଟାର ଅଚାନକ ବୃଦ୍ଧି ପାଇଥାଏ । ଗୁଗଲ ଏହାକୁ ପରୀକ୍ଷା କରିଥାଏ । କମ୍ପାନୀ କହିଛି ଯେ ଭିଡିଓ ମୋଡରେସନ ଆଲଗୋରିଦମଗୁଡିକର ଉନ୍ନତି ଯେପରି କି ନକଲି ଓଭରଲୋଡ୍ ଫୋନ୍ ନମ୍ବର ଚିହ୍ନଟ କରିବା, ସେଗୁଡିକୁ ୨୦୨୩ ମସିହାରେ ୧୪ ନିୟୁତ ନୀତି ଉଲ୍ଲଂଘନକାରୀ ଭିଡିଓ ଧରିବାରେ ସାହାଯ୍ୟ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୭ ନିୟୁତ ଅଧିକ । ୨୦୨୨ ସୁଦ୍ଧା ବିଜନେସ ପ୍ରୋଫାଇଲରେ ହ୍ୟାକରମାନଙ୍କ ଦ୍ୱାରା ୨ ନିୟୁତରୁ ଅଧିକ ପ୍ରୟାସକୁ ସୁରକ୍ଷିତ କରାଯାଇଥିଲା । ଗୁଗୁଲ୍ କହିଛି ଯେ କମ୍ପାନୀର ସିଷ୍ଟମ ସନ୍ଦେହଜନକ କାର୍ଯ୍ୟକଳାପ ଏବଂ ଅପବ୍ୟବହାର ଉଦ୍ୟମ ଚିହ୍ନଟ କରିବା ପରେ ୧ ଲକ୍ଷ ୨୩ ହଜାରରୁ ଅଧିକ ବ୍ୟବସାୟ ଉପରେ ଅସ୍ଥାୟୀ ସୁରକ୍ଷା ଲାଗୁ କରାଯାଇଛି । ଗତ ବର୍ଷ ଗୁଗୁଲ ଏକ ହ୍ୟାକରଙ୍କ ବିରୋଧରେ ମାମଲା ଦାୟର କରିଥିଲା ଯିଏ କି ମ୍ୟାପ୍ରେ ଫେକ୍ ରିଭ୍ୟୁ ପୋଷ୍ଟ କରୁଥିଲା ଏବଂ ଛୋଟ ବ୍ୟବସାୟ ପାଇଁ ସେବା ଉପରେ

# ନିର୍ବାଚନ ପୂର୍ବରୁ ବଢ଼ିବ କେନ୍ଦ୍ର କର୍ମଚାରୀଙ୍କ ଡିଏ !

**ନୂଆଦିଲ୍ଲୀ, ୧୫ା୨(ଏଜେନ୍ସି):**




ବାସ୍ତବରେ କେନ୍ଦ୍ର ସରକାର ପ୍ରତିବର୍ଷ ଦୁଇଥର କେନ୍ଦ୍ରୀୟ କର୍ମଚାରୀଙ୍କ ଦରମା ବୃଦ୍ଧି କରିଥାନ୍ତି । ଏହି ବୃଦ୍ଧି ଜୁଲାଇ ଏବଂ ଜାନୁଆରୀ ମାସରେ ମହଙ୍ଗା ଭତ୍ତା(ଡିଏ) ଆକାରରେ କରାଯାଇଥାଏ । ଚଳିତବର୍ଷ ହେଉଛି ନିର୍ବାଚନ ବର୍ଷ । ଆସନ୍ତା ମାସକ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ଆସିଯିବ । ଏଭଳି ପରିସ୍ଥିତିରେ ଉଭୟ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀ ଉତ୍ସାହର ସହିତ ମହଙ୍ଗା ଭତ୍ତାକୁ ଅପେକ୍ଷା କରିରହିଛନ୍ତି । ଶିଳ୍ପ ଶ୍ରମିକଙ୍କ ନିମନ୍ତେ ଉର୍ଦ୍ଧିଷ୍ଟ ଉପଭୋକ୍ତା ମୂଲ୍ୟ ସୂଚୀ (ସିପିଆଇ-ଆଇଡବ୍ଲ୍ୟୁ) ତଥ୍ୟରୁ ଜଣାପଡିଛି ଯେ ଏଥର ମହଙ୍ଗା ଭତ୍ତାରେ ୪ ପ୍ରତିଶତ ବୃଦ୍ଧି ହୋଇପାରେ, ଯାହା ପରେ ସମୁଦାୟ ଡିଏ ୫୦ ପ୍ରତିଶତରେ ପହଞ୍ଚିପାରେ । ବର୍ତ୍ତମାନ ମହଙ୍ଗା ଭତ୍ତା ୪୬ ପ୍ରତିଶତ । ଗତ ଥର ମହଙ୍ଗା ଭତ୍ତାରେ ୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା । ବର୍ତ୍ତମାନ, ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଆଧାରରେ ମହଙ୍ଗା ଭତ୍ତା ଦିଆଯାଉଛି ।

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତାର ହିସାବ ଶିଳ୍ପ ଶ୍ରମିକମାନଙ୍କ ପାଇଁ ନୂତନ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ-ଆଇଡବ୍ଲ୍ୟୁ) ଉପରେ ଆଧାରିତ ହେବ । ଶ୍ରମ ମନ୍ତ୍ରଣାଳୟର ଏକ ଶାଖା ଶ୍ରମ ବ୍ୟୁରୋ ପ୍ରତି ମାସରେ ସିପିଆଇ-ଆଇଡବ୍ଲ୍ୟୁ ତଥ୍ୟ ପ୍ରକାଶ କରିଥାଏ । ବର୍ତ୍ତମାନ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନେ ଯଥାକ୍ରମେ ୪୬ ପ୍ରତିଶତ ମହଙ୍ଗା ଭତ୍ତା ଏବଂ ମହଙ୍ଗା ଆଶ୍ୱସ୍ତି (ଡିଆର୍) ପାଉଛନ୍ତି । ୨୦୨୩ ଅକ୍ଟୋବର ୧୮ ରେ କେନ୍ଦ୍ର ସରକାର ଶେଷ ଥର ପାଇଁ ମହଙ୍ଗା ଭତ୍ତାରେ ବୃଦ୍ଧି ଘୋଷଣା କରିଥିଲେ । ଜୁଲାଇ ପହିଲାରୁ ଏହା ପିଛିଲା ଭାବେ କାର୍ଯ୍ୟକାରୀ ହୋଇଥିଲା । ତେଣୁ ବର୍ତ୍ତମାନ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଡିଏ ଏବଂ ଡିଆର୍‌ରେ ୪ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହି ବୃଦ୍ଧି ଚଳିତବର୍ଷ ଜାନୁଆରୀ ପହିଲାଠାରୁ କାର୍ଯ୍ୟକାରୀ ହେବ । ସମସ୍ତ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନେ ଡିଏ ଏବଂ ଡିଆର୍ ପାଇଥାନ୍ତି । ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ବେତନର ଏକ ଅଂଶ ହେଉଛି ମହଙ୍ଗା ଭତ୍ତା । ଏହାର ଉଦ୍ଦେଶ୍ୟ ହେଉଛି ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସ କରିବା